
'ଡେଲିଭରି ବୟ-୨'
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-37 ◆THURSDAY ◆31 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୭ ◆ଗୁରୁବାର ◆୩୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଅଧା ବିଶ୍ୱ ଥରହର

## ୮.୮ ଭୂକମ୍ପରେ ଥରିଲା ରୁଷ ଓ ଜାପାନ



■ **ମସ୍କୋ, ୩୦।୭ (ଏଜେନ୍ସି):** ବିଶ୍ୱର ଅନ୍ୟତମ ବଡ଼ ଭୂମିକମ୍ପରେ ଥରିଛି ରୁଷିଆ ଓ ଜାପାନ। ଏହାର ତୀବ୍ରତା ରିଚର ସ୍କେଲରେ ୮.୮ ମପାଯାଇଛି। ଶକ୍ତିଶାଳୀ ଭୂମିକମ୍ପ ଯୋଗୁଁ ରୁଷିଆ ଠାରୁ ଆରମ୍ଭ କରି ଜାପାନ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ, ଚିଲି, ଆଲସ୍କା, କଲମ୍ବିଆ ଓ ଆମେରିକା ଉପକୂଳ ପର୍ଯ୍ୟନ୍ତ ସୁନାମୀ ଆତଙ୍କ ସୃଷ୍ଟି କରିଛି। ଉପକୂଳ ଅଞ୍ଚଳରୁ ଲକ୍ଷ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୨୧ କିଲୋମିଟର ଗଭୀର ସମୁଦ୍ର ଭିତରେ ଭୂମିକମ୍ପର କେନ୍ଦ୍ର ଥିବାରୁ ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ। ତେବେ ଅନେକ ସ୍ଥାନରେ କୋଠା କ୍ଷତିଗ୍ରସ୍ତ ହୋଇଛି। ୨୦୧୧ ପରେ ଏହା ହେଉଛି ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ।

ଆମେରିକାର ଜିଓଲୋଜିକାଲ୍ ସର୍ଭେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆଜି ରୁଷିଆ ଉପକୂଳରୁ ୧୩୬ କିଲୋମିଟର ଦୂର କାମଚାସ୍କି ଦ୍ୱୀପ ନିକଟରେ ଶକ୍ତିଶାଳୀ ଭୂମିକଂପ ହୋଇଛି। ୨୦.୭ କିଲୋମିଟର ଗଭୀର ସମୁଦ୍ର ଭିତରେ କେନ୍ଦ୍ରୀଭୂତ ଏହି ଭୂମିକଂପର ତୀବ୍ରତା ରିଚର ସ୍କେଲରେ ୮.୮

### ଆମେରିକା, ଫ୍ରାନ୍ସ, ନ୍ୟୁଜିଲାଣ୍ଡ, ଚିଲିରେ ସୁନାମୀ ସତର୍କତା

### ରୁଷ ସହରରେ ବ୍ୟାପକ କ୍ଷତି, ସମୁଦ୍ରରେ ଭାସିଗଲା କୋଠା

ମପାଯାଇଛି। ଏହାର କିଛି ସମୟ ମଧ୍ୟରେ ଆହୁରି ଦୁଇଟି ଭୂମିକମ୍ପ ମଧ୍ୟ ଅନୁଭୂତ ହୋଇଛି। ପରବର୍ତ୍ତୀ ଝଟକା କୁହାଯାଉଥିବା ଏହି ଦୁଇଟି ଭୂମିକମ୍ପର ତୀବ୍ରତା ୬.୯ ଏବଂ ୬.୩ ଥିଲା ବୋଲି କୁହାଯାଇଛି। ▶ପୃଷ୍ଠା-୭

### ବିଶ୍ୱର ସବୁଠୁ ଦାମୀ, ଶକ୍ତିଶାଳୀ ଉପଗ୍ରହ 'ନିସାର'ର ଉତ୍କ୍ଷେପଣ

# ୯୭ ମିନିଟ୍‌ରେ ପୃଥିବୀ ପରିକ୍ରମଣ



■ **ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି):** ବୁଧବାର ସନ୍ଧ୍ୟାରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ଓ ଦାମୀ ଉପଗ୍ରହ 'ନିସାର'ର ଉତ୍କ୍ଷେପଣ ହୋଇଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍‌୧୬ ରକେଟ୍ ନିସାରକୁ ନେଇ ମହାକାଶକୁ ଯାଇଛି। ଏହି ରକେଟ ନିସାରକୁ ପୃଥିବୀଠାରୁ ୭୪୭ କିମି ଉଚ୍ଚରେ ଥିବା ସନ୍-ସିଙ୍କ୍ରୋନସ୍ କକ୍ଷରେ ଅବସ୍ଥାପିତ କରିଛି। ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ (ଇସ୍ରୋ) ଓ

**ଇସ୍ରୋକୁ ନବୀନଙ୍କ ଶୁଭେଚ୍ଛା**

ଆମେରିକାର ନ୍ୟାସନାଲ ଏରୋନେଟିକ୍ସ ସ୍ପେଶ୍ ଆଡମିନିଷ୍ଟ୍ରେସନ (ନାସା) ମିଳିତ ଭାବେ ଏହି ଉପଗ୍ରହକୁ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ▶ପୃଷ୍ଠା-୭

# ଭାରତ ଉପରେ ୨୫% ଟ୍ରମ୍ପ୍ ଶୁଳ୍କ !

■ **ୱାଶିଂଟନ୍, ୩୦।୭ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ବାଣିଜ୍ୟ ମୋର୍ଚ୍ଚାରେ ଭାରତ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଭାରତ ଉପରେ ୨୫% ଟାରିଫ୍ ବା ଶୁଳ୍କ ଲଗାଇବାକୁ ସେ ଘୋଷଣା କରିଛନ୍ତି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିର ସମୟ ସୀମା ଅଗଷ୍ଟ ପହିଲାରୁ ଶେଷ ହେଉଥିବାରୁ ଭାରତ ଉପରେ ଶୁଳ୍କ ଲାଗିବ। ହେଲେ କୌତୂହଳର ବିଷୟ ଯେ ଭାରତକୁ ବନ୍ଧୁ ରାଷ୍ଟ୍ର ବୋଲି କହି ଟ୍ରମ୍ପ୍ ଏପରି ପଦକ୍ଷେପ ନେଇଛନ୍ତି। ନୂଆ ଶୁଳ୍କ ଅଗଷ୍ଟ ପହିଲାରୁ ଲାଗୁ ହେବ। ରୁଷ ସହ ଭାରତ ତେଲ କାରବାର କରୁଥିବାରୁ ଏପରି ଶୁଳ୍କ ଛାଟ ଲାଗିଥିବା ଟ୍ରମ୍ପ୍ କହିଛନ୍ତି। ତେଣୁ ରୁଷ ସହ ବନ୍ଧୁତ୍ୱ ଭାରତ ପାଇଁ ଏବେ ମହଙ୍ଗା ପଡ଼ିଥିବା ଟ୍ରମ୍ପ୍‌ଙ୍କ ପଦକ୍ଷେପରୁ ସ୍ପଷ୍ଟ ହୋଇଛି।

ପୂର୍ବରୁ ଆମେରିକା ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି କରିବାକୁ ଇଚ୍ଛା ପ୍ରକାଶ କରିଥିଲା। କିନ୍ତୁ କିଛି କାରଣ ଯୋଗୁଁ ଏହି ଚୁକ୍ତି ଚୂଡାନ୍ତ ହୋଇପାରି ନ ଥିଲା। ଏବେ ଭାରତ ଉପରେ ୨୫% ଶୁଳ୍କ ଲାଗିବାକୁ ଯାଉଥିବାର କାରଣ ହେଉଛି, ରୁଷ ସହିତ ଭାରତର ଶକ୍ତି ଏବଂ ସାମରିକ ଚୁକ୍ତି। ଟ୍ରମ୍ପ ବୁଧବାର ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି ଯେ ତାଙ୍କର 'ବନ୍ଧୁ' ଭାରତ ଅଗଷ୍ଟ ପହିଲାରୁ ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ଦେବ।



### ଅଗଷ୍ଟ ପହିଲାରୁ ହେବ ଲାଗୁ

### ମହଙ୍ଗା ପଡ଼ିଲା ରୁଷ ସହ ବନ୍ଧୁତ୍ୱ

### ଲାଗିପାରେ ଅତିରିକ୍ତ ଜରିମାନା

ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ରୁଷ ଠାରୁ ଶକ୍ତି ଏବଂ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଭାରତକୁ ଅତିରିକ୍ତ ଜରିମାନା ଦେବାକୁ ପଡିବ। ତାଙ୍କ କହିବାନୁଯାୟୀ, ମନେରଖିବାକୁ ହେବ ଯେ ଭାରତ ଆମର ବନ୍ଧୁ, କିନ୍ତୁ ଗତ କିଛି ବର୍ଷ ହେବ ଆମେ ସେମାନଙ୍କ ସହିତ ତୁଳନାତ୍ମକ ଭାବରେ କମ୍ ବାଣିଜ୍ୟ କାରବାର କରିଛୁ। କାରଣ ଭାରତ ଅଧିକ ଶୁଳ୍କ ଲାଗୁ କରୁଛି, ଯାହା ବିଶ୍ୱରେ ସର୍ବାଧିକ। ଏପରିକି ଭାରତରେ ସବୁଠାରୁ କଠୋର ଏବଂ ଅପ୍ରୀତିକର ଅଣ-ଆର୍ଥିକ ବାଣିଜ୍ୟ ପ୍ରତିବନ୍ଧକ ସବୁ ରହିଛି। ଟ୍ରମ୍ପ୍ ଆହୁରି କହିଛନ୍ତି, ଭାରତ ସବୁବେଳେ ରୁଷଠାରୁ ଅଧିକାଂଶ ସାମରିକ ଉପକରଣ କିଣୁଛି। ଶକ୍ତି କ୍ଷେତ୍ରରେ ଚୀନ୍ ସହିତ ଭାରତ ହେଉଛି ରୁଷର ସବୁଠାରୁ ବଡ଼ କ୍ରେତା। ଯେତେବେଳେ ସମସ୍ତେ ଚାହାନ୍ତି ଯେ ରୁଷ ୟୁକ୍ରେନରେ ଦମନଲୀଳା ବନ୍ଦ କରୁ, ସେତେବେଳେ ଭାରତ ରୁଷ ସହ ତେଲ କାରବାର ବଢ଼ାଉଛି। ତେଣୁ ଭାରତକୁ ଅଗଷ୍ଟ ୧ ରୁ ୨୫% ଶୁଳ୍କ ଦେବାକୁ ପଡିବ। ଏହି ନିଷ୍ପତ୍ତି ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସନ୍ତୁଳନକୁ ନଷ୍ଟ କରିପାରେ ଏବଂ ରପ୍ତାନିକୁ ପ୍ରଭାବିତ ମଧ କରିବାର ସମ୍ଭାବନା ରହିଛି।

ସୂଚନାଥାଉକି, ଆମେରିକାର ବାଣିଜ୍ୟ କ୍ଷତିର ମୁକାବିଲା କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାର୍ଟନର ଦେଶମାନଙ୍କୁ ବାଣିଜ୍ୟ ଚୁକ୍ତି କରିବାକୁ ଆହ୍ୱାନ ଦେଇଥିଲେ। ଏହାର ଜବାବରେ ସେ ଚଳିତ ବର୍ଷ ଏପ୍ରିଲ ୨ ତାରିଖରେ ବିଭିନ୍ନ ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇଥିଲେ। ସେତେବେଳେ ଭାରତ ଉପରେ ୨୬ ପ୍ରତିଶତ ଶୁଳ୍କ ଲଗାଇଥିଲେ ଟ୍ରମ୍ପ। ଏହାର କିଛି ▶ପୃଷ୍ଠା-୭

**ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ସ୍ଥିତି ଅନୁଧ୍ୟାନ**

# କ୍ଷୟକ୍ଷତି ରିପୋର୍ଟ ପରେ ସହାୟତା

■ **ଭୁବନେଶ୍ୱର, ୩୦।୭ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଆକାଶମାର୍ଗରୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ ହେଲିକପ୍ଟର ଯୋଗେ ବନ୍ୟା ସ୍ଥିତି

### ୩ ଜିଲ୍ଲାର ୩୦ ହଜାରରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ

### ଜଳସ୍ତର କମୁଛି, ସ୍ଥିତି ସୁଧୁରିବାକୁ ଆହୁରି ଦୁଇ ଦିନ ଲାଗିବ

### ଆଉ ୭ ଦିନ ରନ୍ଧାଖାଦ୍ୟ, କ୍ଷୟକ୍ଷତି ରିପୋର୍ଟ ପାଇଁ ନିର୍ଦ୍ଦେଶ

ଦେଖିଛନ୍ତି। ବନ୍ୟା ପରିସ୍ଥିତି ଅନୁଧ୍ୟାନ ପରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟର ୩ଟି ଜିଲ୍ଲାର ୮ଟି ବ୍ଲକର ୮୧ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକ୍, ଭଦ୍ରକ ଜିଲ୍ଲାର ଧାମନଗର ଓ ଭଣ୍ଡାରୀପୋଖରୀ ବ୍ଲକ୍ ▶ପୃଷ୍ଠା-୭



### ହାଇକୋର୍ଟରେ ଶିକ୍ଷକ ବଦଳି ପାଇଁ ବିଧାୟକ ଓ ସାଂସଦଙ୍କ ସୁପାରିସ ପ୍ରସଂଗ

# ବଦଳି ଉପରେ ଅନ୍ତରୀଣ ରହିତାଦେଶ

■ **କଟକ, ୩୦।୭ (ସମିସ):** ରାଜ୍ୟ ସରକାର ନିକଟରେ ବିଧାୟକ ଓ ସାଂସଦଙ୍କ ସୁପାରିସ ଭିତ୍ତିରେ ଶିକ୍ଷକଙ୍କ ବଦଳି ସମ୍ପର୍କିତ ନିଷ୍ପତ୍ତି ନେଇଥିବା ବେଳେ ଏହି ସୁପାରିସ ଆଧାରରେ କରାଯାଇଥିବା ବଦଳି ଆଦେଶକୁ ବିରୋଧ କରି କେତେକ ଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କିତ ଦୁଇଟି ମାମଲାର ଶୁଣାଣି କରି ଆବେଦନକାରୀ ଶିକ୍ଷକଙ୍କ ବଦଳି ଆଦେଶ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି ହାଇକୋର୍ଟ। ଫକିର ମହାନନ୍ଦ ଓ ରାହୁଲ ତ୍ରିପାଠୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ଦେଇଛନ୍ତି।



ମାମଲାରେ ପ୍ରତିପକ୍ଷ ରାଜ୍ୟ ସରକାର ଓ ଅନ୍ୟ ମାନଙ୍କୁ ନୋଟିସ କରିବା ସହ ଜବାବ ତଲବ କରିଛନ୍ତି ଅଦାଲତ।

ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ବିଧାୟକ ଓ ସାଂସଦ ମାନେ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ପର୍ଯ୍ୟନ୍ତ ଯୋଗ୍ୟ ଶିକ୍ଷକଙ୍କୁ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ନେଇଥିବା ନିଷ୍ପତ୍ତିକୁ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ▶ପୃଷ୍ଠା-୭

**ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା**

# ୪ ଶିକ୍ଷକ ସମେତ ୬ ଗିରଫ

■ **କଟକ, ୩୦।୭ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ ଘଟଣାରେ କ୍ରାଇମବ୍ରାଞ୍ଚ ୬ ଜଣଙ୍କୁ ଗିରଫ କରିଛି। ଏହି ଘଟଣାର ମାଷ୍ଟରମାଇଣ୍ଡ ତଥା ବୋର୍ଡ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟରଙ୍କ ସମେତ ଅନ୍ୟ ୪ ଜଣ ଶିକ୍ଷକ ସଂଘ କର୍ମକର୍ତ୍ତା ଏବଂ ଜଣେ ଦଲାଲକୁ ଗିରଫ କରିଥିବା ଏକ ସମ୍ବାଦିକ

### ଉପସଭାପତିଙ୍କ ଲାପ୍‌ଟପରୁ ପେନ୍‌ଡ୍ରାଇଭରେ ଆଣିଥିଲେ ପ୍ରଶ୍ନପତ୍ର

### ଲକ୍ଷାଧିକ ଟଙ୍କାରେ ବିକିଛନ୍ତି ପ୍ରଶ୍ନପତ୍ର

ସମ୍ମିଳନୀରେ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ଲିକ ହୋଇଥିବା ପ୍ରଶ୍ନପତ୍ର ବିକ୍ରି କରି ଅଭିଯୁକ୍ତମାନେ ଲକ୍ଷଲକ୍ଷ ▶ପୃଷ୍ଠା-୭



# ଆର୍‌ଆଇ, ଅମିନ ନିଯୁକ୍ତି ପରୀକ୍ଷା ବାତିଲ୍

## କୋର୍ଟଙ୍କୁ ଅବଗତ କଲେ ଆଡଭୋକେଟ୍ ଜେନେରାଲ୍

■ **ଭୁବନେଶ୍ୱର/କଟକ, ୩୦।୭ (ସମିସ):** ପ୍ରଥମରୁ ବିବାଦୀୟ ହୋଇପଡ଼ିଥିବା ଆରଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପରୀକ୍ଷା ଶେଷରେ ବାତିଲ୍ ହୋଇଛି। ବ୍ୟାପକ ଅନିୟମିତତା, ପରୀକ୍ଷାରେ ବିଭ୍ରାଟ କାରଣରୁ ପ୍ରିଲିମିନାରୀ ପରୀକ୍ଷାକୁ ବାତିଲ୍ କରିବା ପାଇଁ ପରୀକ୍ଷାର୍ଥୀମାନେ ମୂଳରୁ ଦାବି କରୁଥିଲେ। ସେମାନଙ୍କ ଦାବିକୁ ଆଗ୍ରାହ୍ୟ କରି ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରିଥିଲେ ସରକାର। ଏହି ନିଷ୍ପତ୍ତି ସରକାରଙ୍କୁ ଆଇନ୍ ଜାଲରେ ଛନ୍ଦିଥିଲା। ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷା ଦେବାର

### ୧୪ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ

### ପ୍ରିଲିମ୍ ଓ ମେନ୍ ବଦଳରେ ଗୋଟିଏ ପରୀକ୍ଷା ପାଇଁ ଦାବି

ନିୟମ ଥିଲେ ମଧ୍ୟ ଏହାର ଅନୁପାଳନ କରାଯାଇ ନ ଥିବା ଅଭିଯୋଗ କରି ହାଇକୋର୍ଟରେ ମାମଲା ହୋଇଥିଲା। ଆଜି ଏହାର ଶୁଣାଣି ବେଳେ ତ୍ରୁଟି ସ୍ୱୀକାର କରିବା ସହ ସମଗ୍ର ପରୀକ୍ଷା ପ୍ରକ୍ରିୟାକୁ ବାତିଲ୍ କରି ଆଉଥରେ ପ୍ରିଲିମିନାରୀ ପରୀକ୍ଷା କରାଯିବ ବୋଲି ଆଡଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ କୋର୍ଟଙ୍କୁ ଅବଗତ କରିଛନ୍ତି।

ଶ୍ରୀ ଆଚାର୍ଯ୍ୟ କୋର୍ଟଙ୍କୁ କହିଛନ୍ତି ଯେ ମୋଟ୍ ୫ଲକ୍ଷ ୫୮ ହଜାର ୧୨୯ ଜଣ ଆଶାୟୀ ପରୀକ୍ଷା ଦେଇଥିଲେ। ପରୀକ୍ଷା ବାତିଲ୍ ହୋଇଥିବାରୁ ପୁନଃ ପ୍ରିଲିମିନାରୀ ପରୀକ୍ଷା ପାଇଁ ସମସ୍ତଙ୍କୁ ନୂତନ ଭାବେ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଏଥିପାଇଁ କୌଣସି ଫି' ନିଆଯିବ ନାହିଁ। ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରିବା ନିଷ୍ପତ୍ତିରେ ବହୁ ମେଧାବୀ ପରୀକ୍ଷାର୍ଥୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତେ ବୋଲି ମଧ୍ୟ ସେ ▶ପୃଷ୍ଠା-୭




# ପତ୍ନୀଙ୍କ ପରଲୋକ ଖବର ଶୁଣି ପତିଙ୍କ ମୃତ୍ୟୁ

ରେବାଡି, ୩୦।୭ (ଏଜେନ୍ସି): ହରିୟାଣାର ରେବାଡୀରେ ମାତ୍ର ଅଧଘଣ୍ଟା ମଧ୍ୟରେ ପତି ଓ ପତ୍ନୀଙ୍କ ମୃତ୍ୟୁ ହୋଇଛି। ଦୁହେଁ ହାତଧରାଧରି ହୋଇ ପରଲୋକଗମନ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ପ୍ରଥମେ ପତ୍ନୀ ମୃତ୍ୟୁବରଣ କରିଥିଲେ। ଏହାକୁ ଶୁଣି ସ୍ୱାମୀ ମାନସିକ ଆଘାତ ପାଇଥିଲେ ଓ ବରଦାସ୍ତ କରି ନପାରି ଚେୟାର ଉପରେ ବସିଥିବାବେଳେ ପରଲୋକଗମନ କରିଥିଲେ। ପତ୍ନୀ ସୂରଜୀ ଦେବୀଙ୍କ ବୟସ ୯୦ ଓ ପତି ଦଲୀପ ସିଂଙ୍କ ବୟସ ୯୩ ବର୍ଷ ଥିଲା। ଦୀର୍ଘବର୍ଷ ଧରି ବଞ୍ଚି ରହିବା ଓ ଚତୁର୍ଥ ପିଢିର ସନ୍ତାନ ସନ୍ତତିଙ୍କୁ ଦେଖିବା କାରଣରୁ ପରିବାର ଲୋକେ ବାଜା ବଜାଇ ଏହି ବୟସ୍କ ଦମ୍ପତିଙ୍କର ଅନ୍ତିମ ଶୋଭାଯାତ୍ରା ବାହାର କରିଥିଲେ। ଗୋଟିଏ ଚିତାରେ ଦୁହିଁଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସୂରଜୀ କୋଠରୀ ଭିତରେ ଓ ଦଲୀପ ବାହାରେ ହିଁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଉଭୟ ପରସ୍ପରକୁ ବହୁତ ଭଲ ପାଉଥିଲେ ବୋଲି ତାଙ୍କ ପୁଅ ପୁଲ ସିଂ କହିଛନ୍ତି।

# ଟ୍ରୁଡୋ- ପେରୀଙ୍କ ସିକ୍ରେଟ ଡିନର



ମଣ୍ଟ୍ରିଲ, ୩୦।୭ (ଏଜେନ୍ସି): କାନାଡ଼ାର ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଓ ଆମେରିକାର ପ୍ରଖ୍ୟାତ୍ ପପ୍ ଗାୟିକା କେଟି ପେରୀଙ୍କୁ ନିକଟରେ ଏକାଠି ଡିନର କରୁଥିବା ଦେଖାଯାଇଛି। ଦୁହେଁ ସ୍ଥାନୀୟ ବାୟୋଲୋନ ରେଷ୍ଟୋରାଁରେ ଜୁଲାଇ ୨୮ରେ ଏକାଠି ଡିନର କରିଥିଲେ। ଏହାର ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଦୁହେଁ ଏକାଠି ସାମ୍ନାସାମ୍ନି ହୋଇ ଗୋଟିଏ ଟେବୁଲରେ ବସିଥିବା ଦେଖାଯାଇଛି। ଦୁହେଁ ଡେଟିଂ କରୁଛନ୍ତି ଓ ରୋମାନ୍ସ କରିବା ନେଇ ଅନୁମାନ କରାଯାଉଛି। ଦୁହିଁଙ୍କ ସୁରକ୍ଷା ପାଇଁ ଏକାଧିକ ଗାର୍ଡ ନିୟୋଜିତ ଥିଲେ। ଦୀର୍ଘ ସମୟ ଧରି ରେଷ୍ଟୋରାଁର କୋଣରେ ବସି ବହୁ ସମୟ କଥା ହୋଇଥିଲେ। ପେରୀ ନିଜର ନୂଆ ଆଲବମ୍ ୧୪୩ର ପ୍ରମୋଶନ ପାଇଁ ଏବେ କାନାଡାରେ ଅଛନ୍ତି।

# ସାଉଦି ଆରବରେ ସମ୍ପତ୍ତି କିଣି ପାରିବେ ବିଦେଶୀ ନାଗରିକ

ରିୟାଦ, ୩୦।୭ (ଏଜେନ୍ସି): ସାଉଦି ସରକାର ବିଦେଶୀ ନାଗରିକ ଓ କମ୍ପାନୀଗୁଡିକ ପାଇଁ ଓପନ୍ ରିୟଲ ଇଷ୍ଟେଟ୍ ମାର୍କେଟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଏବେ ସାଉଦି ଆରବରେ ବିଦେଶୀ ନାଗରିକ ସମ୍ପତ୍ତି କ୍ରୟ କରିବା ନେଇ ବାଟ ସଫା ହୋଇଛି। ଏହି ନୂଆ ନିୟମ ୨୦୨୬ରୁ ଲାଗୁ ହେବ। ଏହା ଦ୍ୱାରା ବିଦେଶୀ ପୁଞ୍ଜିନିବେଶକାରୀ ରାଜଧାନୀ ରିୟାଦ ସମେତ ଜେଦ୍ଦା ଓ ଅନ୍ୟ ଅଞ୍ଚଳରେ ଜମି ତଥା ସମ୍ପତ୍ତି କ୍ରୟ କରିପାରିବେ। ଏହି ପଦକ୍ଷେପ ସାଉଦି ଆରବର ଭିଜନ ୨୦୩୦ର ଅଂଶବିଶେଷ। ତେଲ ଉପରେ ନିର୍ଭରତା କମ୍ କରିବାକୁ ଓ ଅର୍ଥବ୍ୟବସ୍ଥାରେ ବିଭିଧତା ଆଣିବାକୁ ସରକାର ଏହି ପଦକ୍ଷେପ ନେଇଛନ୍ତି ବୋଲି କୁହାଯାଇଛି। ସାଉଦି କ୍ୟାବିନେଟ ଏହି ନୂଆ ନିୟମକୁ ମଞ୍ଜୁରୀ ଦେଇଛି। ଏହା ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ନିବେଶ ବୃଦ୍ଧି କରିବ ଓ ଏହା ଦ୍ୱାରା ସାଉଦିର ସହରଗୁଡିକ ଗ୍ଲୋବାଲ ଇନଭେଷ୍ଟର ସେଣ୍ଟରରେ ପରିଣତ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ନୂଆ ନିୟମ ଅନୁସାରେ ବିଦେଶୀ ନିବେଶକ ୪୯ ପ୍ରତିଶତ ସେୟାର କ୍ରୟ କରିପାରିବେ।

ଅଲକାଏଦା ମଡ୍ୟୁଲ୍‌ର ପର୍ଦ୍ଦାଫାସ୍

# ଶମା ପରବିନ୍ ଗିରଫ



ଅହମଦାବାଦ୍, ୩୦।୭ (ଏଜେନ୍ସି): ଗୁଜରାଟର ଆଣ୍ଟି ଟେରରିଜମ ସ୍କ୍ୱାଡ (ଏଟିଏସ୍) ବେଙ୍ଗାଲୁରୁର ହେବଲ ଅଞ୍ଚଳରୁ ଶମା ପରବିନ ନାମକ ଜଣେ ମହିଳାଙ୍କୁ ଗିରଫ କରିଛି। ଅଲକାଏଦା ସହ ଜଡିତ ଏକ ଅନ୍ତଦେର୍ଶୀୟ ଆତଙ୍କୀ ମଡ୍ୟୁଲର ଶମା ଅଂଶବିଶେଷ ବୋଲି ଏଟିଏସ୍ ତରଫରୁ କୁହାଯାଉଛି। ତାଙ୍କୁ ଜୁଲାଇ ୨୯ରେ ଗିରଫ କରାଯାଇଛି। ୩୦ ବର୍ଷୀୟା ସମା ସୋସିଆଲ ମିଡିଆ ଜରିଆରେ ଅଲକାଏଦା ସହିତ ସମ୍ପର୍କ ରଖିଥିଲେ। ସୋସିଆଲ ମିଡଆ ମାଧ୍ୟମରେ ସେ ଯୁବକମାନଙ୍କୁ ଭାରତ ବିରୋଧୀ କାର୍ଯ୍ୟକଳାପରେ ସାମିଲ କରିବାର ଦାୟିତ୍ୱରେ ଥିଲା। ଏବେ ତାଙ୍କୁ ପଚରାଉଚରା କରାଯାଉଛି। ଏହି ନେଟୱର୍କ ସହିତ ଜଡିତ ଅନ୍ୟ ଆତଙ୍କୀଙ୍କୁ ମଧ୍ୟ ଚିହ୍ନଟ କରିବା ସହଜ ହେବ। ଗତ ୨୩ ତାରିଖରେ ଗୁଜରାଟ ଏଟିଏସ୍ ନୋଏଡା, ଦିଲ୍ଲୀ, ୟୁପି ଓ ଗୁଜରାଟରୁ ୪ ଜଣ ଆତଙ୍କୀଙ୍କୁ ମଧ୍ୟ ଗିରଫ କରିଥିଲା।

# ୨ ଆତଙ୍କବାଦୀ ନିହତ

ପୁଞ୍ଚ, ୩୦।୭ (ଏଜେନ୍ସି): ଜମ୍ମୁ-କଶ୍ମୀର ପୁଞ୍ଚର ଏଲଓସିରେ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଦେଇଛି। ୨ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ସୀମାର ଦେଗୱାର ସେକ୍ଟର ଅନ୍ତର୍ଗତ ମାଲଦିବଲନ ଅଞ୍ଚଳରେ ସନ୍ଦିଗ୍ଧ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା। ଏହା ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ 'ଅପରେସନ ଶିବଶକ୍ତି' ଆରମ୍ଭ ହୋଇଥିଲା। ଆତଙ୍କବାଦୀଙ୍କ ନିକଟରୁ ୩ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି। ଗତ ତିନି ଦିନରେ ଦ୍ୱିତୀୟ ଏନକାଉଣ୍ଟର ହୋଇଛି।

# ୧୨ରୁ ଅଧିକ ଦେଶ ଉପରେ ରୁଷ୍ ଭୂକମ୍ପର ପ୍ରଭାବ



ମସ୍କୋ, ୩୦।୭ (ଏଜେନ୍ସି): ରୁଷ୍ ଭୂକମ୍ପକୁ ନେଇ ବିଶ୍ୱ ଥରି ଉଠିଛି। ୧୨ରୁ ଅଧିକ ଦେଶ ଉପରେ ଏହାର ପ୍ରଭାବ ପଡ଼ିଛି। ଭୂକମ୍ପ ପରେ ରୁଷ୍, ଜାପାନ, ଆମେରିକା (ହୱାଇ ଓ ଆଲାସ୍କା), କାନାଡ଼ା (ବ୍ରିଟିଶ କଲମ୍ବିଆ), ନ୍ୟୁଜିଲାଣ୍ଡ, ଚୀନ୍, ଇଣ୍ଡୋନେସିଆ, ତାଇୱାନ, ଫିଲିପିନ୍ସ, ପେରୁ, ମେକ୍ସିକୋ ଏବଂ ଇକ୍ୱେଡର ଭଳି ଦେଶରେ ସୁନାମୀ ଚେତାବନୀ ଜାରି କରାଯାଇଛି। ଜାପାନର ହୋକ୍କାଇଡୋ ଦ୍ୱୀପର ନେମୁରୋ ଉପକୂଳରେ ପ୍ରାୟ ୩୦ ସେମି ଉଚ୍ଚର ଲହରୀ ମାଡ଼ ହୋଇଛି। ସେହିପରି ରୁଷ୍‌ର କୁରିଲ ଦ୍ୱୀପ ପୁଞ୍ଜରେ ପ୍ରଥମ ଲହରୀ ପହଞ୍ଚିଥିବା ଜଣାପଡ଼ିଛି। ଜାପାନ ଉପକୂଳରୁ ୨୦ ଲକ୍ଷ ଲୋକଙ୍କୁ ହଟାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଫୁକୁସିମା ପରମାଣୁ କେନ୍ଦ୍ରକୁ ମଧ୍ୟ ଜାପାନ ଖାଲି କରିଦେଇଛି। ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପରିବେଶ ବିଭାଗ ପ୍ରାଧ୍ୟାପକ ପବନ କୁମାର ଯୋଶୀଙ୍କ ଅନୁଯାୟୀ ରୁଷ୍‌ରେ ଏକ ନର୍ଥ ଆମେରିକା ଏବଂ ନର୍ଥ ପ୍ୟାସିଫିକ ପ୍ଲେଟ୍ ରହିଛି। ଉଭୟ ପ୍ଲେଟ ଭୂପୃଷ୍ଠ ତଳେ ଏବଂ ସମୁଦ୍ର ତଳେ ପରସ୍ପର ସହ ଧକ୍କା ହୋଇଛି। ଏଥିଯୋଗୁଁ ରୁଷ୍‌ରେ ୮.୮ ତୀବ୍ରତାର ଭୂକମ୍ପ ଆସିଲା ବୋଲି ସେ କହିଛନ୍ତି। ଏ ପର୍ଯ୍ୟନ୍ତ ଭୂକମ୍ପର ପୂର୍ବାନୁମାନ ହୋଇପାରି ନାହିଁ। କିନ୍ତୁ ଏ ଦିଗରେ ଗବେଷଣା ଜାରି ରହିଛି।

# ଜାପାନ ଉପକୂଳକୁ ପଳାଇ ଆସିଲେ ଅନେକ ତିମି



ଟୋକିଓ, ୩୦।୭ (ଏଜେନ୍ସି): ରୁଷ୍‌ର କାମଚଟ୍‌କା ଉପଦ୍ୱୀପରେ ବୁଧବାର ସକାଳେ ଆସିଥିବା ୮.୮ ତୀବ୍ରତାର ଭୂକମ୍ପ ବିପର୍ଯ୍ୟୟ ସୃଷ୍ଟି କରିଛି। ଭୂପୃଷ୍ଠରୁ ୧୯.୩ କିମି ତଳେ ଏହାର କେନ୍ଦ୍ରସ୍ଥଳ ରହିଛି। ଭାରତୀୟ ସମୟ ପ୍ରାୟ ୪.୫୪ରେ ଏହି ଝଟ୍‌କା ଅନୁଭୂତ ହୋଇଥିଲା। ଏହା ପରେ ୬.୯ ତୀବ୍ରତାର ଅନେକ ଝଟ୍‌କା ଲାଗିଥିଲା। ଲୋକେ ଭୟରେ ଘରଦ୍ୱାର ଛାଡ଼ି ବାହାରକୁ ପଳାଇ ଆସିଥିଲେ। ଛାତରୁ ଅବଶେଷ ତଳେ ପଡ଼ି ଯାଇଥିଲା। ଅନେକ ଘର ଦୋହଲିବାରେ ଲାଗିଥିଲା। କିଛି ଘରର ଛାତ ଖସି ପଡ଼ିଥିଲା। କିଛି ସ୍କୁଲ୍ ମଧ୍ୟ ପ୍ରଭାବିତ ହୋଇଛି। ଏହି ସମୟରେ କାମଚ୍‌ଟାର ଏକ ହସ୍ପିଟାଲରେ ଅସ୍ତ୍ରୋପଚାର ଚାଲିଥିଲା। ଭୂକମ୍ପ ସତ୍ତ୍ୱେ ଡାକ୍ତର ଏହାକୁ ଅଟକାଇ ନ ଥିଲେ। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଭୂକମ୍ପର କିଛି ସମୟ ପରେ ୫ ମିଟର ଉଚ୍ଚର ଲହରୀ ଆସି କାମଚଟ୍‌କା ଉପକୂଳରେ ମାଡ଼ ହୋଇଥିଲା। ଭୂକମ୍ପ ଏବଂ ଏହା ପରେ ଆସିଥିବା ସୁନାମୀର କିଛି ଘଣ୍ଟା ପରେ ଅନେକ ତିମି ଭାସି ଆସି ଜାପାନ ଉପକୂଳରେ ଲାଗିଥିଲେ। ଏହାକୁ ଦେଖି ସାମୁଦ୍ରିକ ଜୀବଙ୍କ ଉପରେ ସୁନାମୀର ପ୍ରଭାବକୁ ନେଇ ବିଶେଷଜ୍ଞଙ୍କ ଚିନ୍ତା ବୃଦ୍ଧି ପାଇଛି।

# ସରିଲା 'ସିନ୍ଦୂର' ଆଲୋଚନା

ରାଜ୍ୟସଭାରେ ସରକାର-ବିରୋଧୀ ମୁହାଁମୁହିଁ

ଆଲୋଚନାର ଉତ୍ତର ଦେଲେ ଅମିତ ଶାହ

କକ୍ଷତ୍ୟାଗ କଲେ ବିରୋଧୀ ଦଳ

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଜି ରାଜ୍ୟସଭାରେ ଆଲୋଚନା ଚାଲିଥିବା ବେଳେ ସରକାର ଓ ବିରୋଧୀ ଦଳ ପୁଣି ମୁହାଁମୁହିଁ ହୋଇଛନ୍ତି। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ରୋକିବାରେ ସରକାର ବିଫଳ ହୋଇଛନ୍ତି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିବା ବେଳେ ଆତଙ୍କବାଦ ପାଇଁ କଂଗ୍ରେସକୁ ଦାୟୀ କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ଆଲୋଚନାର ଉତ୍ତର ଦେଇ ଶାହ କହିଲେ ଯେ ଆତଙ୍କବାଦ ସଂପର୍କରେ କହିବା ଲାଗି କଂଗ୍ରେସର କୌଣସି ଅଧିକାର ନାହିଁ। କାରଣ କଂଗ୍ରେସ ସରକାର ବେଳେ ଭୋଟ ବ୍ୟାଙ୍କ ରାଜନୀତି ଯୋଗୁଁ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ ଯେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ଆତଙ୍କବାଦର ମୂଳପୋଛ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅପରେସନ ସିନ୍ଦୂର ସଂପର୍କରେ ସେ କହିଲେ ଯେ ଅସ୍ତ୍ରବିରତି ପାଇଁ କୌଣସି ଦେଶ ଭାରତ ଉପରେ ଚାପ ପକାଇ ନ ଥିଲେ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ଭୀଷଣ କ୍ଷତି ହେବାରୁ ଆକ୍ରମଣ ବନ୍ଦ କରିବା ଲାଗି ପାକିସ୍ତାନର ସେନା ଅଧିକାରୀ ଭାରତ ନିକଟରେ ନେହୁରା ହୋଇଥିଲେ। ଏହାପରେ ଭାରତୀୟ ସେନା ଅପରେସନ ସିନ୍ଦୂର ଅଟକାଇଥିଲା। ପାକିସ୍ତାନର ୧୧ଟି ପରମାଣୁ କେନ୍ଦ୍ର ଧ୍ୱଂସ ହୋଇଯିବା ପରେ ପାକିସ୍ତାନର ମେରୁଦଣ୍ଡ ଭାଙ୍ଗିଯାଇଥିଲା।

ଅମିତ ଶାହ ଆଲୋଚନାର ଉତ୍ତର ଦେଉଥିବା ବେଳେ ସମଗ୍ର ବିରୋଧୀ ଦଳ କକ୍ଷତ୍ୟାଗ କରିଥିଲା। ଆଲୋଚନାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅନୁପସ୍ଥିତିର ବିରୋଧ କରି ସେମାନେ କକ୍ଷତ୍ୟାଗ କରିଥିଲେ। ଆଲୋଚନାରେ ଅଂଶ ଗ୍ରହଣ କରି ସରକାରଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ବିରୋଧୀଙ୍କ ଉପରେ ପ୍ରହାର କରିଥିଲେ। ଜୟଶଙ୍କର କହିଥିଲେ ଯେ ପହଲଗାମରେ ଆକ୍ରମଣ କରି ଆତଙ୍କବାଦୀମାନେ ଲକ୍ଷ୍ମଣ ରେଖା ଅତିକ୍ରମ କରିଥିଲେ। ଭାରତୀୟ ସେନା ଏହାର ମୁହଁତୋଡ଼ ଜବାବ ଦେଇଛି। ସେହିଭଳି ନଡ୍ଡା କହିଥିଲେ ଯେ ୟୁପିଏ ଶାସନ କାଳରେ ଆତଙ୍କବାଦ ଏବଂ ଆତଙ୍କବାଦର ଜନ୍ମଦାତା ପାକିସ୍ତାନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ୟୁପିଏ ସରକାର କଠୋର ହୋଇଥିଲେ ଆତଙ୍କବାଦ ଆଜି ଏତେ ଦୂରକୁ ଆସି ପାରିନଥାଆନ୍ତା। ଏହାପୂର୍ବରୁ ବିରୋଧୀ ଦଳର ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ସରକାରଙ୍କୁ ଟାର୍ଗେଟ କରି ପ୍ରଶ୍ନ କରିଥିଲେ ଯେ ଭାରତୀୟ ସେନାକୁ ସଫଳତା ମିଳୁଥିବା ବେଳେ ଅପରେସନ ସିନ୍ଦୂର କାହା ଚାପରେ ବନ୍ଦ କରାଯାଇଥିଲା? କଂଗ୍ରେସ ସାଂସଦ ରେଣୁକା ଚୌଧୁରୀ ପ୍ରଶ୍ନ କରିଥିଲେ ଯେ ପ୍ରଧାନମନ୍ତ୍ରୀ ପହଲଗାମ ଆକ୍ରମଣର ଶିକାର ପରିବାରକୁ କାହିଁକି ଭେଟୁ ନାହାନ୍ତି। ସମାଜବାଦୀ ପାର୍ଟି ସାଂସଦ ଜୟା ବଚ୍ଚନ ଆତଙ୍କବାଦ ମୁକାବିଲାରେ ସରକାରଙ୍କ ବିଫଳତାକୁ ସମାଲୋଚନା କରିଥିଲେ। ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନର ନାମ ଅପରେସନ ସିନ୍ଦୂର କାହିଁକି ରଖାଯାଇଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

# ଜଷ୍ଟିସ ବର୍ମାଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): କ୍ୟାସ ମାମଲାରେ ସୁପ୍ରିମକୋର୍ଟ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ଆବେଦନର ଶୁଣାଣି କରି ରାୟ ସୁରକ୍ଷିତ ରଖିଛନ୍ତି। ଶୁଣାଣିରେ ଜଷ୍ଟିସ ବର୍ମାଙ୍କୁ କୋର୍ଟ ଭର୍ତ୍ସନା କରିଛନ୍ତି। ତାଙ୍କ ଆଚରଣ ଉପରେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ବ୍ୟବହାରକୁ ଭରସା କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଯଦି ଯାଞ୍ଚ୍ କମିଟିର ପ୍ରକ୍ରିୟା ନେଇ ତାଙ୍କର ବିରୋଧ ଥିଲା, ତେବେ ସେତେବେଳେ କାହିଁକି ସେ ଚ୍ୟାଲେଞ୍ଜ କରି ନ ଥିଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ଏଜି ମସିହଙ୍କ ଖଣ୍ଡପୀଠ ବର୍ମାଙ୍କୁ ପ୍ରଥମେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ଉଚିତ ଥିଲା ବୋଲି କହିଛନ୍ତି। ଯାଞ୍ଚ୍ କମିଟି ତାଙ୍କୁ ଦୋଷୀ ବୋଲି ଜାଣିବା ପରେ ସେ ସୁପ୍ରିମକୋର୍ଟ ଆସିବା ଠିକ୍ ନୁହଁ ବୋଲି ଖଣ୍ଡପୀଠ କହିଛନ୍ତି। ଶୁଣାଣିରେ ଜଷ୍ଟିସ ବର୍ମାଙ୍କ ତରଫରୁ ବରିଷ୍ଠ ଓକିଲ କପିଲ ଶିବଲ ପକ୍ଷ ରଖିଥିଲେ। ସଂସଦରେ ମହାଭିଯୋଗ ଏକ ପ୍ରକ୍ରିୟା ବୋଲି ସେ କହିଥିଲେ ଓ ମହାଭିଯୋଗ ପାଇଁ କରାଯାଇଥିବା ସୁପାରିସ ଠିକ୍ ନୁହଁ ବୋଲି ଉଲ୍ଲେଖ କରିଥିଲେ। ଇନ୍ ହାଉସ କମିଟି ରିପୋର୍ଟ ଓ ମହାଭିଯୋଗ ନେଇ କରାଯାଇଥିବା ସୁପାରିସ୍‌କୁ ରଦ୍ଦ କରିବା ପାଇଁ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହି ରିପୋର୍ଟରେ ଘରୁ ଅଧାଜଳା ଟଙ୍କା ମିଳିବା ନେଇ ଜଷ୍ଟିସ ବର୍ମାଙ୍କୁ ଦୋଷୀ ବୋଲି କୁହାଯାଇଥିଲା। ପୂର୍ବରୁ ଜଷ୍ଟିସ ବର୍ମାଙ୍କ ଆବେଦନ ନେଇ ଦୁଇଥର ଜୁଲାଇ ୨୩ ଓ ୨୮ ରେ ଶୁଣାଣି ହୋଇସାରିଛି। ଘରୁ ନୋଟ ମିଳିଥିଲେ ମଧ୍ୟ ଏହା ମୋର ବୋଲି ପ୍ରମାଣିତ ହେଉ ନଥିବା କଥା ଜଷ୍ଟିସ ବର୍ମା ତାଙ୍କ ଆବେଦନରେ ଉଲ୍ଲେଖ କରିଛନ୍ତି।

ନ୍ୟାୟପାଳିକା ମୋତେ ନିରାଶ କଲା

# ମହିଳା ବିଚାରପତିଙ୍କ ଇସ୍ତଫା

ଜବଲପୁର, ୩୦।୭ (ଏଜେନ୍ସି): ମଧ୍ୟପ୍ରଦେଶ ସହଡୋଲର ଜଣେ ମହିଳା ସିଭିଲ ଜଜ୍ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଯେଉଁ ବରିଷ୍ଠ ବିଚାରପତିଙ୍କ ବିରୋଧରେ ସେ ଯୌନ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ ତାଙ୍କୁ ହାଇକୋର୍ଟ ବିଚାରପତି ନିଯୁକ୍ତିକୁ ବିରୋଧ କରି ମହିଳା ବିଚାରପତି ଅଦିତି କୁମାର ଶର୍ମା ଏହି ପଦକ୍ଷେପ ନେଇଛନ୍ତି। ସେ ଗତ ୨୮ ତାରିଖରେ ଏ ନେଇ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଥିଲେ। ଏଥିରେ ନ୍ୟାୟପାଳିକା ମୋତେ ନିରାଶ କଲା ବୋଲି କହିଛନ୍ତି। ପ୍ରତିଷ୍ଠାନକୁ ସେ ନୁହେଁ, ବରଂ ପ୍ରତିଷ୍ଠାନ ତାଙ୍କୁ ବିଫଳ କରିଦେଲା ବୋଲି ଉଲ୍ଲେଖ କରିଛନ୍ତି।

ମୁଖ୍ୟ ବିଚାରପତିଙ୍କୁ ଲେଖିଲେ ଚିଠି

ଯିଏ ଅଭିଯୁକ୍ତ ତାଙ୍କୁ କଲେ ହାଇକୋର୍ଟ ବିଚାରପତି

ନ୍ୟାୟ ନିରବୀ ଯାଇଛି



ସୂଚନା ଅନୁଯାୟୀ ମହିଳା ଯାହା ବିରୋଧରେ ଅଭିଯୋଗ ଲଗାଇ ଥିଲେ ସେହି ବିଚାରପତି ରାଜେଶ କୁମାର ଗୁପ୍ତାଙ୍କୁ ନିକଟରେ ମଧ୍ୟପ୍ରଦେଶ ହାଇକୋର୍ଟର ବିଚାରପତି ନିଯୁକ୍ତ କରାଯାଇଛି। କେନ୍ଦ୍ର ମଧ୍ୟ ଏହାକୁ ମଞ୍ଜୁରୀ ଦେଇଛନ୍ତି। ତେବେ ସେ ଏ ପର୍ଯ୍ୟନ୍ତ ଶପଥ ଗ୍ରହଣ କରିନାହାନ୍ତି। ମହିଳା ବିଚାରପତି ନିଜ ଇସ୍ତଫାକୁ ବିରୋଧର ପ୍ରତୀକ ଦର୍ଶାଇଛନ୍ତି। ମହିଳା ନିଜକୁ ଜଣେ ବିଚାରପତି ଭାବରେ ପରିଚୟ ଦେଇ କହିଛନ୍ତି ଯେ ଜଣେ ବରିଷ୍ଠ ବିଚାରପତିଙ୍କ ବିରୋଧରେ ସେ କହିବାକୁ ସାହସ କରିଥିଲେ। ଏହି ବ୍ୟକ୍ତି କ୍ଷମତାର ଅପବ୍ୟବହାର କରୁଥିଲେ। ତାଙ୍କୁ ବର୍ଷ ବର୍ଷ ଧରି ନିର୍ଯାତନା ଦେଉଥିଲେ। ସେ ନ୍ୟାୟ ପାଇଁ ପ୍ରତ୍ୟେକ ବୈଧ ପଥ ଅନୁସରଣ କରିଥିଲେ। ଯଦି ନ୍ୟାୟ ନ ମିଳି ତେବେ ମାମଲାରେ ଶୁଣାଣି ହେବ ବୋଲି ସେ ଆଶା ରଖିଥିଲେ। କିନ୍ତୁ ଏହା ବି ହୋଇ ନ ଥିଲା। ଯିଏ ଦୁଃଖ ଦେଇଥିଲା ତାଙ୍କୁ ପ୍ରଶ୍ନ ପଚରା ଯାଇ ନ ଥିଲା। ଏହାର ପ୍ରତି ବଦଳରେ ତାଙ୍କୁ ପୁରସ୍କୃତ କରାଯାଇଥିଲା। ସୁପାରିସ କରାଯାଇ ପଦୋନ୍ନତି ମଧ୍ୟ ଦିଆଯାଇଥିଲା। ସମନ ବଦଳରେ ଉଚ୍ଚ ପଦରେ ଅବସ୍ଥାପିତ କରି ଦିଆଯାଇଥିଲା। ନ୍ୟାୟକୁ ଅଣଦେଖା କରାଯାଇ ଏଭଳି ନିଷ୍ଠୁର ପଦକ୍ଷେପ ନିଆଯାଇଥିଲା

ମହିଳା ବିଚାରପତି ଦାବି କରିଛନ୍ତି ଯେ ସେ ପ୍ରମାଣ ସହିତ ବିଚାରପତିଙ୍କ ବିରୋଧରେ ଅଭିଯୋଗ ଲଗାଇ ଥିଲେ। କିନ୍ତୁ ମାମଲାର ତଦନ୍ତ କରାଗଲା ନାହିଁ, ନୋଟିସ ବି ଦିଆଗଲା ନାହିଁ। ଦୋଷ ଧାର୍ଯ୍ୟ କରିବା ତ ଦୂରର କଥା ମାମଲାକୁ ନେଇ ତାଙ୍କୁ କୌଣସି ସ୍ପଷ୍ଟୀକରଣ ମଧ୍ୟ ମଗାଗଲା ନାହିଁ। ସେ ବିଚାରପତି ହେବାକୁ ଯୋଗ୍ୟ ନୁହେଁ। ଏହା ଏକ ନିଷ୍ଠୁର ପରିହାସ ସହ ସମାନ। ସଚ୍ଚୋଟତାର ସହ ନ୍ୟାୟ ପାଇଁ ଲଢ଼ିଥିବା ଜଣେ ମହିଳା ବିଚାରପତିଙ୍କୁ ସେହି ବ୍ୟବସ୍ଥା ହିଁ ଭାଙ୍ଗି ଦେଲା। ଏହା ସାରା ଦିନ ପାଇଁ ରେକର୍ଡରେ ରହିବା ଉଚିତ। ନ୍ୟାୟ ଉପରୁ ବିଶ୍ୱାସ ହରାଇ ନୁହେଁ, ବରଂ ନ୍ୟାୟ ନିଜ ରାସ୍ତା ଭୁଲି ଯାଇଛି ବୋଲି ଇସ୍ତଫା ଦେଉଛି। ନ୍ୟାୟର ରକ୍ଷା ପାଇଁ ଶପଥ ନେଇଥିବା ବ୍ୟକ୍ତି ଆଜି ସେହି ସଂସ୍ଥାକୁ ଛାଡ଼ି ଯାଉଛି। ଆଜି ନ୍ୟାୟର ନିରବତାର ଫଳ ଭୋଗୁଛି ବୋଲି ମହିଳା କହିଛନ୍ତି। ସେ ୨୦୨୩ରେ ଜଣେ ବରିଷ୍ଠ ବିଚାରପତିଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ। ରାଷ୍ଟ୍ରପତି ଏବଂ ସୁପ୍ରିମକୋର୍ଟ କଲେଜିୟମକୁ ଚିଠି ଲେଖି ଉକ୍ତ ବିଚାରପତିଙ୍କ ପଦୋନ୍ନତି ରୋକିବାକୁ ନିବେଦନ କରିଥିଲେ। ଏହା ସହିତ ଦୁଇ ମହିଳା ନ୍ୟାୟିକ ଅଧିକାରୀ ସେହି ବିଚାରପତିଙ୍କ ବିରୋଧରେ ଲିଖିତ ଅଭିଯୋଗ ମଧ୍ୟ ଦେଇଥିଲେ। ଏହା ସତ୍ତ୍ୱେ ବିନା ଯାଞ୍ଚରେ ଉକ୍ତ ବିଚାରପତିଙ୍କୁ ହାଇକୋର୍ଟରେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ୨୦୨୩ରେ ଉକ୍ତ ମହ ମହିଳା ବିଚାରପତିଙ୍କ ସମେତ ୬ ଜଣଙ୍କୁ ସେବାରୁ ବହିଷ୍କାର କରିଦିଆଯାଇଥିଲା। ପ୍ରଦର୍ଶନ ଭଲ ନ ଥିବା କୁହାଯାଇଥିଲା। ପରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରି ତାଙ୍କୁ ପୁନଃ ଅବସ୍ଥାପିତ କରିଥିଲେ।

ସେନାଗାଡ଼ି ଉପରେ ଖସିଲା ପଥର

# ଲେଫ୍ଟନାଣ୍ଟ କର୍ଣ୍ଣେଲ, ଯବାନ ମୃତ

ଶ୍ରୀନଗର, ୩୦।୭ (ଏଜେନ୍ସି): ଲଦାଖରେ ସେନାର ଏକ ଗାଡ଼ି ଉପରେ ବୁଧବାର ସକାଳେ ପଥର ଖସିବାରୁ ଲେଫ୍ଟନାଣ୍ଟ କର୍ଣ୍ଣେଲ ଭାନୁ ପ୍ରତାପ ସିଂ ଓ ଲାନ୍ସ ଦଫାଦାର ଦଲଜିତ ସିଂ ପ୍ରାଣ ହରାଇଛନ୍ତି। ୩ ଜଣ ସେନା ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି। ଚୋଙ୍ଗତାସରୁ ଲଦାଖ ଯିବା ମାର୍ଗରେ ଏହି ଅଘଟଣ ଘଟିଥିଲା। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀର ଗାନ୍ଦରବାଲର କୁଲ୍ଲାନରେ ପ୍ରବଳ ବର୍ଷା ଯୋଗୁଁ ଆଇଟିବିପି ଯବାନଙ୍କୁ ନେଇ ଯାଉଥିବା ଏକ ବସ୍ ସିନ୍ଧ୍ ନଦୀକୁ ଖସି ପଡ଼ିଛି। ବସ୍‌ରେ ଯାତ୍ରା କରୁଥିବା ସବୁ ଯବାନଙ୍କୁ ଉଦ୍ଧାର କରାଯାଇଛି।

ରାଜସ୍ଥାନ-ଏମ୍‌ପିରେ ବନ୍ୟାସ୍ଥିତି

# ୧୮ ଜିଲ୍ଲାରେ ସ୍କୁଲ ବନ୍ଦ



ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଦେଶବ୍ୟାପୀ ପ୍ରବଳ ବର୍ଷା ଜାରି ରହିଛି। ରାଜସ୍ଥାନରେ ବୁଧବାର ସବୁ ୬ ଜିଲ୍ଲାରେ ରେଡ ଆଲର୍ଟ ଜାରି କରାଯାଇଥିବା ବେଳେ ବାକି ଜିଲ୍ଲାଗୁଡିକରେ ୟେଲୋ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବର୍ଷା କରାଣରୁ ୧୪ଟି ଜିଲ୍ଲାରେ ସ୍କୁଲ ବନ୍ଦ କରାଯାଇଛି। ସେହିପରି ମଧ୍ୟପ୍ରଦେଶରେ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଭୋପାଳ, ନର୍ମଦାପୁରମ, ସିହୋର, ଅଶୋକନଗର ଜିଲ୍ଲାରେ ସ୍କୁଲ ଛୁଟି କରାଯାଇଛି। ମଧ୍ୟପ୍ରଦେଶରେ ୩୦ରୁ ୩୫ ଲୋକ ବନ୍ୟାରେ ଫସି ରହିଛନ୍ତି ଓ ଉଦ୍ଧାର ପାଇଁ ଯବାନ କର୍ଯ୍ୟରେ ଲାଗି ପଡ଼ିଛନ୍ତି। ସେହିପରି ହିମାଚଳ ପ୍ରଦେଶରେ ବାଦଲ ଫଟା ବର୍ଷା ପାଇଁ ଗୋଟିଏ ପରିବାରର ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ୨୦ ଜଣଙ୍କୁ ଉଦ୍ଧାର କରାଯାଇଥିଲା।

# ଡିଜିସିଏ ଅଡିଟ୍‌ରେ ଏୟାର ଇଣ୍ଡିଆର ୧୦୦ ତ୍ରୁଟି




ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ବିମାନର ସୁରକ୍ଷା ସଂକ୍ରାନ୍ତରେ ଦେଖାଶୁଣା କରୁଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆର ବହୁ ସଂଖ୍ୟରେ ତ୍ରୁଟିକୁ ଚିହ୍ନଟ କରିଛି। ଡିଜିସିଏର ଅଡିଟ୍ ପରେ ପାଖାପାଖି ୧୦୦ଟି ତ୍ରୁଟିକୁ ଡିଜିସିଏ ସାମ୍ନାକୁ ଆଣିଛି। ଏଗୁଡିକ ମଧ୍ୟରୁ ପାଇଲଟ ଓ କେବିନ କ୍ରୁମାନଙ୍କର ଟ୍ରେନିଂ, ସେମାନଙ୍କ ବିଶ୍ରାମ ଓ ଡ୍ୟୁଟିର ନିୟମ, ଉଡ଼ାଣ ଓ ଅବତରଣ ସମ୍ପର୍କିତ ମାନ ହେଉଛି ମୁଖ୍ୟ। କିନ୍ତୁ ପ୍ରକାଶିତ ରିପୋର୍ଟ ଅନୁସାରେ ଏହି ତ୍ରୁଟିର ସଂଖ୍ୟା ୫୧ ବୋଲି ଜଣା ଯାଇଛି। ଏଗୁଡିକ ମଧ୍ୟରୁ ୭ଟି ତ୍ରୁଟି ଲେବଲ-୧ର। ଏହାକୁ ସବୁଠାରୁ ଗମ୍ଭୀର ବୋଲି କୁହାଯାଇଛି। ଏହାକୁ ବୁଧବାର ସୁଦ୍ଧା ଠିକ୍ କରିବାକୁ ଏୟାର ଇଣ୍ଡିଆକୁ କୁହାଯାଇଛି। କିନ୍ତୁ ଏହି ତ୍ରୁଟିଗୁଡିକୁ ସାର୍ବଜନୀନ କରାଯାଇନାହିଁ। ଏୟାର ଇଣ୍ଡିଆ ମଧ୍ୟ ଏହି ଅଡିଟ୍‌ର ଫଳାଫଳକୁ ସ୍ୱୀକାର କରିଛି ଓ ନିର୍ଦ୍ଧାରିତ ସମୟ ସୁଦ୍ଧା ଡିଜିସିଏକୁ ଜବାବ ଦେବ ବୋଲି କହିଛି।

ପୂର୍ବରୁ ଡିଜିସିଏ ଜୁଲାଇ ୨୩ରେ ଏୟାର ଇଣ୍ଡିଆକୁ ୪ଟି କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। କେବିନ କ୍ର୍ୟୁମାନଙ୍କର ବିଶ୍ରାମ ଓ ଡ୍ୟୁଟି ନିୟମ, ଟ୍ରେନିଂ ନିୟମ ଓ ଅପରେସନ ପ୍ରସିଜିଅର ଉଲ୍ଲଂଘନକୁ ନେଇ ଏହି ନୋଟିସ ଜାରି କରାଯାଇଥିଲା। ଗୁରଗ୍ରାମ୍‌ରେ ଏୟାର ଇଣ୍ଡିଆର ମୁଖ୍ୟ ସେଣ୍ଟରରେ ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ଡିଜିସିଏ ତରଫରୁ ଏହି ବଡ଼ ଧରଣର ଅଡିଟ୍ ହୋଇଥିଲା। ଡିଜିସିଏ ମଧ୍ୟ ମାର୍ଚ୍ଚରେ ଏୟାର ଇଣ୍ଡିଆ ଏକ୍ସପ୍ରେସକୁ ଭର୍ତ୍ସନା କରିଥିଲା।

ଉଲ୍ଲେଖଥାଉ କି, ଅହମଦାବାଦରେ ଜୁଲାଇ ୧୨ରେ ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଟେକ୍ ଅଫ୍ କରିବାର କିଛି ସେକେଣ୍ଡ ପରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏହା ପରେ ଏୟାର ଇଣ୍ଡିଆ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଦୁର୍ଘଟଣାରେ ମୋଟ ୨୬୦ ଜଣ ଲୋକ ପ୍ରାଣ ହରାଇଥିଲେ ଓ ୬୮ ଜଣ ଆହତ ହୋଇଥିଲେ। ଏହି ବିମାନ ଅହମଦାବାଦରୁ ଲଣ୍ଡନ ଯାଉଥିଲା।

# ମାଛଗାଁ କେନାଲ ବନ୍ଧରେ ୧୦ ଫୁଟର ଘାଇ

## ୫୫ନଂ ଜାତୀୟ ରାଜପଥରେ ଆଣ୍ଠୁଏ ପାଣି



ଜଗତସିଂହପୁର/ରଘୁନାଥପୁର, ୩୦।୭(ସମିସ): ଜଗତସିଂହପୁର-କଟକ ରାସ୍ତାର ତରିକୁନ୍ଦ ନିକଟରେ ମାଛଗାଁ ମୁଖ୍ୟ କେନାଲ ବନ୍ଧରେ ଆଜି ଅପରାହ୍ନରେ ୧୦ ଫୁଟର ଘାଇ ହେବାରୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ପାଣିର ସୁଅ ପ୍ରବଳ ଥିବାରୁ ତରିକୁନ୍ଦ ପଞ୍ଚାୟତ ଅଫିସ ଗୃହ ଓ ପୁଲିସ ଫାଣ୍ଡି ପରିସରରେ ପାଣି ପଶିବା ସହିତ ଜାତୀୟ ରାଜପଥ ୫୫ ଉପରେ ଦୁଇ ଫୁଟର ପାଣି ଚାଲିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନା ମୁତାବକ, ଆଜି ଅପରାହ୍ନ ୧.୩୦ରୁ ୨ଟା ମଧ୍ୟରେ ମାଛଗାଁ କେନାଲ ବନ୍ଧ ଭାଙ୍ଗିଯିବାରୁ ଅନେକ ଘର ଜଳବନ୍ଦୀ ହୋଇଥିବାବେଳେ ବହୁ ଦୋକାନରେ ପାଣି ପସିଯାଇଛି। ବ୍ୟାପକ ଚାଷଜମି ଜଳମଗ୍ନ ହୋଇ ତରିକୁନ୍ଦ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୨୦୨୩ ଜୁଲାଇ ମାସରେ ମଧ୍ୟ ଏହି ସ୍ଥାନରେ ଓ ଦଳେଇଘାଇ ନିକଟରେ ମାଛଗାଁ କେନାଲ ବନ୍ଧ ଭାଙ୍ଗି ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଥିଲା। ଜଳସେଚନ ବିଭାଗର ଦାୟିତ୍ୱହୀନତା, କେନାଲ ସଫେଇ ନାମରେ ଜେସିବି ଲଗାଇ ମାଟି ତାଡ଼ିଦେବା ଓ ଦୁର୍ବଳ କେନାଲ ବନ୍ଧରେ ଗାର୍ଡୱାଲ କରା ନ ଯିବାରୁ ମାଛଗାଁ କେନାଲ କୂଳରେ ଥିବା ତରିକୁନ୍ଦ ବଜାର ଓ ଆଖପାଖ ଅଞ୍ଚଳରେ ବାରମ୍ବାର ବନ୍ଧ ଭାଙ୍ଗି ବ୍ୟାପକ କ୍ଷତିଗ୍ରସ୍ତ ହେଉଥିବା ସାଧାରଣରେ ଅଭିଯୋଗ କରାଯାଇଛି। ଚଳିତ ବର୍ଷ ବିଳମ୍ବରେ ଅର୍ଥାତ ଗତ ୨୪ ତାରିଖରେ ମାଛଗାଁ ମୁଖ୍ୟ କେନାଲ ଓ ଶାଖା କେନାଲରେ ପାଣି ଛଡ଼ାଯାଇଛି। ପୂର୍ବରୁ ଏହି ସ୍ଥାନରେ ଘାଇ ହୋଇଥିବାରୁ ଜଳସେଚନ ବିଭାଗ ଯନ୍ତ୍ରୀ ପାଣି ଆସିବା ପୂର୍ବରୁ କେନାଲ ବନ୍ଧ ସଠିକ୍ ଭାବେ ତଦାରଖ ନ କରି ମନମୁଖୀ ଭାବେ ଭରାପାଣି ଛାଡି ଦେବାରୁ ତରିକୁନ୍ଦଠାରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ।

# ସମ୍ପତ୍ତିରେ ଭାଗିଦାରି: ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

ଭୁବନେଶ୍ୱର,୩୦।୭(ସମିସ): ଭାଗିଦାରିରେ ସମ୍ପତ୍ତି ଠୁଳ କରିବା ସରକାରୀ ବାବୁଙ୍କ ପାଇଁ ମହଙ୍ଗା ପଡ଼ିଛି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଗୋଟିଏ ଆୟ ବହିର୍ଭୂତ ମାମଲାର ତଦନ୍ତ କରୁଥିବା ବେଳେ ଆଉଜଣେ ସହକାରୀ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ-୩ର ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କ ଘରେ ଚଢ଼ଉ କରିଛି ଭିଜିଲାନ୍ସ। ସୂଚନା ଅନୁସାରେ, ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ଟିମ୍ ଗତକାଲି ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ-୩ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢ଼ଉ କରିଥିଲା। ଶ୍ରୀ ଜେନା ଓ ତାଙ୍କ ସଂପର୍କୀୟଙ୍କ ନାମରେ ଥିବା କୋଠା, ଦୁଇଟି ଫ୍ଲାଟ୍, ଦୁଇଟି ମଲ୍‌ରେ ଦୋକାନ ଘର, ଭୁବନେଶ୍ୱର, ନୟାଗଡ଼ ଓ ଖୋର୍ଦ୍ଧାରେ ୧୩ ଟି ପ୍ଲଟ୍ ସମେତ ଅନ୍ୟାନ୍ୟ ସମ୍ପତ୍ତି ଠାବ କରିଥିଲା।



ତଦନ୍ତ ବେଳେ ସାଙ୍ଘାତିକ ସତ ପଦାକୁ ଆସିଥିଲା। ରାଜକିଶୋର ଜେନା ଓ ସେହି ଡିଭିଜନରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡା ନିଜ ନିଜ ପତ୍ନୀଙ୍କ ନାମରେ ମିଳିତ ଭାବେ କସ୍‌ମୋପଲିସରେ ଏକ ଫ୍ଲାଟ୍ କିଣିଥିବା ଜଣାପଡ଼ିଥିଲା। ଆଉ ସେହି ଫ୍ଲାଟରେ ହିଁ ଅଶୋକ କୁମାର ପଣ୍ଡା ପରିବାର ସହ ରହୁଛନ୍ତି। କେବଳ ଗୋଟିଏ ନୁହଁ; ଏକାଧିକ ସମ୍ପତ୍ତି ଉଭୟଙ୍କ ଯୁଗ୍ମ ମାଲିକାନାରେ ରହିଥିବାବେଳେ ଟଙ୍କା ଦେଣନେଣ ସାମ୍ନାକୁ ଆସିଥିଲା। ଭାଗିଦାରିରେ ସମ୍ପତ୍ତି ଠାବ ହେବାପରେ ଶ୍ରୀ ପଣ୍ଡା ଭିଜିଲାନ୍ସ ସ୍କାନରକୁ ଆପେ ଆସି ଯାଇଥିଲେ। ଗତକାଲି ଭିଜିଲାନ୍ସର ଏକ ଟିମ୍ ଉକ୍ତ ଫ୍ଲାଟରେ ଚଢ଼ଉ କରିବାବେଳେ ବାହାର ପଟୁ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ଶ୍ରୀ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ୍ ମଧ୍ୟ ସୁଇଚ୍ ଅଫ୍ ରହିଥିଲା। ତେବେ ବିଭିନ୍ନ ସ୍ଥାନରେ ଚଢ଼ଉ ସାରି ରାତିରେ କସ୍‌ମୋପଲିସ୍ ସ୍ଥିତ ଫ୍ଲାଟକୁ ସିଲ୍ କରିବାବେଳେ ଶ୍ରୀ ପଣ୍ଡା ବାହାର ପଟୁ ତାଲା ପକାଇ ପରିବାର ସହ ଫ୍ଲାଟ୍ ଭିତରେ ଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଥିଲେ। ଫ୍ଲାଟ୍ ସିଲ୍ ହେଉଥିବା ଜାଣିପାରି ଶ୍ରୀ ପଣ୍ଡା ଭିଜିଲାନ୍ସ ନିକଟରେ ହାଜର ହୋଇଥିଲେ। ଘରେ ଲୁଚିଥିବା ସମୟରେ ଶ୍ରୀ ପଣ୍ଡା ଏକ ଟଙ୍କା ଭର୍ତ୍ତି ବ୍ୟାଗ୍ ଝରକା ପଟେ ବାହାରକୁ ଫୋପାଡ଼ିଥିଲେ। ଆଜି ସକାଳୁ ଉକ୍ତ ବ୍ୟାଗକୁ ଭିଜିଲାନ୍ସ ଜବତ କରିଥିଲା। ବ୍ୟାଗ୍ ଭିତରୁ ୧ ଲକ୍ଷ ଟଙ୍କା, ୬୦ ଗ୍ରାମ ଓଜନର ସୁନାଗହଣା, ୧୦ ଗ୍ରାମର ରୁପା କଏନ, ଜମି ପଟ୍ଟା, ମୋବାଇଲ ଫୋନ, ଗାଡ଼ି ଚାବି ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଛି।

**■ ବାହାରୁ ତାଲା ପକାଇ ସପରିବାର ଘରେ ଲୁଚିଥିଲେ**
**■ ଚଢ଼ଉ ବେଳେ ଝରକା ପଟେ ଫୋପାଡ଼ିଲେ ଟଙ୍କା ବ୍ୟାଗ୍**
**■ ଠାବ ହେଲାଣି ୨ କୋଠା, ୨ ଦୋକାନ ଘର ଓ ଗୋଟିଏ ଫ୍ଲାଟ୍**

ଅଶୋକ କୁମାର ପଣ୍ଡା ୨୦୦୭ ଏପ୍ରିଲ ମାସରେ କନିଷ୍ଠ ଯନ୍ତ୍ରୀ (ଠିକା) ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ୨୦୧୩ ଏପ୍ରିଲ ବେଳକୁ ତାଙ୍କ ଚାକିରି କନିଷ୍ଠ ଯନ୍ତ୍ରୀ (ସିଭିଲ) ନିୟମିତ ହୋଇ ଯାଇଥିଲା। ୨୦୧୪ ମସିହାରୁ ୨୦୨୦ ମସିହା ପର୍ଯ୍ୟନ୍ତ ଭୁବନେଶ୍ୱର ରୁରାଲ ୱାର୍କ ଡିଭିଜନ, ସମ୍ବଲପୁର ଗୁଣବତ୍ତା ନିୟନ୍ତ୍ରଣ ଡିଭିଜନ, ଖୋର୍ଦ୍ଧା ରାସ୍ତା ଓ କୋଠାବାଡ଼ି ଡିଭିଜନ, ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନରେ କନିଷ୍ଠ ଯନ୍ତ୍ରୀ ଭାବେ କାମ କରିଥିଲେ। ୨୦୨୦ ଡିସେମ୍ବର ମାସରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ। ପଦୋନ୍ନତି ପରେ ମଧ୍ୟ ସେହି ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ-୩ରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ୧୮ ବର୍ଷର ଚାକିରି କାଳରେ ପ୍ରାୟ ୧୦ ବର୍ଷରୁ ଅଧିକ ସେ ଭୁବନେଶ୍ୱରରେ ବିତାଇଛନ୍ତି।

ଏତେ ସବୁ ଜବତ କରିବା ପରେ ବିଭିନ୍ନ ଶ୍ରୀ ପଣ୍ଡା ଓ ତାଙ୍କ ପରିବାରର ବେଆଇନ ସମ୍ପତ୍ତି ଠାବ କରିବାକୁ ଭିଜିଲାନ୍ସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଡୁମୁଡୁମା ସୋମନାଥ ଗାର୍ଡେନରେ ୪ ମହଲା କୋଠା, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ କୋଠା, କସ୍‌ମୋପଲିସ୍ ଆପାର୍ଟମେଣ୍ଟରେ ୪ ବିଏଚକେ ଫ୍ଲାଟ୍, ଭୁବନେଶ୍ୱରରେ ୮ଟି ପ୍ଲଟ୍, ପୁରୀରେ ଗୋଟିଏ ପ୍ଲଟ୍, ୧୨୫ ଗ୍ରାମ ଓଜନର ସୁନାଗହଣା, ୧୧୭ ଗ୍ରାମ ଓଜନର ରୁପା ଅଳଙ୍କାର, ୩୮ ଲକ୍ଷ ବ୍ୟାଙ୍କ ତଥା ପୋଷ୍ଟାଲ ଜମା, ଗୋଟିଏ କାର, ଉତ୍କଳ କନିକା ଗ୍ୟାଲେରିଆରେ ୨ଟି ଓ ସିମ୍ଫନୀ ମଲରେ ଗୋଟିଏ ଦୋକାନଘର ଠାବ ହୋଇଥିବା ବେଳେ ଘରୋଇ ଆସବାବପତ୍ରର ମୂଲ୍ୟ ୨୧ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି।

## ଜେଲ୍ ଗଲେ ରାଜକିଶୋର

ଭୁବନେଶ୍ୱର,୩୦।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ- ୩ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି। ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ରାଜକିଶୋରଙ୍କ ଘରେ ଚଢ଼ଉ କରିଥିଲା। ନୀଳାଦ୍ରି ବିହାରରେ ଗୋଟିଏ ୩ ମହଲା କୋଠା, କସ୍‌ମୋପଲିସ୍ ଆପାର୍ଟମେଣ୍ଟରେ ଫ୍ଲାଟ୍, ଗ୍ୟାଲେରିଆ ଏବଂ ସିମ୍ଫନୀ ମଲ୍‌ରେ ୨ଟି ବାଣିଜ୍ୟିକ ଆଉଟ୍‌ଲେଟ୍ (ଦୋକାନଘର), ୭୫ ଲକ୍ଷ ଟଙ୍କା ଜମା ଠାବ ହୋଇଥିଲା। ଏଥିସହିତ ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ରେ ୧୩ଟି ମୂଲ୍ୟବାନ ପ୍ଲଟ୍ ମଧ୍ୟ ଠାବ କରିଥିଲା ଭିଜିଲାନ୍ସ। ଏହାବ୍ୟତୀତ ରାଜକିଶୋର ତାଙ୍କ ଦୁଇ ପିଲାଙ୍କ ପାଠପଢ଼ାରେ ପ୍ରାୟ ୬୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ତେବେ ଏତେ ପରିମାଣର ଟଙ୍କା କେଉଁଠୁ ଆସିଲା, ସେନେଇ ରାଜକିଶୋର କୌଣସି ସନ୍ତୋଷଜନକ ହିସାବ ଦେଇ ପାରି ନ ଥିଲେ। ରାଜକିଶୋରଙ୍କ ଜବତ ହୋଇଥିବା ସମ୍ପତି ତାଙ୍କ ଆୟଠାରୁ ୩୧୭% ଅଧିକ ବୋଲି ଭିଜିଲାନ୍ସ କହିଛି।

# ଧର୍ମଶାଳା ବିଧାୟକଙ୍କ ବିରୋଧରେ ଅସଦାଚାରଣ ଅଭିଯୋଗ

ଯାଜପୁର,୩୦।୭(ସମିସ): ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଅନ୍ୟକେହି ନୁହନ୍ତି, ଏହି ଅଭିଯୋଗ ଆଣିଛନ୍ତି ରାଜ୍ୟ ବିଜେପି ସଂଖ୍ୟାଲଘୁ ସେଲ୍‌ର ଜଣେ ନେତାଙ୍କ ପତ୍ନୀ। ବିଧାୟକ ହିମାଂଶୁ ଶେଖର ସାହୁ ତାଙ୍କୁ ଅସଦାଚରଣ କରିଥିବା ସଂକ୍ରାନ୍ତରେ ବିଜେପି ସଂଖ୍ୟାଲଘୁ ସେଲ୍ ସଭାପତି ସିକନ୍ଦର ଅଲ୍ଲୀଙ୍କ ପତ୍ନୀ ଦିଲଜୋଏ ଆଲାମ ଥାନାରେ ଏତଲା ଦେବା ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଛନ୍ତି।



ଥାନାରେ ଏତଲା ଦେଲେ ବିଜେପି ନେତାଙ୍କ ପତ୍ନୀ


ଅଭିଯୋଗ ମୁତାବକ ଗତ ୧୮ ତାରିଖରେ ସିକନ୍ଦର ବ୍ୟବସାୟିକ କାର୍ଯ୍ୟରେ ରାହାଡ଼ପୁର ପଥର ଖାଦାନ ଅଞ୍ଚଳକୁ ଯାଇଥିବା ବେଳେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ କେତେକ ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ସେହି ବ୍ୟକ୍ତିମାନେ ସିକନ୍ଦରଙ୍କ ମୋବାଇଲ ଛଡ଼ାଇ ନେବା ସହ ସେଠାରୁ ତଡ଼ି ଦେଇଥିଲେ। ଏ ସଂପର୍କରେ ଖବର ପାଇଁ ସିକନ୍ଦରଙ୍କ ପତ୍ନୀ ଦିଲଜୋଏ ଓ ଝିଅ ପଥରଖାଦାନ ବାହାରିଥିଲେ। ବାଟରେ ତେଲର ଗାଁ ନିକଟ ରେଲୱେ ଲେଭଲ କ୍ରସିଂ ନିକଟରେ ଧର୍ମଶାଳା ବିଧାୟକଙ୍କ ସହିତ ମୁହାଁମୁହିଁ ହୋଇଥିଲା। ସେଠାରେ ବିଧାୟକ ସେମାନଙ୍କୁ ଅସଭ୍ୟ ଭାଷାରେ ଧର୍ମକୁ ଆକ୍ଷେପ କରି ଗାଳିଗୁଲଜ କରିବା ସହିତ ତାଙ୍କ ଗାଡ଼ି ଭିତରକୁ ଟାଣି ନେବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ସିକନ୍ଦର ଜେନାପୁର ଥାନାରେ ତାଙ୍କୁ ଆକ୍ରମଣ କରିଥିବା ଗୁଣ୍ଡାମାନଙ୍କ ବିରୋଧରେ ଏତଲା ଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୂର୍ବରୁ ହୋଇଥିବା ଏତଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁନଃ ଆଜି ସିକନ୍ଦରଙ୍କ ପତ୍ନୀ ଦିଲଜୋଏ ଆଲାମ ଉଭୟ ଜେନାପୁର ଓ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

ଏହି ଘଟଣା ପର ଠାରୁ ବିଜେପିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇଛି। ବିବାଦର ସମାଧାନ କରିବା ପାଇଁ ଦଳୀୟ ଫୋରମରେ ଉଦ୍ୟମ କରାଯାଇଥିଲେ ମଧ୍ୟ ବିଫଳ ହେବା ପରେ ଏହି ସମ୍ମୁଖ ଯୁଦ୍ଧ ଆରମ୍ଭ ହୋଇଥିବା ଜଣାପଡିଛି। ଅନ୍ୟପଟେ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ଧର୍ମଶାଳା ବିଧାୟକ ହିମାଂଶୁ ସାହୁ। ଅଭିଯୋଗ କରିବାର ଅଧିକାର ସମସ୍ତଙ୍କର ଅଛି; ପୁଲିସ ତାର ତଦନ୍ତ କରିବ ବୋଲି ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଇବ୍ ନଦୀରେ ୨ ନିଖୋଜ

ବାଲିଶଙ୍କରା,୩୦।୭(ସମିସ): ବାଲିଶଙ୍କରା ବ୍ଲକ୍‌ର ପିକ୍‌ନିକ୍ ସ୍ପଟ କନାକୁଣ୍ଡକୁ ବୁଲିବାକୁ ଆସିଥିବା ୨ ଯୁବକ ଇବ୍ ନଦୀରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଦୁଇ ଜଣ ହେଲେ ଜୟନାରାୟଣ ପାତ୍ର (୧୮) ଓ ରୋଶନ ପାଶୱାନ (୧୯)। ସୂଚନାନୁଯାୟୀ, ସମ୍ବଲପୁର ଜିଲ୍ଲାର ବାମରା ଗୋବିନ୍ଦପୁରର ମୁଣ୍ଡାପଡାର ୩ ଜଣ ସାଙ୍ଗ ଗୋଟିଏ ବୁଲେଟ ବାଇକରେ କନାକୁଣ୍ଡକୁ ବୁଲିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଆକାଶ ପାତ୍ର (୨୩) ବାହାରେ ବୁଲାବୁଲି କରୁଥିବାବେଳେ ନିଖୋଜ ଦୁଇ ଯୁବକ ଜୟନାରାୟଣ ଓ ରୋଶନ ଇବ୍ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଉଭୟ ପ୍ରଖର ଜଳସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ଏହା ଦେଖି ଆକାଶ ବାଲିଶଙ୍କରା ଦମକଳ ବାହିନୀ ଓ ତଲସରା ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଲିଶଙ୍କରା ଦମକଳ ବାହିନୀ ଓ ତଲସରା ପୁଲିସ ପହଞ୍ଚି ନିଖୋଜ ୨ ଜଣ ଯୁବକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଆରମ୍ଭ କରିଛି। ତଲସରା ପୁଲିସ ଘଟଣାର ତଦନ୍ତ କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ଦୁଇ ଯୁବକଙ୍କ କୌଣସି ସନ୍ଧାନ ମିଳିନାହିଁ। ପ୍ରକାଶ ଯେ, ପୂର୍ବରୁ ମଧ୍ୟ ଏହି ସ୍ଥାନରେ ୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ନଜିର ରହିଛି।





# ନାରୀକୁ ନ୍ୟାୟ ଦାବିରେ ମହିଳା କଂଗ୍ରେସର ବିକ୍ଷୋଭ





ଭୁବନେଶ୍ୱର,୩୦।୭(ସମିସ): ନାରୀ ହିଂସା ପ୍ରତିବାଦରେ ମହିଳା କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ ସହ ନିଆରା ରାଲି କରିଛି। ଏହି ସମୟରେ ପୁଲିସ ଓ ମହିଳା କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିବା ବେଳେ ବହୁ ମହିଳା କଂଗ୍ରେସ କର୍ମୀଙ୍କୁ ପୁଲିସ ରାସ୍ତାରୁ ଉଠାଇ ନେଇଛି। ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଶତାଧିକ ମହିଳା କଂଗ୍ରେସ ନେତ୍ରୀ ବୁଧବାର କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରାରେ ବାହାରି ବିଜେପି ପାର୍ଟି ଅଫିସ ଆଡକୁ ଯାଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଜେପି ସଭାପତିଙ୍କ ଫଟୋରେ ପ୍ରତୀକାତ୍ମକ ଭାବେ ଚୁଡ଼ି ପିନ୍ଧାଇବା ସହ ପୋଷ୍ଟର ଦାହ କରିଥିଲେ।

ମହିଳା ନେତ୍ରୀମାନେ ହାତରେ ପ୍ଲା-କାର୍ଡ ଧରି ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ହିଂସା ବିରୋଧରେ ପ୍ରବଳ ଗର୍ଜିବା ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଇସ୍ତଫା ଦାବି କରିଥିଲେ। ଯେପର୍ଯ୍ୟନ୍ତ ନାରୀଙ୍କୁ ନ୍ୟାୟ ପ୍ରଦାନ ସହ ରାଜ୍ୟରେ ନାରୀଙ୍କୁ ସମ୍ମାନ ଓ ଆଇନଶୃଙ୍ଖଳା ଠିକ୍ ନ ହୋଇଛି, ସେଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ମହିଳା କଂଗ୍ରେସ ପକ୍ଷରୁ କୁହାଯାଇଛି। ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହୀନିପତି କହିଛନ୍ତି ଯେ ବିଜେପିର ଜଣେ ବଡ଼ ନେତା ମହିଳାମାନଙ୍କୁ କିପରି ନିର୍ଯାତନା ଦେଉଥିଲେ, ତାହା ଓଡ଼ିଶାବାସୀ ଦେଖିଛନ୍ତି। ତାଙ୍କୁ ଦିଲ୍ଲୀରେ ଓଡ଼ିଶା ଭବନଠାରେ ଚାବି ପକାଯାଇଥିଲା। ସେ ଏବେ କଂଗ୍ରେସ ଦଳ କଥା କହୁଛନ୍ତି। ସରକାରଙ୍କଠାରୁ ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ମଗାଯାଉଛି। ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ମହିଳା ସୁରକ୍ଷିତ ନାହାନ୍ତି। ସେ କିପରି ରାଜ୍ୟର ମହିଳାଙ୍କୁ ସୁରକ୍ଷା ଦେବେ। ତେଣୁ ସେ ଇସ୍ତଫା ଦେଇଦେବା ଉଚିତ ବୋଲି ସେ କହିଛନ୍ତି।

# ଚଳିତ ବର୍ଷ ବି ଛାତ୍ର ସଂସଦ ନିର୍ବାଚନ ଅନିଶ୍ଚିତ!

ଭୁବନେଶ୍ୱର, ୩୦।୭(ସମିସ): ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ବହୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷାମନ୍ତ୍ରୀ ସାଧାରଣରେ ଘୋଷଣା କରିବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ବିଭିନ୍ନ ଛାତ୍ର ସଂଗଠନ ହେଲ୍ପଡେସ୍କ, ଚାରା ରୋପଣ ଓ ବନ୍ଧୁ ମିଳନ ନାମରେ ସଂଗଠନ ସୁଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ଏଫ୍‌ଏମ୍ କଲେଜ ଛାତ୍ରୀ ନିର୍ଯ୍ୟାତିତ ହେବା ଅଭିଯୋଗ କେହି ନ ଶୁଣିବାରୁ ଆତ୍ମଦାହ କରିବା ଘଟଣା ସରକାରଙ୍କୁ ଅଡୁଆରେ ପକାଇଛି। ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା ସୁରକ୍ଷିତ ନ ଥିବା ବିରୋଧୀ ଅଭିଯୋଗ କରିବା ଏବଂ ବହୁ ଅଧ୍ୟାପକ ଅସଦାଚରଣ ମାମଲାରେ ଜେଲ୍ ଯିବା ଘଟଣାରେ ସରକାର ଛନ୍ଦି ହୋଇଥିବାରୁ ଛାତ୍ର ସଂସଦ ନିର୍ବାଚନ ନେଇ ଆଶଙ୍କା ପ୍ରକାଶ ପାଇଛି। ବାଲେଶ୍ୱର ଛାତ୍ରୀ ଆତ୍ମଦାହ ଘଟଣା ପରଠାରୁ କ୍ୟାମ୍ପସ୍‌ରେ ଛାତ୍ର ସଂଗଠନଙ୍କ କାର୍ଯ୍ୟକ୍ରମ ଶିଥିଳ ହୋଇଥିବାବେଳେ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ସୁଧାରିବା ଆଳରେ ନିର୍ବାଚନ ଟାଳିଦେବାକୁ ସରକାର ବିଚାର କରୁଥିବା ଅଭିଯୋଗ ହୋଇଛି।

ସାଧାରଣତଃ ଦଶହରା ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ହୋଇଥାଏ। ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସପ୍ତାହରେ ନିର୍ବାଚନ କରିବାକୁ ପ୍ରାୟ ଚୂଡ଼ାନ୍ତ ହୋଇଥିଲା। ସେପ୍ଟେମ୍ବର ୧୫ ତାରିଖ ପରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ୧୬ ବା ୧୭ ତାରିଖରେ ନାମାଙ୍କନ ଦାଖଲ ତାରିଖ ସ୍ଥିର କରିବାକୁ ବିଭାଗସ୍ତରରେ ପ୍ରସ୍ତୁତି ହୋଇଥିଲା। ହେଲେ ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମଦାହ ପରେ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ପ୍ରମୁଖ ପ୍ରସଙ୍ଗ ହୋଇଛି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗକୁ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଥିବା ଉଜାଗର ହୋଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାପା ଅସନ୍ତୋଷ ଥିବାରୁ ସରକାର ଛାତ୍ର ସଂସଦ ନିର୍ବାଚନ କରିବା ନେଇ ପୁଣିଥରେ ବିଚାରବିମର୍ଶ ଚଳାଇଛନ୍ତି। ଅପରପକ୍ଷରେ ଜୁଲାଇ ମାସ ଶେଷ ହୋଇଥିଲେ ମଧ୍ୟ ଉଚ୍ଚ ଶିକ୍ଷା ବିଭାଗର ଶୈକ୍ଷିକ କ୍ୟାଲେଣ୍ଡର ପ୍ରକାଶ ପାଇନାହିଁ। ଶିକ୍ଷାବର୍ଷ ଆରମ୍ଭ ହେବାର ୪ମାସ ପରେ ମଧ୍ୟ ଶୈକ୍ଷିକ କ୍ୟାଲେଣ୍ଡର ପ୍ରକାଶ କରୁ ନଥିବାରୁ ଆଶଙ୍କା ବହୁଗୁଣିତ ହୋଇଛି। ଏପରିକି ନିର୍ବାଚନ ଘୋଷଣା ପୂର୍ବରୁ ଅଭ୍ୟନ୍ତରୀଣ ସର୍ଭେ କରି ବାତାବରଣ ପରଖିବାକୁ ସରକାର ଯୋଜନା କରୁଥିବା ଅଭିଯୋଗ ହୋଇଛି।

# ରାକ୍ଷୀ ପୂର୍ଣ୍ଣମୀରେ ସୁଭଦ୍ରା ତୃତୀୟ କିସ୍ତି

**● ଯୋଗ୍ୟ ହିତାଧିକାରୀଙ୍କୁ ଏକାଥରକେ ମିଳିବ**
**● ବଞ୍ଚିତ ହେବେ ୬୦ପର ୯୩ ହଜାର ମହିଳା**

ଭୁବନେଶ୍ୱର,୩୦।୭(ସମିସ): ଆସନ୍ତା ଅଗଷ୍ଟ ୯ ତାରିଖ ରାକ୍ଷୀ ପୂର୍ଣ୍ଣମୀରେ ମିଳିବ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା। ଏହାପରେ ପୁଣି ସୁଭଦ୍ରା ପୋର୍ଟାଲ ଖୋଲିବ। ୨୧ ବର୍ଷ ହୋଇଥିବା ମହିଳାମାନେ ଆବେଦନ କରିପାରିବେ। ଏବଂ ଯେଉଁମାନେ ୬୦ବର୍ଷ ଅତିକ୍ରମ କରିଯାଇଛନ୍ତି ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବ। ୬୦ବର୍ଷ ହୋଇଥିବା ପ୍ରାୟ ୯୩ ହଜାର ମହିଳାଙ୍କ ତଥ୍ୟ ସିଧାସଳଖ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ପ୍ରଦାନ କରାଯାଇଛି। ଯେଉଁମାନେ ସୁଭଦ୍ରାରୁ ବଞ୍ଚିତ ହେବେ ସେମାନେ ଭତ୍ତାରେ ଯୋଡ଼ି ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏବେ ୨ଲକ୍ଷ ହିତାଧିକାରୀଙ୍କୁ ରଦ୍ଦ କରାଯାଇଛି। କେଉଁ କାରଣରୁ ବାଦ୍ ପଡ଼ିଛନ୍ତି ସେମାନଙ୍କ ତାଦରଖ କରାଯିବ। ପ୍ରଥମ କିସ୍ତି ନେଲା ପରେ ଆଇଟି ରିଟର୍ଣ୍ଣ, ଗାଡି କିଣା ଏବଂ ସେମାନଙ୍କର ୫ ଏକର ଜମି ଥିବା ସଂକ୍ରାନ୍ତରେ ଯେଉଁମାନଙ୍କର ତଥ୍ୟ ମିଳିଛି, ସେମାନଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ଜମି ସମ୍ବନ୍ଧୀୟ ତଥ୍ୟ ପାଇଁ ତହସିଲଦାର ବା ରାଜସ୍ୱ ବିଭାଗ, ଆଇଟି ରିଟର୍ଣ୍ଣରେ ଆୟକର ବିଭାଗ ଏବଂ ଯେଉଁମାନେ ଗାଡ଼ି କିଣିଛନ୍ତି ସେଥିପାଇଁ ଟ୍ରାନ୍ସପୋର୍ଟ ବିଭାଗରୁ ତୃଣମୂଳସ୍ତରରୁ ରିପୋର୍ଟ ଗ୍ରହଣ କରାଯିବ। ସେହିପରି କେହି କେହି ଚୁକ୍ତିଭିତ୍ତିକ ଚାକିରି କରୁଥିବା ବେଳେ ସେମାନେ ସରକାରୀ ଚାକିରି କରୁଥିବା ଦର୍ଶାଯାଇଛି। ତେଣୁ ଏହି ସମସ୍ତ ଦିଗ ଉପରେ ଯାଞ୍ଚ କରାଯିବ। ଅଗଷ୍ଟ ୯ ପରେ ସେମାନଙ୍କୁ ଯୋଡ଼ିବା ପାଇଁ ପୁଣିଥରେ ସର୍ଭେ କରାଯିବ। ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନେଙ୍କ ଏକାଥରକେ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଭାତୀ ପରିଡ଼ା କହିଛନ୍ତି।

# ବନ୍ୟା ପାଣିରେ ଯାଇ ଗର୍ଭବତୀଙ୍କୁ ମେଡିକାଲ ଆଣିଲେ ଡାକ୍ତର

ରାଜନଗର,୩୦।୭(ସମିସ): ବ୍ରାହ୍ମଣୀରେ ଦ୍ୱିତୀୟଥର ବନ୍ୟା ଆସିଛି। ରାଜନଗର ବ୍ଲକର ୪ଟି ପଞ୍ଚାୟତର ୨୦ ହଜାର ଲୋକ ପାଣି ଘେରରେ ରହିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ବନ୍ୟା ବିପନ୍ନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଉଦାହରଣ ସୃଷ୍ଟି କରିଛି। ବନ୍ୟା ପାଣିରେ ଗାମୁଛା ପିନ୍ଧି ବାଡ଼ି ଧରି ଗର୍ଭବତୀଙ୍କ ପାଖରେ ପହଞ୍ଚି ତାଙ୍କୁ ଟ୍ରଲି ଯୋଗେ ଆଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଯୋଗାଇ ଦେଇଛନ୍ତି।



ରାଜନଗର ବ୍ଲକ୍‌ର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ବାଜପୁର ପଞ୍ଚାୟତ ବନ୍ୟା ପାଣି ଘେରରେ ରହିଛି। ବନ୍ଧପଡ଼ା ପଞ୍ଚାୟତ ଚକିବାଙ୍କ ଗ୍ରାମର ସଙ୍ଘମିତ୍ରା ରାଉତଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କ ସ୍ୱାମୀ ପ୍ରସନ୍ନ ରାଉତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫୋନ ଯୋଗେ ଜଣାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ଓ ଡାକ୍ତର ମନୋରଞ୍ଜନ ନାଥ ଅଡାଯୋଡ଼ି ନିକଟରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ଗାଁକୁ ଯିବାକୁ ଡଙ୍ଗା ବ୍ୟବସ୍ଥା ନ ଥିଲା। ଫଳରେ ଦୁଇ ଡାକ୍ତର ଗାମୁଛା ପିନ୍ଧି ଛତା ଓ ବାଡ଼ି ଧରି ବନ୍ୟା ପାଣିରେ ପଶି ଚକିବାଙ୍କ ଗାଁର ଗର୍ଭବତୀ ମହିଳା ସଙ୍ଘମିତ୍ରା ରାଉତଙ୍କ ନିକଟରେ ପହଞ୍ଚିଥିଲେ। ୧ କିଲୋମିଟର ବାଟ ୩ ଫୁଟ୍ ପାଣିରେ ପଶି ପହଞ୍ଚିଥିଲେ। ଗାଁ ଲୋକଙ୍କ ସହଯୋଗରେ ଏକ ଟ୍ରଲି ସାହାଯ୍ୟରେ ଗର୍ଭବତୀ ମହିଳାଙ୍କୁ ବନ୍ୟା ପାଣିରେ ଆଣି ଅଡାଯୋଡି ନିକଟରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଥିବା ଆମ୍ବୁଲାନ୍ସରେ ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଛି। ସେହିଭଳି ଟାଙ୍ଗଣତେଲା ଗ୍ରାମର ପ୍ରଭାତ ରାଉତଙ୍କ ଗର୍ଭବତୀ ସ୍ତ୍ରୀ ଗୀତାଞ୍ଜଳି ରାଉତଙ୍କୁ ମଧ୍ୟ ବନ୍ୟାଞ୍ଚଳରୁ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ଏ ନେଇ ଡାକ୍ତରଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ଚାଉଳ ଗଣ୍ଡେ ପାଇଁ ଭରାନଈରେ ଜୀବନ ବାଜି

ତେଲକୋଇ, ୩୦।୭(ସମିସ): ଆଧୁନିକତାର ଛାପ ଏବଂ ବିକାଶର ଦ୍ୱାହି ଭିତରେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ବଡଖମଣ ଗାଁର ଅଧିବାସୀମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଇଁ ହନ୍ତସନ୍ତ ହେବାର ଏକ ଜ୍ୱଳନ୍ତ ଘଟଣା ସାମନାକୁ ଆସିଛି। ବ୍ଲକର ଉପାନ୍ତ ପଞ୍ଚାୟତ ତାଳପଦା ପଞ୍ଚାୟତ। ପଞ୍ଚାୟତରେ ରହିଛି ବଡଖମଣ ଗାଁ। ବଡଖମଣ ଗାଁକୁ ବାଟ ଓଗାଳିଛି ସମାକୋଇ ନଦୀ। ନଦୀରେ ପୋଲ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗାଁର ବୃଦ୍ଧବୃଦ୍ଧା ସରକାରଙ୍କ ଚାଉଳ ପାଇବା ପାଇଁ ଭରା ନଈ ପାରି ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଧାଉଁଛନ୍ତି।



ବର୍ଷା ୪ମାସ ଗାଁ ଚାରିପଟେ ସମାକୋଇ ନଦୀ ଘେରି ରହିଥିବାରୁ ଜଳବନ୍ଦୀ ଅବସ୍ଥାରେ ଦିନ କାଟିଥାନ୍ତି ଗାଁଲୋକେ। ଗର୍ଭବତୀ ମହିଳାଙ୍କଠାରୁ ଆରମ୍ଭ କରି ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନା ନେବା କାଠିକର ହୋଇପଡେ। ରୋଗୀଙ୍କୁ ଖଟିଆରେ ବୋହି ନଦୀ ପାରି କରାଇଥାନ୍ତି ଗ୍ରାମବାସୀ। ନଦୀର ଜଳସ୍ତର ବୃଦ୍ଧି ହେଲେ ଗର୍ଭବତୀ ମହିଳା ଓ ଗୁରୁତର ରୋଗୀ ଭଗବାନଙ୍କ ଭରସାରେ ରହିଥାନ୍ତି। ସେହିଭଳି ପଞ୍ଚାୟତରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ନେବାପାଇଁ ମଧ୍ୟ ଲୋକଙ୍କୁ ସମାକୋଇ ନଦୀ ପାରି ହେବାକୁ ପଡ଼ିଥାଏ। ବୃଦ୍ଧବୃଦ୍ଧାଙ୍କଠାରୁ ଆରମ୍ଭ କରି ଯୁବକ ପର୍ଯ୍ୟନ୍ତ ସମସ୍ତେ ନିଜର ପେଟ ପାଇଁ ଛାତିଏ ବେକେ ପାଣିରେ ଚାଉଳ ନେବାପାଇଁ ଜୀବନକୁ ବାଜିରେ ଲଗାଇଥାନ୍ତି। କିଏ କାନ୍ଧରେ ବୋହି ତ ଆଉ କିଏ ମୁଣ୍ଡରେ ଚାଉଳ ବସ୍ତା ବୋହି ବିପଦସଙ୍କୁଳ ଅବସ୍ଥାରେ ନଦୀ ପାରି ହୋଇଥାନ୍ତି।

ଗାଁରେ ଦୁଇଟି ସାହିରେ ୧୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ରାସ୍ତାଘାଟର ସୁବିଧା ସେମାନଙ୍କ ନିକଟରେ ଅପହଞ୍ଚ ହୋଇପଡିଛି। ପାଦଚଲା ରାସ୍ତା ଭରସା ପାଲଟିଛି। ଗାଁଗଣ୍ଡାରେ ରାସ୍ତାଘାଟର ଉନ୍ନତି ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସ୍ୱାଧୀନତାର ଅମୃତ ବେଳାରେ ମଧ୍ୟ ବଡଖମଣ ଗାଁ ଲୋକେ ଲୋକେ ବିକାଶର ସ୍ୱାଦ କ'ଣ ଚାଖି ପାରିନାହାନ୍ତି। ରାସ୍ତାଘାଟ ପାନୀୟଜଳ, ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। କେତେ ସରକାର ଗଲେଣି କେତେ ସରକାର ଆସିଲେଣି। ହେଲେ ଲୋକଙ୍କ ସମସ୍ୟା ଦୂର ହେବାର ନାଁ ଧରୁନି। ଦୀର୍ଘଦୀନ ଧରି ବଡଖମଣ ଗ୍ରାମବାସୀ ଯାତାୟାତ ସମସ୍ୟାରେ ଯୁଝି ହେଉଥିବା ବେଳେ କେବେ ସରକାରଙ୍କ ନିଦ ଭାଙ୍ଗୁନାହିଁ କି ସ୍ଥାନୀୟ ପ୍ରଶାସନ ଏମାନଙ୍କ ସମସ୍ୟା ଦୂର କରିବା ପାଇଁ ଆଗଭର ହେଉନାହିଁ। ଆଉ ବଡଖମଣବାସୀଙ୍କ ଯାତାୟାତ ପାଇଁ ସମାକୋଇ ନଦୀ ଉପରେ ପୋଲ ନିର୍ମାଣ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଜଙ୍ଗଲ ପାଲଟିଛି କାକଟପୁର ଉଦ୍ୟାନ କୃଷି କାର୍ଯ୍ୟାଳୟ

**କୁଣ୍ଢେଇ/ବାଙ୍ଗୁରିଗାଁ,୩୦।୭(ସମିସ):** କାକଟପୁର ବ୍ଲକ୍ ଅଞ୍ଚଳରେ ଥିବା ଗାଁମାନଙ୍କରେ ଫଳ ଓ ପନିପରିବା ଚାଷ ପ୍ରତି ଚାଷୀଙ୍କ ଆଗ୍ରହ କମୁଥିବା ଦେଖିବାକୁ ମିଳୁଛି। ବ୍ଲକ୍‌ରେ ଥିବା ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ଏବେ ଜଙ୍ଗଲରେ ପରିଣତ ହୋଇଥିବାରୁ ଚାଷୀଙ୍କ ପାଇଁ ସରକାରୀ ଉଦ୍ୟାନ କୃଷି ଯୋଜନା ଅପହଞ୍ଚ ହୋଇପଡ଼ିଛି। ଚାଷୀମାନେ ବିଭିନ୍ନ ସମସ୍ୟା ନେଇ କାର୍ଯ୍ୟାଳୟକୁ ଆସୁଥିବାବେଳେ କାର୍ଯ୍ୟାଳୟରେ କେହି ନ ଥିବା ଦେଖି ଫେରିଯାଉଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି।ଦିନ ଥିଲା ଅଞ୍ଚଳର ଚାଷୀମାନେ ନଡ଼ିଆ, କଦଳୀ ଓ ବିଭିନ୍ନ ଅର୍ଥକାରୀ ଫଳ ଓ ଫୁଲ ଚାଷ କରି ବେଶ୍ ଲାଭବାନ ହେଉଥିଲେ। ଏବେ କିନ୍ତୁ କାକଟପୁର ବ୍ଲକ୍ ଫଳ ଓ ପନିପରିବା ଚାଷୀମାନେ ଦିଗହରା ହେବା ଯୋଗୁଁ ବଜାରରେ ଦର ଆକାଶଛୁଆଁ ହୋଇପଡ଼ିଛି। କାକଟପୁର ବ୍ଲକ୍‌ରେ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟ କରୁଥିଲେ ମଧ୍ୟ ଜଣେ ଅବସରପ୍ରାପ୍ତ ଚତୁର୍ଥଶ୍ରେଣୀ

**● ସରକାରୀ ଯୋଜନାରୁ ବଞ୍ଚିତ ଚାଷୀ**



କର୍ମଚାରୀ ଏହାକୁ ନାମକୁ ମାତ୍ର ଚଳାଇ ବେଶ୍ ମୁନାଫା ଉଠାଉଥିବା ଅଭିଯୋଗ ହୋଇଛି। ଫଳ, ପନିପରିବା ଚାଷ ପାଇଁ ସଚେତନତା, ଆବଶ୍ୟକ ପରାମର୍ଶ ଅଭାବରୁ ନଡ଼ିଆ ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି। କାକଟପୁର ନିକଟସ୍ଥ ଇଶାନେଶ୍ୱରକୁ ଏହି ବିଭାଗ ସ୍ଥାନାନ୍ତରିତ ହୋଇଥିବାବେଳେ ଏହାର ଅବସ୍ଥା ନ କହିଲେ ଭଲ। ଉକ୍ତ କାର୍ଯ୍ୟାଳୟ ପରିସର ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। କାକଟପୁର ବ୍ଲକ୍ ଅଧୀନରେ ଥିବା ୧୬ଟି ପଞ୍ଚାୟତର ଚାଷୀମାନେ ଉଦ୍ୟାନ କୃଷିରୁ ମୁହଁ ଫେରାଇ ଅର୍ଥ ଉପାର୍ଜନର ବିକଳ୍ପ ବ୍ୟବସ୍ଥା ବାଛିନେଉଥିବାର ଦେଖିବାକୁ ମିଳିଛି। ବଡ଼କଣ, ପାଟସୁନ୍ଦରପୁର, ମହାଦେବବସ୍ତ, ପଥରପକା, ବାଉରିଆକଣ, ଖଣ୍ଡସାହି ଆଦି ଅଞ୍ଚଳରେ ବ୍ୟାପକ ଭିତ୍ତିଭୂମି ଥିବାବେଳେ ଏହା ଏବେ ଗାଈଗୋରୁଙ୍କ ଚାରଣଭୂମି ପାଲଟିଛି। ଏହି ବିଭାଗରେ ଦିନକୁ ଦିନ କାଗଜପତ୍ରରେ ବ୍ୟାପକ ଦୁର୍ନୀତି ହେଉଥିବାବେଳେ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଭାର୍ଗବୀ ନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ



**ବଳଙ୍ଗା,୩୦।୭(ସମିସ):** ବଳଙ୍ଗା ଭାର୍ଗବୀ ସେତୁ ଉପରୁ ନଦୀକୁ ଡେଇଁ ଜନୈକା ମହିଳା ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଉଦ୍ଧାର ହୋଇଛନ୍ତି। ସୂଚନା ମୁତାବକ, ବୁଧବାର ପୂର୍ବାହ୍ଣ ୧୦ଟା ସମୟରେ ଉଚ୍ଛୁପୁର ପଞ୍ଚାୟତ ଅଧୀନସ୍ଥ ନରୁଡ଼ା ଗ୍ରାମର ତୋଫାନ ଜେନାଙ୍କ ସ୍ତ୍ରୀ ଅର୍ଚ୍ଚନା ଜେନା (୩୫) କୌଣସି କାରଣକୁ ନେଇ ନିଜ ଘରଠାରୁ ୩ କିଲୋମିଟର ବଳଙ୍ଗାଠାରେ ଥିବା ଭାର୍ଗବୀ ନଦୀ ସେତୁ ଉପରୁ ନଦୀ ମଧ୍ୟକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ସେଠାରେ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିବାରୁ ସେମାନଙ୍କ ମଧ୍ୟରୁ କେତେକ ଯୁବକ ନଦୀ ମଧ୍ୟକୁ ଡେଇଁ ନିଜ ଜୀବନକୁ ବାଜି ଲଗାଇ ଉକ୍ତ ମହିଳାଙ୍କୁ ପୁରୁଣା ବଳଙ୍ଗା ଗାଁ ମୁଣ୍ଡରେ ଉଦ୍ଧାର କରିଥିଲେ। ଖବର ପାଇ ବଳଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଥାନା ଗାଡ଼ିରେ ମଙ୍ଗଳପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିବା ଜଣାପଡ଼ିଛି। ପାରିବାରିକ କଳହରୁ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି।

# ଜଳିଆପଡ଼ା ଗ୍ରାମ୍ୟ ବିବାଦ ଆପୋସ ସମାଧାନ



**କଣାସ,୩୦।୭(ସମିସ):** କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତର ଜଳିଆପଡ଼ା ଗ୍ରାମରେ ଗତ କିଛିଦିନ ହେଲା ଏକ ପୋଖରୀ ପୋତାକୁ ନେଇ ବିବାଦ ଲାଗିରହିବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଜଣେ ଯୁବକଙ୍କ କାର୍‌କୁ ପୋଡ଼ିଦେବା, ପାନୀୟଜଳ ଯୋଗାଣ ହେଉଥିବା ପାଇପ୍‌କୁ କାଟିଦେବାକୁ ନେଇ ଧୀରେ ଧୀରେ ଗ୍ରାମରେ ଉତ୍ତେଜନା ବଢ଼ିବାକୁ ଲାଗିଥିଲା। ବୁଧବାର କଣାସ ତହସିଲ୍‌ଦାରଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ବୈଠକରେ ସମସ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଆପୋସ ସମାଧାନ କରାଯାଇଛି।

ପ୍ରକାଶ ଥାଉକି, ଉକ୍ତ ଗ୍ରାମରେ ଥିବା ମା' ମଙ୍ଗଳାଙ୍କ ପୀଠ ରାଜ୍ୟର ପର୍ଯ୍ୟଟନସ୍ଥଳ ଭାବେ ମାନ୍ୟତା ପାଇବା ପ୍ରତ୍ୟେକ ପୂଜାପାର୍ବଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଭକ୍ତ ସମାଗମ ହେଉଥିବା ଗ୍ରାମବାସୀ ଚଳିବା ପାଇଁ ରାସ୍ତା ନ ଥିବା, ପୋଖରୀ ନ ଥିବାକୁ ନେଇ ତୀବ୍ର ବିବାଦ ଲାଗିରହିଥିଲା। ବୁଧବାର କଣାସ ତହସିଲ୍‌ଦାର ହିମାଂଶୁ ଶେଖର ଗିରିଙ୍କ ଅଧ୍ୟକ୍ଷତାରେ ତହସିଲ୍ କାର୍ଯ୍ୟାଳୟ ସଭାଗୃହରେ ଏକ ବୈଠକ ବସିଥିଲା। ଏହି ବୈଠକରେ କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ଦେବୀପ୍ରସାଦ ଲେଙ୍କା, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, କଣାସ ଅଞ୍ଚଳର ସମାଜସେବୀ ହାଡ଼ିବନ୍ଧୁ ପାଢ଼ୀ, ଶ୍ରୀକାନ୍ତ ପାଟଯୋଷୀ, ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ସଞ୍ଜୟ କୁମାର ଭୋଳ, ସମାଜସେବୀ ହରିବନ୍ଧୁ ଭୋଳ, କାହ୍ନୁ ଜୟସିଂହ, ଜଳିଆପଡ଼ା ମା' ମଙ୍ଗଳାଙ୍କ କାଳେସୀ ସୁରେନ୍ଦ୍ର ପଣ୍ଡା, ଜଳିଆପଡ଼ା ୱାର୍ଡ ସଭ୍ୟ ଶ୍ୟାମସୁନ୍ଦର ମହାରଣା ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଉଭୟ ପକ୍ଷଙ୍କ ବୟାନ ଶୁଣିବା ପରେ କାଳେସୀ ଶ୍ରୀ ପଣ୍ଡା ଓ ଗ୍ରାମବାସୀମାନେ ଏକତ୍ରିତ ଗ୍ରାମରେ ବସି ଗ୍ରାମର କିପରି ଉନ୍ନତି ହେବ ଓ ମା' ମଙ୍ଗଳାଙ୍କ ପୀଠ କିପରି ଚଳଚଞ୍ଚଳ ହୋଇଉଠିବ ସେଥିପାଇଁ ଆଲୋଚନା କରିବାକୁ ସରକାରୀ ଅଧିକାରୀ ଓ ଭଦ୍ରବ୍ୟକ୍ତିମାନେ କହିବା ପରେ କାଳେସୀ ଗ୍ରାମବାସୀଙ୍କ ସହିତ ବସି ଆଲୋଚନା କରି ସମସ୍ତ କାର୍ଯ୍ୟ ସହମତିରେ କରିବା ପାଇଁ ସୂଚନା ଦେବା ପରେ ଉଭୟ ପକ୍ଷଙ୍କ ମଧ୍ୟରେ ମିଳାମିଶା ହୋଇଥିଲା।

## ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇଁ ଚାଷୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ

**ଚାରିଛକ,୩୦।୭(ସମିସ):** ଜନସାଧାରଣଙ୍କ ଜମିଜମା କାଗଜପତ୍ର ସଂଶୋଧନ ନ ହେବା ଫଳରେ ଅନେକ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜୀକରଣ କରିପାରୁ ନ ଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜମିବାଡ଼ି କାଗଜପତ୍ର ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ସଠିକ୍ ଭାବେ ସରକାରଙ୍କ ତରଫରୁ ପ୍ରଚାରପ୍ରସାର ହୋଇ ନ ଥିବାରୁ ଅନେକ ଗ୍ରାମାଞ୍ଚଳର ଲୋକମାନେ ଜାଣିପାରୁ ନାହାନ୍ତି। ଜମିବାଡ଼ି କାଗଜପତ୍ର ସବୁ ବାପା ଓ ଜେଜେ ବାବାଙ୍କ ନାମରେ ଥିବାରୁ ତାଙ୍କର ବିୟୋଗ ପରେ ପିଲାମାନେ ପ୍ରଧାନମନ୍ତ୍ରୀ କୃଷକ ଫସଲ ବୀମା ଓ ଧାନ ବିକ୍ରି ପଞ୍ଜୀକରଣ ଇ-କେୱାଇସି କରିବାରୁ ବଞ୍ଚିତ ହୋଇଛନ୍ତି। ଜମି ନିଜ ନାମରେ ନ ଥିଲେ ଅନ୍‌ଲାଇନ୍‌ରେ କୃଷିବୀମା ନିମନ୍ତେ ପଞ୍ଜୀକରଣ ହୋଇପାରିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ମାତ୍ର ଏତେ କମ୍ ସମୟରେ ଚାଷୀମାନେ ଜମିର କାଗଜପତ୍ର ସଂଶୋଧନ କରିବା ସମ୍ଭବପର ହୋଇପାରୁ ନାହିଁ। ଜଳବାୟୁ ପରିବର୍ତ୍ତନ ନେଇ ବର୍ତ୍ତମାନ ଚାଷକାର୍ଯ୍ୟ ବିଳମ୍ବ ହୋଇଥିବାବେଳେ ଚାଷୀମାନେ ଚାଷକାର୍ଯ୍ୟରେ ବ୍ୟସ୍ତ ରହିଥିବାବେଳେ ପଞ୍ଜୀକରଣ କରିବା ଚାଷୀମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି। ତେଣୁ କୃଷକ ବୀମା କରାଇବାରେ ଚାଷୀମାନେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଏହି ପଞ୍ଜୀକରଣକୁ ପୂର୍ବ ବର୍ଷ ପରି ଆଧାରକାର୍ଡ ଜରିଆରେ ପଞ୍ଜୀକରଣ କରିବା ପାଇଁ କୃଷକନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ରଙ୍କ ସମେତ ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ଏହି ପଞ୍ଜୀକରଣ ସରଳୀକରଣ କରି ଆଧାରକାର୍ଡ ମାଧ୍ୟମରେ ଫସଲ ବୀମା, ଧାନମଣ୍ଡି ଇ-କେୱାଇସି ଓ ପିଏମ୍ କିଷାନ ପଞ୍ଜୀକରଣ କରା ନ ଗଲେ ଆଗାମୀ ଦିନରେ ସିପିଆଇ ପକ୍ଷରୁ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସିପିଆଇ ପୁରୀ ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

## ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ସହାୟକ ଉପକରଣ ବଣ୍ଟନ



**ନିମାପଡ଼ା,୩୦।୭(ସମିସ):** ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ନିମାପଡ଼ା ମଣ୍ଡଳ ଶିକ୍ଷାଧିକାରୀଙ୍କ ତରଫରୁ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କୁ ସହାୟକ ଉପକରଣ ବିତରଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ନିମାପଡ଼ା ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ଅଭିଜିତ୍ ଷଡ଼ଙ୍ଗୀ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ନିମାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନନ୍ଦୀତା ସାହୁ ଯୋଗଦେଇ ଭିନ୍ନକ୍ଷମ ପିଲାମାନଙ୍କ ପ୍ରତି ଆମ୍ଭେମାନେ ସମସ୍ତେ ସମ୍ବେଦନଶୀଳ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ୪୦ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ଉପକରଣ ବଣ୍ଟନ କରାଯାଇଥିବାବେଳେ ୬୦ ଜଣ ବିଦ୍ୟାର୍ଥୀଙ୍କୁ ପରୀକ୍ଷଣ କରାଯାଇଥିଲ। ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ସୁଦର୍ଶନ ଭୋଇ ପରିଚାଳନା କରିଥିବାବେଳେ ବ୍ଲକ୍‌ର ସମସ୍ତ ସିଆର୍‌ସିସି, ବ୍ଲକ୍ ସାଧନ ଶିକ୍ଷୟିତ୍ରୀ, ଜିଲ୍ଲା ସଂଯୋଜକ କାର୍ତ୍ତିକେଶ୍ୱର ପ୍ରଧାନ ଓ ଆଲିମ୍‌କୋର କର୍ମଚାରୀମାନେ ସହଯୋଗ କରିଥିଲେ।

## 'ବେଟି ବଚାଓ ବେଟି ପଢ଼ାଅ' କାର୍ଯ୍ୟକ୍ରମ

**ପିପିଲି,୩୦।୭(ସମିସ):** ପିପିଲି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ 'ବେଟି ବଚାଓ ବେଟି ପଢ଼ାଅ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ ପ୍ରତିଟି ସ୍ଥାନରେ ଝିଅଙ୍କୁ ବଞ୍ଚାଇବା ଏବଂ ସେମାନଙ୍କୁ ଶିକ୍ଷା କ୍ଷେତ୍ରର ଆଗକୁ ନେବା, ଝିଅମାନେ ପୁଅମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି, ପୁଅମାନଙ୍କ ପରି ଝିଅମାନଙ୍କୁ ମଧ୍ୟ ସମାନ ଦୃଷ୍ଟିରେ ଦେଖିବା ସହିତ ସେମାନଙ୍କୁ ଆବଶ୍ୟକ ଶିକ୍ଷା ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରାଯିବା ଦରକାର ଏଭଳି ଆଭିମୁଖ୍ୟ ନେଇ ପିପିଲି ବ୍ଲକ୍ ସରସ୍ୱତୀପୁର ସେକ୍ଟର ସରସ୍ୱତୀପୁର ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ବେଟି ବଚାଓ ବେଟି ପଢ଼ାଅ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ମହିଳାମାନଙ୍କଠାରୁ ଆରମ୍ଭ କରି ଯୁବତୀମାନଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ୍ ହୋଇଛନ୍ତି। ଏଭଳି କାର୍ଯ୍ୟକ୍ରମ ଆୟୋଜନ ହେବା ଦ୍ୱାରା ଝିଅମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ରୋକାଯାଇପାରିବ ବୋଲି ମହିଳା ଏବଂ ଯୁବତୀମାନେ କହିଛନ୍ତି। ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଆଜିର ସମାଜରେ ନାରୀମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାର ଓ ନିର୍ଯ୍ୟାତନାକୁ ରୋକିବା। ଏହି ଅବସରରେ ସିଡିପିଓ ମମତା ନାୟକ, ସୁପରଭାଇଜର ରଶ୍ମିତା ମହାନ୍ତି, ସୋ÷ଦାମିନୀ ମହାପାତ୍ର, ଚନ୍ଦନା ରାହା, ସଙ୍ଗୀତା ସାମନ୍ତରାୟଙ୍କ ସମେତ ଅଙ୍ଗନବାଡ଼ି କର୍ମୀ ପ୍ରତିମା ସ୍ୱାଇଁ, ମଧୁସ୍ମିତା ପରିଡ଼ା, ମିନତୀ ପଲେଇ, ସରିତା ଜେନାଙ୍କ ସମେତ ଶତାଧିକ ମହିଳା ଏବଂ ଯୁବତୀ ଯୋଗଦେଇ ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ ଝିଅମାନଙ୍କୁ ପଢ଼ାଇବା ଓ ସୁରକ୍ଷା ପ୍ରଦାନ କରିବା ଦିଗରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଜିଲ୍ଲା ସମନ୍ୱିତ ଶିଶୁ ବିଭାଗ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସହାୟତା ନିମନ୍ତେ ୧୮୧, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବାଳିକାମାନଙ୍କ ସହାୟତା ନିମନ୍ତେ ୧୦୯୮ ନମ୍ବର ଜାରି କରାଯାଇଥିବା ବେଳେ ତୁରନ୍ତ ପୁଲିସ ସହାୟତା ନିମନ୍ତେ ୧୧୨ ନମ୍ବର ଡାଏଲ୍ କରିବାକୁ ସ୍ଥାନୀୟ ଅଞ୍ଚଳର ନାରୀମାନଙ୍କୁ ସଚେତନ କରାଯାଇଛି।

## କଂଗ୍ରେସ ପକ୍ଷରୁ ଅନ୍‌ଲାଇନ୍ ଅଭିଯୋଗ ଶୁଣାଣି ମୋବାଇଲ୍ ଆପ୍ ଲୋକାର୍ପିତ



**ସାକ୍ଷୀଗୋପାଳ,୩୦।୭(ସମିସ):** ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ କଂଗ୍ରେସ ନେତା ମନୋଜ ରଥ ଏକ ନୂଆ ପ୍ରୟାସ ଆରମ୍ଭ କରିଛନ୍ତି। ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ କଲ୍ୟାଣ ମଣ୍ଡପ ସଭାଗୃହରେ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରଥ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମୋବାଇଲ୍ ଆପ୍‌କୁ ଲୋକାର୍ପଣ କରିଥିଲେ। ଅଞ୍ଚଳବାସୀଙ୍କ ସମସ୍ୟା ଦୂରୀକରଣ କରି ସେମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଜନପ୍ରତିନିଧିମାନେ ଯତ୍ନଶୀଳ ହେବା ଜରୁରୀ ବୋଲି ଏହି ଅବସରରେ ସେ କହିଥିଲେ। ସମସ୍ୟାର ସମାଧାନ କରିବା ନିମନ୍ତେ ଏହି ଅଭିଯୋଗ ଶୁଣାଣି ମୋବାଇଲ୍ ଆପ୍ ଏବଂ ସ୍କାନର ପ୍ରତି ଗାଁରେ ସଚେତନତା କରିବାକୁ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଆମେ ଲୋକଙ୍କ ନିକଟତର ହେବାରେ ଏହା ମାଧ୍ୟମ ହୋଇପାରିବ। ଅଞ୍ଚଳର ସମସ୍ୟା ସମ୍ପର୍କରେ ଅଧିକାରୀ ଓ ସରକାରଙ୍କ ନିକଟରେ ପହଞ୍ଚାଇବାରେ ଏହି ଉଦ୍ୟମ ଲୋକାଭିମୁଖୀ ହୋଇପାରିବା ନେଇ ସେ ଆଶାପୋଷଣ କରିଛନ୍ତି। ଆପ୍‌କୁ କିଭଳି ସାଧାରଣ ଲୋକେ ବ୍ୟବହାର କରିବେ ଏହାର ଡେମୋ ପ୍ରଦର୍ଶନ କରାଯାଇଥିଲା। ଏହି ଆପ୍‌ର ସ୍କାନରକୁ ଗୁଗଲ୍ ଲେନ୍ସରେ ସ୍କାନ୍ କରି ଆପ୍‌ରେ ଅଭିଯୋଗକାରୀ ସମସ୍ୟାର ବିବରଣୀ ଦାଖଲ କରିପାରିବେ। ଦଳମତ ନିର୍ବିଶେଷରେ ସବୁ ବର୍ଗର ଜନସାଧାରଣ ନିଜସ୍ୱ କିମ୍ବା ଆଞ୍ଚଳିକ ସମୂହ ସମସ୍ୟା ନେଇ ଅଭିଯୋଗ କରିପାରିବେ। ସତ୍ୟବାଦୀ ଓ କଣାସ ବ୍ଲକ୍‌ର କଂଗ୍ରେସ ନେତା, ଯୁବ କର୍ମୀ ଯୋଗଦେଇ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। କଂଗ୍ରେସ କମିଟିର ଧନେଶ୍ୱର ବରାଳ, କାଲୁ ପାଣି, ପବିତ୍ର ସୁବୁଦ୍ଧି, ରଞ୍ଜିତ ପଲେଇ, ପବିତ୍ର ସ୍ୱାଇଁ, ବାଦଲ ପ୍ରାସାଦ ପାତ୍ର, ପ୍ରଭାତ ପୁରୀ ପ୍ରମୁଖ ମନୋଜ ରଥଙ୍କ ଏହି ଜନକଲ୍ୟାଣ ସୁବିଧା ସମ୍ପର୍କରେ ଜନସଚେତନତା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଜାତୀୟ ମାନବାଧିକାର ନ୍ୟାୟିକ ପରିଷଦ ପକ୍ଷରୁ ଚାରାରୋପଣ




**ନୟାହାଟ,୩୦।୭(ସମିସ):** ଜାତୀୟ ମାନବାଧିକାର ନ୍ୟାୟିକ ପରିଷଦ ତରଫରୁ ବୁଧବାର ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜାତୀୟ ମାନବାଧିକାର ନ୍ୟାୟିକ ପରିଷଦର ରାଜ୍ୟ ଉପଦେଷ୍ଟା ସୌଦାମିନୀ ଦାଶ, ରାଜ୍ୟ ଉପସଭାପତି ଜୟଶ୍ରୀ ପାତ୍ର, ସଦସ୍ୟ ସୁଦର୍ଶନ ପ୍ରଧାନ, ଦୀପକ କୁମାର ସାହୁ, ବୀରେନ୍ଦ୍ର ପଣ୍ଡା, ରୀତା ତ୍ରିପାଠୀ, ରଶ୍ମିତା ବେହେରା, ନୃସିଂହ ଚରଣ ମାନସିଂ, ତୋଫାନ ପ୍ରମୁଖ ଯୋଗଦେଇ ବିଭିନ୍ନ ଔଷଧୀୟ ଓ ଦେବ ବୃକ୍ଷ ଅଁଳା, ହରିଡ଼ା, ବାହାଡ଼ା, ଅର୍ଜୁନ, ଅଶ୍ୱତ୍ଥ, ନିମ୍ବ, ବଉଳ, ଦେବଦାରୁ, ଗୁଆ, ଆମ୍ବ, ସେପଟା ଆଦି ବୃକ୍ଷର ଚାରାରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଭୋଳାନାଥ ପାତ୍ର, ଅଧ୍ୟାପକ ରତିକାନ୍ତ ଦାଶ, ଅଧ୍ୟାପକ ଲକ୍ଷ୍ମୀଧର ସାମନ୍ତରାୟ, ଅଧ୍ୟାପିକା ବବିତା ମାଝୀ, ପ୍ରିୟମ୍ବଦା ମହାପାତ୍ର, ସସ୍ମିତା ନାୟକଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## କୃଷକ ବିକାଶ ପରିଷଦ ଦ୍ୱାରା ଜୈବିକ କୃଷି ପ୍ରଶିକ୍ଷଣ



**ଚାରିଛକ,୩୦।୭(ସମିସ):** କୃଷକ ବିକାଶ ପରିଷଦ ନିମାପଡ଼ା ଆନୁକୂଲ୍ୟରେ ବାହାରଣା ଗ୍ରାମ ପଞ୍ଚାୟତର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ଜୈବିକ କୃଷି ସମ୍ବନ୍ଧରେ ଏକ ପ୍ରଶିକ୍ଷଣ ଦିଆଯାଇଥିଲା। ଗ୍ରାମ ବିକାଶ ସଂଗଠନର ପୁରୀ ବିଭାଗ ପ୍ରମୁଖ କୈଳାଶ ଚନ୍ଦ୍ର ମହାପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ ଜୈବିକ କୃଷିର ଆବଶ୍ୟକତା, ଲାଭ ଓ ପ୍ରୟୋଗ ସମ୍ବନ୍ଧରେ ବୁଝାଇଥିଲେ। ଦେଶ ପାଇଁ ବର୍ତ୍ତମାନ ଜୈବିକ କୃଷିର ଭୂମିକା ଅତି ଗୁରୁତ୍ୱ ବୋଲି ସମସ୍ତେ ଅନୁଭବ କରିଥିଲେ। କୃଷକ ବିକାଶ ପରିଷଦର ସଭାପତି ପ୍ରେମାନନ୍ଦ ପାତ୍ର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଭାଗିରଥି ଓଝା ସଂଯୋଜନା କରିଥିଲେ। ନୀଳମଣି ସ୍ମୃତି ବିଦ୍ୟପୀଠ, ବାହାରଣାର ପ୍ରଧାନଶିକ୍ଷକ ପ୍ରମେଶ କୁମାର ରାଉତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରିଷଦ ଦ୍ୱାରା ଉକ୍ତ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା। ଅନ୍ୟ କର୍ମକର୍ତ୍ତାମାନଙ୍କ ମଧ୍ୟରେ ତୋଫାନ ପାତ୍ର, ଦିଲ୍ଲୀପ କୁମାର ଦାଶ, ଦୁଃଖୀଶ୍ୟାମ ସାହୁ ଆଦି ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ମେଗା ପାନୀୟଜଳ ପ୍ରକଳ୍ପ 'ଘରେ ଘରେ ପାଣି' ଶୁଭାରମ୍ଭ



**ଅସ୍ତରଙ୍ଗ,୩୦।୭(ସମିସ):** ଅସ୍ତରଙ୍ଗ ବ୍ଲକ୍‌ରେ ଦୀର୍ଘ ଦିନର ସମସ୍ୟା ହୋଇ ରହିଛି ପିଇବା ପାଣି। ବ୍ଲକ୍‌ର ୧୫ ପଞ୍ଚାୟତ ମଧ୍ୟରୁ ପାଖାପାଖି ୧୦ ପଞ୍ଚାୟତରେ ଏହି ସମସ୍ୟା ଗୁରୁତର ହୋଇ ରହିଛି। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପୂର୍ବ ସରକାର ଆରମ୍ଭ କରିଥିଲେ ମେଗା ପାନୀୟଜଳ ପ୍ରକଳ୍ପ। ଫଳରେ ଏହି ପ୍ରକଳ୍ପ ମାଧ୍ୟମରେ ଘରେ ଘରେ ପାଣି ଯୋଜନାରେ ପ୍ରତି ଘରକୁ ପିଇବା ପାଣି ଯୋଗେଇବା ପାଇଁ ପାନୀୟଜଳ ଯୋଗାଣ ବିଭାଗ ସହାୟତାରେ ବ୍ଲକ୍‌ର ପ୍ରଥମ କାମ ଅଲଙ୍ଗପୁର ପଞ୍ଚାୟତରେ ବୁଧବାର ଶୁଭାରମ୍ଭ ହୋଇଛି। ଏହି ଯୋଜନାରେ ପଞ୍ଚାୟତର ଗୋପାଳପୁର, ବେଗୁନିଆ ବସ୍ତ, କରପୁର, ଅଲଙ୍ଗପୁର, ବରପଦା, ଅଠତିରା ୬ଟି ରାଜସ୍ୱ ଗ୍ରାମ ନନ୍ଦିପୁର, ପାଟଣା ଦୁଇଟି ପଡ଼ା ଗ୍ରାମର ଶହ ଶହ ଲୋକ ଉପକୃତ ହେବା ସହିତ ଅଞ୍ଚଳରେ ଥିବା ପିଇବା ପାଣି ସମସ୍ୟା ଦୂରେଇବ ବୋଲି ସରପଞ୍ଚ ଏବଂ ପଞ୍ଚାୟତବାସୀ କହିଛନ୍ତି। ପାଟଣାଠାରେ ଶୁଭାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଲଙ୍ଗପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ଭୋଳ, ସକ୍ରିୟ କର୍ମୀ ଦ୍ରୌପଦ କୁମାର ଭୋଳ (ମଣ୍ଟୁ) ଏବଂ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚନ୍ଦ୍ରମଣୀ ଜେନା

ଗ୍ରାମ-ଦକ୍ଷିଣବାଡ଼, ଧାମନଗର, ଜିଲ୍ଲା-ଭଦ୍ରକ

ଆବିର୍ଭାବ - ୨୧/୧୨/୧୯୪୬

ତିରୋଧାନ - ୨୧/୦୭/୨୦୨୫

ବାପା, ଆପଣଙ୍କ ଅବର୍ତ୍ତ ମାନରେ ଆଜକୁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତ ରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କର ହତଭାଗ୍ୟ ପୁତ୍ର ଡ଼. ଅଜିତ୍ ପ୍ରସାଦ ଜେନା, ସତ୍ୟଜିତ ଜେନା, ସୁବ୍ରତ ଜେନା, ଦେବବ୍ରତ ଜେନା ଓ ବନ୍ଧୁ ସ୍ୱଜନ, ଜେନା ପରିବାର ବର୍ଗ।

## ବ୍ଲକ୍‌ସ୍ତରୀୟ ନିଶା ନିବାରଣ କମିଟିର ପ୍ରଥମ ବୈଠକ

# 'ନିଶାମୁକ୍ତି ଅଭିଯାନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



**ଗମ୍ଭାରୀପଦା,୩୦।୭(ସମିସ):** ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ କାକଟପୁର ଶାଖା ପକ୍ଷରୁ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଖୁଣ୍ଟିଆ ଟାୱାର ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ନିର୍ବାଚନ ପୂର୍ବରୁ ୨୦୨୯ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବ ବୋଲି ନିର୍ବାଚନି ପ୍ରତିଶ୍ରୁତି ଦେଇ ବିଜେପି ରାଜ୍ୟରେ ସରକାର ଗଠନ କରିବାର ଏକ ବର୍ଷ ପୂର୍ତ୍ତି ପାଳନ କରିଥିବାବେଳେ, ପୂର୍ବପରି ସରକାରୀ ମଦ ଦୋକାନୀମାନଙ୍କୁ ସର୍ବନିମ୍ନ ପରିମାଣର କୋଟା ପୂରଣ କରିବାକୁ ବାଧ୍ୟ କରୁଛି। ଯଦ୍ୱାରା ଏହି କୋଟା ପୂରଣ କରିବାକୁ ଗାଁ ଗହଳି ସାହି ବସ୍ତିରେ ଅବାଧରେ ମଦ ବିକ୍ରି କରାଯାଉଥିବାରୁ ପରିବାରଗୁଡ଼ିକରେ ଅଶାନ୍ତି ସୃଷ୍ଟି ହୋଇ ହିଂସାତ୍ମକ କାଣ୍ଡରେ ବହୁ ଜୀବନ ଅକାଳରେ ଝଡ଼ିପଡୁଛି। ଅବକାରୀ ଆଇନରେ ସ୍କୁଲ, କଲେଜ, ଉପାସନାସ୍ଥଳୀ, ଜାତୀୟ ରାଜପଥ କଡ଼ ଆଦି ସର୍ବସାଧାରଣ ସ୍ଥାନରେ ମଦ ଦୋକାନ ଖୋଲିବା ନିୟମ ନ ଥିବାବେଳେ ବାସ୍ତବ କ୍ଷେତ୍ରରେ ତାହା ପାଳନ ହେଉ ନ ଥିବାରୁ ଯୁବଗୋଷ୍ଠୀ ଓ ଛାତ୍ରଛାତ୍ରୀମାନେ ନିଶା କବଳରେ ପଡୁଛନ୍ତି। ଅଧିକନ୍ତୁ ନିଶା ନିବାରଣ ଦିଗରେ ଆଇନ ଓ ସରକାରଙ୍କ ଭୂମିକା ଯେତିକି ଗୁରୁତ୍ୱ ବହନ କରେ ଜନସାଧାରଣଙ୍କ ଭୂମିକା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏଣୁ ଗ୍ରାମ ପଞ୍ଚାୟତ, ପଡ଼ାଗ୍ରାମ, ଶିକ୍ଷାନୁଷ୍ଠାନ ଓ ପରିବାର ମଧ୍ୟରେ ନିଶା ନିବାରଣ ସଚେତନତା ସୃଷ୍ଟି କରି ନିଶାମୁକ୍ତ ଅଭିଯାନକୁ ସୁଦୂରପ୍ରସାରୀ କରିବା ପାଇଁ ଏହି ବୈଠକରେ ଆଲୋଚିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ନାୟକ, ଓଡ଼ିଶା ନିଶା ନିବାରଣ ଅଭିଯାନ ସଂଯୋଜିକା ଅପର୍ଣ୍ଣା ନାୟକ, କ୍ଷେତ୍ରମୋହନ ଦାଶ, ଅକ୍ଷୟ କୁମାର ରାଉତ, କନକଲତା ଅପା, ଚାରୁଲତା ଖୁଣ୍ଟିଆ, ଅମରେଶର ନାୟକ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ନିଶାମୁକ୍ତି ଅଭିଯାନରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରିଥିଲେ। ବ୍ଲକ୍ ଓ ପଞ୍ଚାୟତସ୍ତରରେ ମନିଟରିଙ୍ଗ୍ କମିଟି ଗଠନ କରାଯାଇ ଏହାକୁ ଜନ୍ ଜନତକ ପହଞ୍ଚାଇ ସଚେତନତା କରାଯିବାର ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଅତିଉର ରହମାନ ଧନ୍ୟବାଦ ଅର୍ପଣ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ମହେନ୍ଦ୍ର ନାଥ ସ୍ୱାଇଁ

ଗ୍ରାମ - ଲକ୍ଷ୍ମୀ ସାଗର, ଖୋର୍ଦ୍ଧା

ଆବିର୍ଭାବ - ୧୭.୦୨.୧୯୪୧, ତିରୋଧାନ - ୨୧.୦୭.୨୦୨୫

ଆପଣଙ୍କର ଅବର୍ତ୍ତମାନରେ ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଶିକ୍ଷକ ଜୀବନ ନୀତି, ନୈତିକତା, ଆଦର୍ଶ, ବ୍ୟକ୍ତିତ୍ୱ ଆମପାଇଁ ଶ୍ରେଷ୍ଠ ସମ୍ବଳ ହେଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-


ଝିଅ, ନାତି, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ

# ଶ୍ରୀକ୍ଷେତ୍ର ସିଟି

୩୦/୭/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୩,୩୧,୫୮୬/- ସୁନା: ୦୦.୨୦୦ ଗ୍ରାମ୍ ରୁପା: ୬୮.୯୦୦ ଗ୍ରାମ୍





■ ଟୋକନଥାଇବିଧାନବିକ୍ରିକରିପାରୁନାହାନ୍ତି

## ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିବେ ଚାଷୀ

ପୁରୀ,୩୦ା୭ (ସମିସ): ଚଳିତ ବର୍ଷ ପୁରୀ ଜିଲ୍ଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅବଧି ସରିଯାଇଥିଲେ ବି ଅନେକ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇ ନାହିଁ। ପ୍ରତିଦିନ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏହାକୁ ନେଇ ସମସ୍ୟା ଉପୁଜୁଛି। ଗତ ସୋମବାର ଏହି ଅଭିଯୋଗକୁ ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ବ୍ରହ୍ମଗିରି ବ୍ଲକ୍ ରାମଚନ୍ଦ୍ରପୁର ସେବା ସମବାୟ ଅଧୀନ ଚାଷୀ। ସେମାନେ ଅଭିଯୋଗ କରିଛନ୍ତି ଯେ, କାଣ୍ଡଗୋଦା ପଞ୍ଚାୟତର ୧୭୪ ଜଣ ଚାଷୀ ଧାନମଣ୍ଡିରେ ଧାନ ଦେବା ପାଇଁ ରାମଚନ୍ଦ୍ରପୁର ସେବା ସମବାୟ ସମିତିରୁ ଟୋକନ ପାଇଥିଲେ। ହେଲେ ସମିତି ସମ୍ପାଦକ ବିଭିନ୍ନ ଆଳ ଦେଖାଇ ମଣ୍ଡିରେ ଧାନ ନେଲେ ନାହିଁ। ମଣ୍ଡି ନ ଖୋଲିବା ଯୋଗୁଁ ୧୭୪ ଜଣ ଚାଷୀଙ୍କ ଧାନ ପଡ଼ିରହିଛି। ଫଳରେ ଚାଷୀମାନଙ୍କର ବହୁଳ କ୍ଷତି ହୋଇଛି। ଏ ସଂକ୍ରାନ୍ତରେ ଯୋଗାଣ ବିଭାଗ ନିବନ୍ଧକ, ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଥିଲେ ମଧ୍ୟ କିଛି ଫଳ ମିଳିଲା ନାହିଁ। ତେଣୁ ସେମାନେ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ଗୁରୁବାରଠାରୁ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ଦାଦାବଟି ଆଦାୟବେଳେ ୨ ଗିରଫ

ପୁରୀ,୩୦ା୭ (ସମିସ): ଅସାମାଜିକ ଯୁବକମାନେ ଦାଦାବଟି ଆଦାୟକୁ ସହଜ ରୋଜଗାରର ପନ୍ଥା ଭାବେ ଧରି ନେଇଛନ୍ତି। ଫଳରେ ପୁରୀ ସହରରେ ଦାଦାବଟି ମାମଲା ବଢ଼ିବାରେ ଲାଗିଛି। ପୁଲିସ ଚଢ଼ଉ କରି ଗିରଫ କରୁଥିଲେ ମଧ୍ୟ ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ଲାଗିପାରୁ ନାହିଁ। ଦାଦାବଟି ଆଦାୟ ଅଭିଯୋଗରେ ଦୁଇ ଥାନା କୁମ୍ଭାରପଡ଼ା ଏବଂ ତାଳବଣିଆ ପୁଲିସ ଜଣେ ଲେଖାଏଁ ଅଭିଯୁକ୍ତଙ୍କୁ ଗିରଫ କରିଛି।

କୁମ୍ଭାରପଡ଼ା ଥାନା ପୁଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ କୁମ୍ଭାରପଡ଼ା ଜଗନ୍ନାଥ ଲେନ୍‌ର ଶଙ୍କର ବେଜ (୨୨)। ସେ ବଡ଼ଦାଣ୍ଡର ଜଣେ ବ୍ୟବସାୟୀ କାହ୍ନୁଚରଣ ବେହେରାଙ୍କୁ ଧମକ ଦେଇ ତାଙ୍କଠାରୁ ୫୦୦ ଟଙ୍କା ଦାଦାବଟି ଆଦାୟ କରିଥିଲେ। ଏ ନେଇ କାହ୍ନୁଚରଣ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୩୪୭/୨୫) ରୁଜୁ ପରେ ତଦନ୍ତ କରି ଅଭିଯୁକ୍ତ ଶଙ୍କରକୁ ଧରିଥିଲା। ତା' ନିକଟରୁ ୫୦୦ ଟଙ୍କା ଜବତ କରାଯାଇଥିବା ବେଳେ ତାକୁ କୋର୍ଟଚାଲାଣ କରିଛି ପୁଲିସ।

ସେହିପରି ତାଳବଣିଆ ଥାନା ପୁଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ବଳଙ୍ଗା ଥାନା ଚନ୍ଦ୍ରାଦେଇପୁରର ପ୍ରଶାନ୍ତ ନାୟକ (୨୩)। ମଙ୍ଗଳବାର ରାତି ପ୍ରାୟ ୯ଟା ୪୫ରେ ପ୍ରଶାନ୍ତ ଏକ ଛୁରୀ ଧରି ଭୂଦାନ ଜଙ୍ଗଲରେ ଲୁଚି ପଥଚାରୀଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରି ତାକୁ ଗିରଫ କରିଥିଲା। ତା' ନିକଟରୁ ଗୋଟିଏ ଛୁରୀ ଏବଂ ୫୦୦ ଟଙ୍କା ଜବତ କରାଯାଇ ବୁଧବାର ପ୍ରଶାନ୍ତକୁ କୋର୍ଟଚାଲାଣ କରିଛି ପୁଲିସ।

# ଅଭୟାରଣ୍ୟ ଭିତରେ ପେଭର ବ୍ଲକ୍ ରାସ୍ତା କରିଛି କିଏ?

ପୁରୀ,୩୦ା୭ (ସମିସ)

ପୁରୀ ଜିଲ୍ଲାରେ ସକ୍ରିୟ ହୋଇପଡ଼ିଛନ୍ତି ଜମି ମାଫିଆ। ବେଆଇନ ଭାବେ ଅନ୍ୟର ଜମି ମାଡ଼ିବସିବା, ଜାଲ୍ କାଗଜପତ୍ର କରି ଜମି ବିକ୍ରି କରିବା, ସରକାରୀ ଜମି ଜବରଦଖଲ ଏମିତି ଜମିଜମାକୁ ନେଇ ବେଆଇନ କାର୍ଯ୍ୟ ବଢ଼ିବାରେ ଲାଗିଛି। ଏବେ କିଛି ଜମି ମାଫିଆଙ୍କ ନଜର ପଡ଼ିଛି ବାଲୁଖଣ୍ଡ ଅଭୟାରଣ୍ୟ ଉପରେ। ଅଭୟାରଣ୍ୟ ଭିତରେ ପେଭର୍ ବ୍ଲକ୍ ରାସ୍ତା ତିଆରି ହୋଇଛି। ପୁଣି ବଡ଼ ପାଚେରି ଘେରାଯାଇ ଫାର୍ମ ହାଉସ୍ ତିଆରି କରାଯାଉଛି। ବାସ୍ତବରେ ଏହି ରାସ୍ତା କିଏ ନିର୍ମାଣ କରିଛି? ଏହି ଜମିର ମାଲିକାନା କ'ଣ ତାହା ସ୍ପଷ୍ଟ ନ ଥିବାବେଳେ ଅଭୟାରଣ୍ୟ ଭିତରେ ଏଭଳି ବେନିୟମ କାର୍ଯ୍ୟ କିଭଳି ହେଲା ବୋଲି ପ୍ରଶ୍ନ କରିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି। ଏହାଦ୍ୱାରା କେବଳ ଗଛ କଟାଯାଉଛି ତା' ନୁହେଁ ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି।

ବାଲୁଖଣ୍ଡ ଉପରେ ଜମି ମାଫିଆଙ୍କ ନଜରକୁ ନେଇ ପୂର୍ବରୁ ଜିଲ୍ଲାପାଳ ଏପରିକି ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଅଭିଯୋଗ କରାଯାଇଛି। ଛଇତନା ରାଜସ୍ୱ ମୌଜା ଅନ୍ତର୍ଗତ ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ଥିବା କିଛି ଜମିକୁ ମାଫିଆମାନେ କେତେଜଣ ଦୁର୍ନୀତିଗ୍ରସ୍ତ ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହଯୋଗରେ ନିଜ ମାଲିକାନାକୁ



ନେଇଛନ୍ତି। ଏଠାରେ ଥିବା ଗଛ କାଟି ଧ୍ୱଂସ କରି ବନ୍ୟପ୍ରାଣୀଙ୍କ ଜୀବନ ସହ ସାଂଘାତିକ ଖେଳ ଖେଳୁଛନ୍ତି। ବାଲିଘାଇ ନିକଟରେ ବ୍ୟକ୍ତିଗତ ମାଲିକାନାରେ ଥିବା ଅନେକ ବଗାୟତ, ଝାଉଁ ଜଙ୍ଗଲ କିସମ ଜମିକୁ କିଛି ମାଫିଆ ତଞ୍ଚକତା ପୂର୍ବକ ବସ୍ତି ପ୍ଲଟ୍ କରିଛନ୍ତି। ସେଠାରେ ବାସୋପଯୋଗୀ ଗୃହ ଓ ବ୍ୟାବସାୟିକ କୋଠା ନିର୍ମାଣ ପାଇଁ ବ୍ୟାପକ ଗଛ କାଟି ସଫା କରୁଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗକାରୀ

**● ତିଆରି ହୋଇଛି ଫାର୍ମ ହାଉସ୍**
**● ବିପଦରେ ବାଲୁଖଣ୍ଡ ବନ୍ୟପ୍ରାଣୀ**

ଦର୍ଶାଇଥିଲେ। ଏହିଭଳି ସ୍ଥିତିରେ ବୁଧବାର ଆପ୍ ପୁରୀ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି, ପୁରୀ-କୋଣାର୍କ ଜାତୀୟ ରାଜପଥରୁ ବେଲେଶ୍ୱର ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ପାଖରେ କିପରି ବେନିୟମ ଭାବେ କାର୍ଯ୍ୟ ହୋଇଛି ତାହାର ଖୁଲାସା କରିଛନ୍ତି।

ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, ବେଲେଶ୍ୱରକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ସଂଯୋଗ ହୋଇଛି। ଏହି ରାସ୍ତା କାମ ପାଇଁ କିଛିମାସ ତଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ଶିଳାନ୍ୟାସ କରିଥିଲେ। ପ୍ରାୟ ୩ କୋଟି ଟଙ୍କା ଏଥିପାଇଁ ମଞ୍ଜୁର ହୋଇଥିଲା। କିନ୍ତୁ ଅଭୟାରଣ୍ୟ ଭିତରେ ଏହି ରାସ୍ତା କାମ ପାଇଁ ବନ ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନ ଥିଲା। ଆପ୍ ଅଭିଯୋଗ କରିବା ପରେ ଏହି ରାସ୍ତା ସମ୍ପ୍ରସାରଣ କାମ ଏବେ ବନ୍ଦ ରହିଛି। ମାତ୍ର ଏହି ରାସ୍ତା ପାଖରେ ଏକ ଫାର୍ମ ହାଉସ୍ ତିଆରି କରାଯାଇଛି। ଅଭୟାରଣ୍ୟ ଭିତରେ ଏହାକୁ କିପରି ଅନୁମତି ମିଳିଲା ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ସେହିପରି ଏହି ଫାର୍ମ ହାଉସ୍‌ରୁ କିଛି ବାଟ ବେଲେଶ୍ୱର ଆଡ଼କୁ ଗଲେ ଏକ ପେଭର୍ ବ୍ଲକ୍ ରାସ୍ତା ଜଙ୍ଗଲ ଭିତରକୁ ପଡ଼ିଛି। ବାସ୍ତବରେ ଏହି ରାସ୍ତା କିଏ ତିଆରି କରିଛି ଏବଂ ଏହାର ଉଦ୍ଦେଶ୍ୟ କ'ଣ? ତେବେ ଅଭୟାରଣ୍ୟ ଜମିର ପ୍ଲଟିଂ ପାଇଁ ଏହି ରାସ୍ତା କରାଯାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଏହି ବେଆଇନ କାମ ପାଇଁ ଜଙ୍ଗଲ ନଷ୍ଟ ହେଉଛି। ଫଳରେ ବାଲୁଖଣ୍ଡ ଅଭୟାରଣ୍ୟର ପ୍ରମୁଖ ଆକର୍ଷଣ ହରିଣଗୁଡ଼ିକ ନିକଟସ୍ଥ ଜନବସତି ମଧ୍ୟକୁ ପଶି ଆସି ଦୁର୍ଘଟଣା ଏବଂ କୁକୁରଙ୍କ ଆକ୍ରମଣର ଶିକାର ହେଉଛନ୍ତି। ବିଭିନ୍ନ ସମୟରେ ଗାଡ଼ି ଧକ୍କାର ସମ୍ମୁଖୀନ ହୋଇ ଅକାଳରେ ପ୍ରାଣ ହରାଉଛନ୍ତି। ସେମାନଙ୍କ ଖାଦ୍ୟ, ପାନୀୟ ମଧ୍ୟ ସଂକୁଚିତ ହେଉଛି। ତେଣୁ ଅଭୟାରଣ୍ୟ ଭିତରେ ଯେଉଁ ବେଆଇନ କାର୍ଯ୍ୟ ଚାଲିଛି ତାହା ଉପରେ ରୋକ୍ ଲାଗିବା ଉଚିତ୍ ବୋଲି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି।

**ପୁଣି ପୀଡ଼ିତାଙ୍କ ବୟାନ ରେକର୍ଡ**

## ଖୁବ୍‌ଶୀଘ୍ର ରହସ୍ୟ ଉପରୁ ହଟିବ ପରଦା

ପୁରୀ/ବଳଙ୍ଗା,୩୦ା୭ (ସମିସ): ବଳଙ୍ଗାରେ ନାବାଳିକାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ଘଟଣାକୁ ୧୧ ଦିନ ବିତିଲାଣି। ହେଲେ କାହିଁକି ଏଭଳି ଘଟଣା ଘଟିଲା ସେ ନେଇ କିଛି ସ୍ପଷ୍ଟତା ଆସିନାହିଁ। ପୁଲିସ, କ୍ରାଇମ୍‌ବ୍ରାଞ୍ଚ ବଳଙ୍ଗା, ଭୁବନେଶ୍ୱର, ଦିଲ୍ଲୀ ଧାଁ ଧପଡ଼ ହେଉଛନ୍ତି। ଅନ୍ୟପକ୍ଷରେ ଚହଳ ପକାଇଥିବା ଏହି ଲୋମହର୍ଷଣକାରୀ ଘଟଣାର ସତ୍ୟତା କ'ଣ ତାହାକୁ ଜାଣିବା ପାଇଁ ରାଜ୍ୟବାସୀ ମଧ୍ୟ ଚାହିଁ ରହିଛନ୍ତି। ତେବେ ପୁଲିସକୁ ବଳିଷ୍ଠ ପ୍ରମାଣ ମିଳିସାରିଛି। ଖୁବ୍‌ଶୀଘ୍ର ଏହି ଘଟଣା ଉପରୁ ପରଦା ହଟିପାରେ। ଦିନେ ଦୁଇଦିନ ମଧ୍ୟରେ ପୁଲିସ କିମ୍ବା କ୍ରାଇମ୍‌ବ୍ରାଞ୍ଚର ବରିଷ୍ଠ ଅଧିକାରୀ ଘଟଣା ସମ୍ପର୍କରେ ସୂଚନା ଦେଇପାରନ୍ତି ବୋଲି ଶୁଣିବାକୁ ମିଳୁଛି।

ଗତ ୧୯ ତାରିଖରେ ଘଟିଥିବା ଏହି ଘଟଣା ଜାତୀୟସ୍ତରରେ ବେଶ୍ ଚର୍ଚ୍ଚା ହୋଇଥିବା ବେଳେ ସୁପ୍ରିମ୍‌କୋର୍ଟ ମଧ୍ୟ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତଥାପି ପୁଲିସ ନିଷ୍କର୍ଷରେ ପହଞ୍ଚି ପାରିନି। ଏହି ଘଟଣାରେ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଇଥିବାବେଳେ ୫୦ଟି ମୋବାଇଲ୍ ଫୋନ୍‌କୁ ମଧ୍ୟ ଯାଞ୍ଚ କରାଯାଇଛି। ସିସିଟିଭି ଫୁଟେଜ୍‌କୁ ବି ଖୋଜି ତଦନ୍ତ ପରିସରକୁ ଅଣାଯାଇଛି। ପଚରାଉଚରା କରାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପୀଡ଼ିତାଙ୍କ ସାଙ୍ଗ, ଗ୍ରାମବାସୀ, ପରିବାର ସଦସ୍ୟ ଏବଂ ନିକଟ ସମ୍ପର୍କୀୟ ରହିଛନ୍ତି। ଏଥିସହିତ ପୀଡ଼ିତାଙ୍କର ଭୁବନେଶ୍ୱର ଏମ୍ସରେ ଥରେ ଏବଂ ଦିଲ୍ଲୀ ଏମ୍ସରେ ତିନିଥର ବୟାନ ରେକର୍ଡ କରାଗଲାଣି। ମଙ୍ଗଳବାର ବୟାନର ପୀଡ଼ିତା ଯାହା କହିଛନ୍ତି ତାହା ଆହୁରି ଚକିତ କରିଛି। ୩ ଜଣ ଦୁର୍ବୃତ୍ତ ତାଙ୍କୁ ବାଇକ୍‌ରେ ଟେକି ନେଇ ନିଆଁ ଲଗାଇଥିବା ଘଟଣାକୁ ସେ ଅସ୍ୱୀକାର କରିଛନ୍ତି। ତିନିଜଣ ଦୁର୍ବୃତ୍ତ ତାଙ୍କ ଦେହରେ ନିଆଁ ଲଗାଇଛନ୍ତି ବୋଲି ସେ ଦୁଃଖିଶ୍ୟାମଙ୍କୁ କହି ନ ଥିବା ନିଜ ବୟାନରେ କହିଥିବା ଶୁଣିବାକୁ ମିଳୁଛି। ଯଦି ଏହା ସତ୍ୟ ହୋଇଥାଏ ତେବେ କିଏ ନିଆଁ ଲଗାଇଲା ତାକୁ ନେଇ ଉଠିଛି ପ୍ରଶ୍ନ।

ଅନ୍ୟପକ୍ଷରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଏହି ମାମଲାରେ ପୁଲିସକୁ ଗୁଡ଼ାଏ ତଥ୍ୟ ହସ୍ତଗତ ହୋଇଛି। ବହୁତ ଲୋକଙ୍କୁ ପଚରାଉଚରା କରାଯାଇଛି। ଯେହେତୁ ଏଥିରେ ପୀଡ଼ିତା ଜଣେ ନାବାଳିକା ତେଣୁ ପୁଲିସ ବେଶ୍ ସନ୍ତର୍ପଣରେ କାମ କରୁଛି। ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। କ'ଣ ପାଇଁ ହେଲା କିଏ ନିଆଁ ଲଗାଇଲା ସେ ସମ୍ପର୍କରେ ଏବେ କହିପାରିବି ନାହିଁ ବୋଲି ଏସ୍‌ପି କହିଛନ୍ତି। ତେବେ ଏସ୍‌ପିଙ୍କ ଏହି ପ୍ରତିକ୍ରିୟା ହିଁ ସ୍ପଷ୍ଟ କରୁଛି ପୁଲିସ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ତଥ୍ୟ ହାସଲ କରିସାରିଛି। ପୁଲିସ କିମ୍ବା କ୍ରାଇମ୍‌ବ୍ରାଞ୍ଚର ବରିଷ୍ଠ ଅଧିକାରୀ ଏହା ଉପରେ ସ୍ପଷ୍ଟ କରିବେ। ଖୁବ୍‌ଶୀଘ୍ର ଏହି ସମ୍ବେଦନଶୀଳ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଶୁଣାଯାଉଛି।

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୩୦ା୭ (ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୪ଟା ୨୦ରେ ସରିବା ପରେ ମଇଲମ, ତଡ଼ପଲାଗି ହୋଇ ଅପରାହ୍ଣ ୫ଟାରେ ପହୁଡ଼ ଆଳତି ହୋଇଥିଲା। ଏହାପରେ ୫ଟା ୧୫ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଯୌନ ଉତ୍ପୀଡ଼ନ ନିବାରଣ କର୍ମଶାଳା

ସାକ୍ଷୀଗୋପାଳ,୩୦ା୭ (ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀଠାରେ କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ "ଯୌନ ଉତ୍ପୀଡ଼ନ ନିବାରଣ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ




ହୋଇଯାଇଛି। ଏହି ସଭାରେ ମଞ୍ଚ ପରିଚାଳନା ଓ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ ଡ. ଶର୍ମିଷ୍ଠା ମହାପାତ୍ର। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ ଡ. ସସ୍ମିତା ଜେନା ଓ ରୋଜାଲିନ୍ ରଥ। ଉକ୍ତ କର୍ମଶାଳାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ବାହ୍ୟ ସଦସ୍ୟ ସତ୍ୟବାଦୀ ଦାସ ଯୋଗଦେଇ ସେ ତାଙ୍କ ଅଭିଭାଷଣରେ ଦାବି ହାସଲ ପାଇଁ ଆତ୍ମହତ୍ୟା ଶେଷ ରାସ୍ତା ନୁହେଁ ବରଂ ସମାଧାନ ପାଇଁ ଶେଷ ସମୟ ପର୍ଯ୍ୟନ୍ତ ଲଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ସମାଜସେବୀ ଶୁଭଶ୍ରୀ ଦାସ ଯୋଗଦେଇ ଯୌନ ଉତ୍ପୀଡ଼ନ ନିବାରଣ ସମ୍ପର୍କରେ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତାକୁ ପ୍ରକାଶ କରିଥିଲେ। ସମାଜରେ ସମାନତା ଓ ସଚେତନତା ଭାବ ସୃଷ୍ଟି ହେଲେ ଏଭଳି ସମସ୍ୟାର ଦୂରୀକରଣ କେବଳ ସମ୍ଭବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସରକାରଙ୍କ ବିଭିନ୍ନ ଆଇନ ବିଷୟରେ ତର୍ଜମା କରିଥିଲେ। ଏଥିମଧ୍ୟରୁ ନିର୍ଭୟା ଯୌନ ନିର୍ଯାତନା ଓ ହତ୍ୟାକାଣ୍ଡର ଲୋମହର୍ଷଣକାରୀ ଘଟଣାକୁ ବକ୍ତବ୍ୟ ଛଳରେ ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଯୌନ ଉତ୍ପୀଡ଼ନର ସଂଜ୍ଞା ଓ ତା'ର ସଚେତନତା ସମ୍ପର୍କରେ ପିଲାମାନଙ୍କୁ ଉଦ୍‌ବୋଧନ ଦେବା ସହିତ ଏଥିପାଇଁ ପାରିବାରିକ ଶିକ୍ଷା, ସମାଜ ଓ ସଂସ୍କୃତି କିଭଳି ଅନେକାଂଶରେ ଦାୟୀ ତାହା ସୂଚାଇଥିଲେ। ଏସବୁର ସଂସ୍କାର ହେବା ନିତାନ୍ତ ଜରୁରୀ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ଅତିଥିମାନଙ୍କ ପରିଚୟ ଦେବା ସହ ଯୌନ ଉତ୍ପୀଡ଼ନର ବିଭିନ୍ନ କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଆଭ୍ୟନ୍ତରୀଣ କମିଟିର ଅନ୍ୟତମ ସଦସ୍ୟ ଡ. ରାଧା ଗୋବିନ୍ଦ କୁଇଲା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକାଶଲାଲ ଜୀଙ୍କ ପୁଣ୍ୟତିଥି ପାଳିତ

ପୁରୀ,୩୦ା୭ (ସମିସ): କଣ୍ଟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଭାରତୀୟ ଯୋଗ ସଂସ୍ଥାନ ଗୁଣ୍ଡିଚାବିହାର କ୍ଷେତ୍ର ପୁରୀ ପକ୍ଷରୁ ସଂସ୍ଥାପକ ପ୍ରକାଶଲାଲ ଜୀଙ୍କ ୧୬ତମ ପୁଣ୍ୟତିଥିକୁ ସ୍ମୃତି ଦିବସ ରୂପେ ପାଳିତ ହୋଇଯାଇଛି। ପୁରୀ ଯୋଗ କ୍ଷେତ୍ରର ସମସ୍ତ ୬ କେନ୍ଦ୍ରର ସାଧକ, ସାଧିକା ଏଥିରେ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଦୀପ ପ୍ରଜ୍ୱଳନ, ଗାୟତ୍ରୀ ମନ୍ତ୍ର, ସରସ୍ୱତୀ ବନ୍ଦନା ସହିତ ଯୋଗାଭ୍ୟାସ, ପ୍ରାଣାୟାମ ଓ ଧ୍ୟାନ କରାଯାଇଥିଲା। କ୍ଷେତ୍ର ପ୍ରଧାନ ମନମୋହନ ମହାପାତ୍ର ସମ୍ବୋଧନରେ ପ୍ରକାଶଲାଲ ଜୀଙ୍କ ବିଷୟରେ ସୂଚନା ଦେଇଥିଲେ। କ୍ଷେତ୍ର ଉପଦେଷ୍ଟା ବିବିରାମ ସ୍ୱାଇଁ ସଂସ୍ଥା ଏବଂ କ୍ଷେତ୍ର ବିଷୟରେ ସୂଚନା ଦେଇଥିଲେ। କ୍ଷେତ୍ର ମନ୍ତ୍ରୀ ସଦାଶିବ ଦାଶ, ମା' ମଙ୍ଗଳା ମନ୍ଦିର ସର୍ବୋଦୟ ନଗର କେନ୍ଦ୍ର ପ୍ରମୁଖ ପ୍ରଦୀପ୍ତ କୁମାର ମହାନ୍ତି, ଆଖଣ୍ଡଳମଣି ପାର୍କ କେନ୍ଦ୍ର ପ୍ରମୁଖ ପଞ୍ଚାନନ ବେହେରା ଓ କେନ୍ଦ୍ର ବରିଷ୍ଠ ଶିକ୍ଷକ ଅନନ୍ତ ମଲ୍ଲିକ ଅଂଶଗ୍ରହଣ କରିଥିଲେ। ଉମାକାନ୍ତ ମଲ୍ଲିକ ଓ ଗ୍ରୁପ୍‌ଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କେନ୍ଦ୍ର ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତ ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ସାଧକ ଦେବଦତ୍ତ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ସାଧକ ସୁକାନ୍ତ ସ୍ୱାଇଁ, ତ୍ରିଲୋଚନ ସାହୁ, ସୁଶାନ୍ତ ମହାପାତ୍ର, ସଞ୍ଜୟ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରାର୍ଥନା ଓ ଶାନ୍ତିପାଠ କରାଯାଇଥିଲା।




## ଦି ସ୍କୁଲ ଅଫ୍ ଟାଏକ୍ୱୋଣ୍ଡୋର ପଞ୍ଚମ ବାର୍ଷିକ ଉତ୍ସବ




**୫୫ କୃତୀ ପ୍ରତିଯୋଗୀ ପୁରସ୍କୃତ**

ପୁରୀ,୩୦ା୭ (ସମିସ): ଦି ସ୍କୁଲ ଅଫ୍ ଟାଏକ୍ୱୋଣ୍ଡୋ ପକ୍ଷରୁ ଦୋଳମଣ୍ଡପ ସାହିସ୍ଥିତ ଅମିନ ଜାଗା କ୍ରୀଡ଼ା ପ୍ରାଙ୍ଗଣରେ ବୁଧବାର ବେଲ୍ଟ, ପ୍ରଶଂସାପତ୍ର ଓ ପଦକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିଙ୍କ ମଧ୍ୟରେ ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଦି ସ୍କୁଲ ଅଫ୍ ଟାଏକ୍ୱୋଣ୍ଡୋର ସଭାପତି ଅଜୟ କୁମାର ସାହୁ, ବିଶିଷ୍ଟ ବ୍ୟବସାୟୀ ହରିବନ୍ଧୁ ସାହୁ, ଅମିନ ଜାଗାର ସଭାପତି ସୋମନାଥ ପଣ୍ଡା, ସମ୍ପାଦକ ଜଗ୍ନେଶ୍ୱର ପୂଜାପଣ୍ଡା ଓ କୋଷାଧ୍ୟକ୍ଷ ବାବନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଦ୍ୱାରା ଆମେ ସୁସ୍ଥ ରହିପାରିବା ଓ ଆଜିର ସମୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଉପଯୋଗିତା ବିଷୟରେ ଅତିଥିମାନେ କହିଥିଲେ। ଦ୍ୱିତୀୟ ଡାନ୍ ବ୍ଲାକ୍ ବେଲ୍ଟପ୍ରାପ୍ତ ଦେବାଶିଷ ସାହୁ ଓ ପ୍ରଥମ ଡାନ୍ ବ୍ଲାକ୍ ବେଲ୍ଟପ୍ରାପ୍ତ ଅମ୍ରିତା ସାହୁଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାର ଅଂଶଗ୍ରହଣ କରିଥିବା ୫୫ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ମୁଖ୍ୟ କୋଚ୍ ତଥା ସମ୍ପାଦକ ଅଭିଜିତ୍ ସାହୁ ସ୍ୱାଗତ ଭାଷଣ ସହିତ ବାର୍ଷିକ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ବିନୋଦ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଦି ସ୍କୁଲ୍ ଅଫ୍ ଟାଏକ୍ୱୋଣ୍ଡୋର ଅଗ୍ରଗତି ଓ ସଫଳତା ନିମନ୍ତେ ସମସ୍ତ ଅଭିଭାବକ ମହାପ୍ରଭୁଙ୍କ ନିକଟରେ କାମନା କରିଥିଲେ।

**ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ**

# ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଛି ସମବାୟ

ପୁରୀ,୩୦ା୭ (ସମିସ): ସଶକ୍ତ ସମବାୟ, ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନର ବାର୍ତ୍ତା ନେଇ ବୁଧବାର ପୂର୍ବାହ୍ଣରେ ସଂସ୍କୃତି ଭବନରେ ଆୟୋଜିତ ହୋଇଥିଲା ଆନ୍ତର୍ଜାତିକ ସମବାୟ ବର୍ଷ। ପୁରୀ ଜିଲ୍ଲା କୋଅପରେଟିଭ୍ ସୋସାଇଟିର ରେଜିଷ୍ଟ୍ରାର ସୁନିତା ପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତ ମାସର ବିଷୟ ସମବାୟ ସଂସ୍ଥାଗୁଡ଼ିକ ମଧ୍ୟରେ ସହଯୋଗ ରହିଛି। ଅପରପକ୍ଷରେ ମତ୍ସ୍ୟ ସମବାୟ ସମିତି, ଦୁଗ୍ଧ ସମବାୟ ସମିତି ଓ କୃଷି ସମବାୟ ସମିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶ୍ରୀମତୀ ପତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସମବାୟର ଭୂମିକା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମବାୟ ମାଧ୍ୟମରେ ସମାଜକୁ ସୁଦୃଢ଼ ଓ ଆର୍ଥିକ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ରହିଛି। ବର୍ତ୍ତମାନ ସମବାୟ ଏକ ଜନଆନ୍ଦୋଳନରେ ପରିଣତ ହୋଇ




ଆର୍ଥିକ ଅଭିବୃଦ୍ଧିରେ ସହାୟକ ସହ ପରିବାର ମୁହଁରେ ହସ ଫୁଟାଇଛି ବୋଲି କହିଥିଲେ। ସମବାୟ ଏକ ଆନ୍ଦୋଳନ ଓ ବିବିଧ ସହଯୋଗ ସମିତି ମାଧ୍ୟମରେ ଏହାକୁ ଋଦ୍ଧିମନ୍ତ କରାଯାଇଛି। ବର୍ତ୍ତମାନ ଅନେକ ସୁଯୋଗ ସରକାରଙ୍କ ମାଧ୍ୟମରେ ଉପଲବ୍ଧ ହୋଇଛି। ଏହାର ସୁବିଧା ନେବାକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଆହ୍ୱାନ ଦେବା ସହ ଅନୁରୋଧ କରିଥିଲେ।

ପୁରୀ ଦୁଗ୍ଧ ସମବାୟ ୟୁନିୟନର ସଭାପତି ଦିଲ୍ଲୀପ କୁମାର ଦାସ ଗୋ-ପାଳନ ଓ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ଏହାକୁ ଆଗକୁ ନେବାକୁ ଥିବା ବ୍ୟବସ୍ଥା, ସରକାରୀ ସୁବିଧା, ସବ୍‌ସିଡି ଇତ୍ୟାଦି ସମ୍ପର୍କରେ ବିଷଦ୍ ଆଲୋଚନା କରିଥିଲେ। ପୂର୍ବତନ ଆଇନ ଅଧିକାରୀ ବିରଜା ଶଙ୍କର ଶତପଥୀ, ସହକାରୀ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ, ଏଆର୍‌ସିଏସ୍ ସନାତନ ବେହେରା ପ୍ରମୁଖ ଯୋଗଦେଇ ସମବାୟ ସହଯୋଗ, ସମନ୍ୱୟ ଓ ସହଭାଗିତାର ବନ୍ଧନ ବିଷୟରେ ଆଲୋଚନା କରିଥିଲେ। ଏହା ମାଧ୍ୟମରେ ଆମ ଅର୍ଥନୀତି କିପରି ମଜଭୁତ ହୋଇପାରିବ ବୋଲି ସେମାନେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଭଲ କାମ କରିଥିବା ସମବାୟ ସମିତିମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ସମବାୟ ସମିତିର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ଜନଶିକ୍ଷଣ ସଂସ୍ଥାନର ସଫେଇ କାର୍ଯ୍ୟକ୍ରମ



ପୁରୀ,୩୦ା୭ (ସମିସ): ଜନଶିକ୍ଷଣ ସଂସ୍ଥାନ ପୁରୀ ପକ୍ଷରୁ ସ୍ୱଚ୍ଛତା ପକ୍ଷ ଏବଂ ସ୍କିଲ୍ ଇଣ୍ଡିଆ ମିଶନର ୧୦ବର୍ଷ ପୂର୍ତ୍ତି ପାଳନ ଅବସରରେ ମଙ୍ଗଳବାର ସକାଳେ ପୁରୀ ପୌରପାଳିକାର ମିଳିତ ସହଯୋଗରେ ସାମୂହିକ ସଫେଇ କାର୍ଯ୍ୟକ୍ରମ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥାନର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧିକାରୀ ଶଶୀଭୂଷଣ ଦତ୍ତ, ସହ କାର୍ଯ୍ୟକ୍ରମ ଅଧିକାରିଣୀ ନିକି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂସ୍ଥାନର ଅନ୍ୟାନ୍ୟ କର୍ମଚାରୀ ପ୍ରସାଦ ଦ୍ୱିବେଦୀ, ଜୀବନଜିତା ଦାସ, ପ୍ରତାପ ଚନ୍ଦ୍ର ବେହେରା, ବାଦଲ ପରିଡ଼ା, ସହ ସଂସ୍ଥାନର ବହୁ ପ୍ରଶିକ୍ଷାର୍ଥୀ ଏବଂ ପୌରପାଳିକା ପରିଷଦର ପରିମଳ ବିଶେଷଜ୍ଞ ସୌଭାଗ୍ୟଲକ୍ଷ୍ମୀ ଜେନା, କେଶବ ଚନ୍ଦ୍ର ସାହୁ, ରିଷଭ ଦାସଙ୍କ ଉପସ୍ଥିତିରେ ସାନିଟେସନ ସୁପରଭାଇଜର, ସଫେଇ ମିତ୍ର ପ୍ରମୁଖ ମାସ୍କ, ଗ୍ଲୋବ୍‌ସ ପରିଧାନ କରି ଝାଡୁ ଏବଂ ଡଷ୍ଟବିନ୍ ଧରି ମନ୍ଦିର ପରିସର ପୁଷ୍କରିଣୀ ଚତୁଃପାର୍ଶ୍ୱ, କାଉଡ଼ିଆ ଶ୍ରଦ୍ଧାଳୁଙ୍କର ରହଣି ସ୍ଥାନ ସଫା କରିଥିଲେ। ପୂଜା ସାମଗ୍ରୀ, ଫୁଲମାଳ, ସାଲୁକନା, ପଲିଥିନ୍, ପ୍ଲାଷ୍ଟିକ୍ ଫୁଲମାଳ ତଥା ପାଣି ବୋତଲ ଆଦି ସଂଗ୍ରହ କରାଯାଇ ପୁରୀ ପୌରପାଳିକାର ସ୍ୱଚ୍ଛତା ରଥକୁ ହସ୍ତାନ୍ତର କରାଯାଇଥିଲା। ଏଥିସହିତ ସାମୂହିକ ସ୍ୱଚ୍ଛତା ଶପଥପାଠ ଏବଂ ସ୍ୱଚ୍ଛତା ନାରା ସହ "ସ୍ୱଚ୍ଛ ପରିବେଶ ସୁସ୍ଥ ପରିବେଶ'ର ବାର୍ତ୍ତା ଦେଇ ଏହି ସଫେଇ ହୋଇଥିଲା।

# ସମ୍ପାଦକୀୟ



ବନବିଭାଗର ଦୃଷ୍ଟିରେ ଜଙ୍ଗଲ ହେଉଛି କାଠ, ଲାଖ ଓ ବୈଦେଶିକ ମୁଦ୍ରା; ଜଣେ ବନବାସୀର ଦୃଷ୍ଟିରେ ଜଙ୍ଗଲର ଅର୍ଥ - ମାଟି, ପାଣି ଓ ସ୍ୱଚ୍ଛ ବାୟୁ।

-ସୁନ୍ଦରଲାଲ ବହୁଗୁଣା

ସକାଳ
THE SAKALA

## ଆମେରିକାର ଟିକସ କଷଣ

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ପାଇଁ ଧାର୍ଯ୍ୟ ସମୟ ଆଉ ଗୋଟିଏ ଦିନ ପରେ ଅତିକ୍ରମ କରିବ। କିନ୍ତୁ ଏହାପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଅସଲ ଚେହେରା ଦୁନିଆକୁ ଦେଖାଇଛନ୍ତି। ଭାରତ ଆମେରିକାର ବନ୍ଧୁ ହୋଇଥିଲେ ମଧ୍ୟ ରୁଷରୁ ଇନ୍ଧନ ଓ ପ୍ରତିରକ୍ଷା ଉପକରଣ କିଣୁଥିବାରୁ ଭାରତର ଉତ୍ପାଦ ଉପରେ ୨୫% ଆମଦାନୀ ଶୁଳ୍କ ସହିତ ଅତିରିକ୍ତ 'ରୁଷ୍-ଜୋରିମାନା' ଲାଗୁ କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ଜୋରିମାନା ପରିମାଣ କେତେ ହେବ ତାହା ଏବେ ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ୧୦୦% ଟପିପାରେ ବୋଲି ସୂଚନା ମିଳିଛି। ରୁଷ୍‌କୁ ଅର୍ଥନୈତିକ ଏକଘରିକିଆ କରିବା ଲକ୍ଷ୍ୟରେ ଆମେରିକା ବଦ୍ଧ ପରିକର। ଅପରପକ୍ଷରେ ରୁଷ୍ ଭାରତର ପୁରୁଣା ଓ ବିଶ୍ୱସ୍ତ ବନ୍ଧୁ ହୋଇଥିବାରୁ ଆମେରିକାର କଟକଣା ଧମକ ସତ୍ତ୍ୱେ ଭାରତ ସେହି ଦେଶ ସହିତ ବାଣିଜ୍ୟ ସମ୍ପର୍କ ତୁଟାଇ ନାହିଁ କି ଆଗକୁ ମଧ୍ୟ ସେ ସମ୍ଭାବନା ନାହିଁ। ତେଣୁ ଏବେ ଭାରତ ଟ୍ରମ୍ପଙ୍କ ରୋଷର ଶିକାର ହେବା ସ୍ୱାଭାବିକ।

ଏ କଥା ସତ ଯେ ଆମ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ଭାରତ ସିଦ୍ଧାନ୍ତ ବା ନିଷ୍ପତ୍ତିର ନିକଟବର୍ତ୍ତୀ ହୋଇଥିବା ଦାବି କରିଛନ୍ତି। ତେବେ ପରିସ୍ଥିତି ଉପରେ ଦୃଷ୍ଟି ରଖିଥିବା ବିଶେଷଜ୍ଞ ମତରେ ଏବେ ମଧ୍ୟ ଅନିଶ୍ଚିତତା ଜାରି ରହିଛି। ଚୂଡ଼ାନ୍ତ ରାଜିନାମା ପୂର୍ବରୁ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟିକ କାରବାର ସମ୍ଭାବନା ଊଣା। ଭାରତ-ବ୍ରିଟେନ ମଧ୍ୟରେ ବାଣିଜ୍ୟ ରାଜିନାମା ପରେ ସ୍ଥିତିରେ ପରିବର୍ତ୍ତନ ଘଟିଛି। ୟୁରୋପୀୟ ରାଷ୍ଟ୍ରସଂଘ ସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଭାରତ ସହ ବାଣିଜ୍ୟକ ସଂପର୍କ ରକ୍ଷା ନେଇ ତତ୍ପରତା ପ୍ରକାଶ କରୁଥିବା ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଭାରତ ଅତିରିକ୍ତ ସମୟ ଦେଇ ଆମେରିକା ସହ ଆଲୋଚନାକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହେବା ସକାଶେ ସ୍ୱତନ୍ତ୍ର ଆଗ୍ରହ ପ୍ରକାଶ କରିଛି। କାରଣ ଆମେରିକା-ଭାରତର ବାଣିଜ୍ୟ ରାଜିନାମାର ପ୍ରଭାବ ଦେଶର ଅର୍ଥନୀତି ଓ ଷ୍ଟକବଜାର ଉପରେ ପଡୁଛି।

ଇତିମଧ୍ୟରେ ଟ୍ରମ୍ପ ଭାରତକୁ ବାଦଦେଇ ଅନ୍ୟ ବହୁରାଷ୍ଟ୍ର ସହ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିସାରଲେଣି। ସେମାନଙ୍କ ମଧ୍ୟରେ ଜାପାନ, ଭିଏତନାମ, ଇଣ୍ଡୋନେସିଆ ଓ ଫିଲପାଇନ୍ସ ଅନ୍ୟତମ। ଏହାଛଡ଼ା ଅନ୍ୟ ୨୦ଟି ରାଷ୍ଟ୍ର ସହ ଖୁବ୍ ଶୀଘ୍ର ବୁଝାମଣା ହେଉଥିବାର ସୂଚନା ମିଳିଛି। ସେହିଭଳି ଆମେରିକା ଓ ଚୀନ ମଧ୍ୟରେ ସ୍ୱାକ୍ଷରିତ ଟାରିଫ ଓ ରପ୍ତାନି ନିୟନ୍ତ୍ରଣ ରାଜିନାମାର ମିଆଦ ଅଗଷ୍ଟ ୧୨ ତାରିଖରେ ଶେଷ ହେଉଛି। ଯେତେଦୂର ମନେ ହୁଏ ପୁଣି ତାହାର ସମୟସୀମା ବଢ଼ିବ। ଦୁଇ ରାଷ୍ଟ୍ରର ପ୍ରତିନିଧିଙ୍କ ମଧ୍ୟରେ ଷ୍ଟକ୍‌ହୋମ୍ ଓ ସ୍ୱିଡେନରେ ବୁଝାମଣା ପ୍ରକ୍ରିୟା ଏଥିମଧ୍ୟରେ ଆରମ୍ଭ ହୋଇଯାଇଛି। ଆମେରିକା ଓ ଭାରତ ବାଣିଜ୍ୟ ରାଜିନାମା ବିଳମ୍ବିତ ହେବା ପଛରେ ଟ୍ରମ୍ପଙ୍କ କେତେକ ସର୍ତ୍ତ ଦାୟୀ। ତେଣୁ ଆଲୋଚନା ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଥିବାର ଗୋୟଲଙ୍କ ଦାବି ଆଶା ସଂଚାର କରୁଥିଲେ ମଧ୍ୟ ବହୁ ବିବାଦୀୟ ପ୍ରସଙ୍ଗ ନେଇ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ଏଥିପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ ଟ୍ରମ୍ପଙ୍କ ବିବାଦୀୟ ଆଭିମୁଖ୍ୟ ଅନ୍ୟତମ। ଯେତେଦୂର ମନେହୁଏ ବାଣିଜ୍ୟ ରାଜିନାମା ସଂପର୍କରେ କିଛି ଆଶ୍ୱାସୂଚକ ମତାମତ ନେଇ ପରିସ୍ଥିତିକୁ ସହଜ ଓ ସାବଲୀନ କରିବାକୁ ପୀୟୁଷ ଗୋଏଲ ପ୍ରୟାସ କରୁଛନ୍ତି। କିନ୍ତୁ ଏହାପୂର୍ବରୁ ଟ୍ରମ୍ପ ଭାରତ ବିରୋଧରେ ଟିକସ ହାର ଘୋଷଣା କରି ପରୋକ୍ଷ ଚାପ ସୃଷ୍ଟି କରିଥିବା ଜଣାପଡୁଛି।

ଭାରତ-ଆମେରିକା ଦ୍ୱିପାକ୍ଷିକ ରାଜିନାମାରେ ମୁଖ୍ୟ ପ୍ରତିବନ୍ଧକ ହୋଇଛି କୃଷି ଓ ଦୁଗ୍ଧଜାତ ଦ୍ରବ୍ୟକୁ ନେଇ। ଆମେରିକା ଉଭୟ ସାମଗ୍ରୀର ବିପଣନ ସକାଶେ ଭାରତୀୟ ବଜାର ଉନ୍ମୁକ୍ତ କରିବାକୁ ଚାହୁଁଥିବା ବେଳେ ଆଭ୍ୟନ୍ତରୀଣ ବାଧ୍ୟବାଧକତା ଦୃଷ୍ଟିରୁ ଭାରତ ସାଲିସ କରିବା ଏତେ ସହଜ ନୁହେଁ। ଏମିତିରେ କୃଷକଙ୍କ ଏକାଧିକ ଦାବିକୁ ସରକାର ଗ୍ରହଣ କରୁନଥିବାରୁ ଏବେ ମଧ୍ୟ ଆନ୍ଦୋଳନ ଜାରି ରହିଛି। ସରକାର ଯଦି ଚାପର ପରବର୍ତ୍ତୀ ହୋଇ ବଜାର ସୁବିଧା ଆମେରିକାକୁ ଦିଅନ୍ତି ତେବେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ଭାରତୀୟଙ୍କ ଡାଟା ଗୋପନୀୟତା ଆଇନ ଓ ସଂରକ୍ଷିତ ଡିଜିଟାଲ୍ ମାର୍କେଟ୍‌ରେ ଆମେରିକୀୟ ବୈଷୟିକ ସଂସ୍ଥାଙ୍କ ଅନୁପ୍ରବେଶ ସୁବିଧା କ୍ଷେତ୍ରରେ ଥିବା କଟକଣା ପ୍ରତ୍ୟାହାର ଦାବି ଅନ୍ୟ ଏକ ପ୍ରସଙ୍ଗ। ଦେଶର ସାଂପ୍ରତିକ ରାଜନୈତିକ ଦୃଶ୍ୟପଟ ଯାହା, ସେଥିରେ ସରକାର 'ଆ ବଦଳ ମତେ ବିନ୍ଧ' ନୀତି ଅନୁସରଣ କରିବା ଏତେ ସହଜ ନୁହେଁ। ବିଳମ୍ବିତ ନିଷ୍ପତ୍ତିର ଏହି ଦିଗ ବେଶ ଚିନ୍ତା ଉଦ୍ରେକକାରୀ ହୋଇଥିଲେ ମଧ୍ୟ ମଧ୍ୟବର୍ତ୍ତୀକାଳୀନ ସୀମିତ ବାଣିଜ୍ୟ କାରବାର ପାଇଁ ଯେତେଦୂର ସମ୍ଭବ ପଥ ପରିଷ୍କାର ହେବ ବୋଲି ଗତ ୨୪ ତାରିଖରେ ବୈଦେଶିକ ମନ୍ତ୍ରଣାଳୟ ଦେଇଥିବା ସୂଚନାରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ଇସ୍ପାତ, ଆଲୁମିନିୟମ ଓ କାର ରପ୍ତାନି ଉପରେ ଅତିରିକ୍ତ ଶୁଳ୍କ ଲାଗୁ ସକାଶେ ଟ୍ରମ୍ପ ଯେଉଁ ଘୋଷଣା କରିଥିଲେ ସେଥିରେ ହ୍ରାସ ଘଟାଇବାର ସମ୍ଭାବନା ରହିଛି। ତେବେ ତାହା ବିନିମୟରେ ଭାରତ ବଜାର ଦଖଲ କରିବାର ପ୍ରୟାସକୁ ଯେ ଆଖିବୁଜି ଦିଆଯିବ ଏକଥା ନୁହେଁ।

ପାରସ୍ପରିକ ସ୍ୱାର୍ଥ ରକ୍ଷା ଏବଂ ଭୂ-ରାଜନୈତିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ସ୍ତରରେ ମୁଣ୍ଡ ଟେକୁଥିବା ଫୋରମକୁ ଭଲ ଆଖିରେ ଦେଖେନାହିଁ ଆମେରିକା। ଅନେକ କ୍ଷେତ୍ରରେ ଆମେରିକାର ଏକଛତ୍ରବାଦୀ ଆଭିମୁଖ୍ୟ ବିରୋଧରେ ମଧ୍ୟ ଏହି ଫୋରମ୍ ନିଷ୍ପତ୍ତି ଗ୍ରହଣ କରିଥାଏ। ହୋଇପାରେ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକା। ତେବେ ପରିବର୍ତ୍ତିତ ପରିସ୍ଥିତିରେ ନିଜର ସ୍ୱାର୍ଥରକ୍ଷା ପାଇଁ ଆଞ୍ଚଳିକ ଶକ୍ତିଙ୍କର ଯେଉଁ ଅଭ୍ୟୁଦୟ ଘଟୁଛି ତାହାକୁ କଠୋର କଟକଣା ପ୍ରୟୋଗ କରି ରୋକିବା ସମ୍ଭବ ନୁହେଁ। ବ୍ରିକ୍ସ ଓ ଏସ୍‌ସିଓରେ ଚୀନର ପ୍ରାଧାନ୍ୟ ଥିଲେ ମଧ୍ୟ ଭାରତ ଯେ ଅନ୍ୟତମ ଶକ୍ତି କେନ୍ଦ୍ର ତାହାକୁ ଅସ୍ୱୀକାର କରିହେବନି। ତେଣୁ ଏସବୁ ସଂଗଠନରେ ଭାରତ ଭୂମିକା ଓ ରୁଷରୁ ତୈଳ ଆମଦାନୀ ଭଳି ପ୍ରସଙ୍ଗ ଟ୍ରମ୍ପଙ୍କୁ କ୍ଷୁବ୍ଧ କରିଛି। ଟ୍ରମ୍ପ କ୍ଷମତାସୀନ ହେବା ପରେ ପରେ ଯେଉଁ ବାଣିଜ୍ୟ ଯୁଦ୍ଧ ଘୋଷଣା କରିଥିଲେ, ଆମେରିକାବାସୀଙ୍କ ସ୍ୱାର୍ଥ ଓ ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ଏବେ ସେଥିରେ ସାଲିସ୍ କରିବାକୁ ବାଧ ହୋଇଛନ୍ତି।

ଭାରତର ବାଣିଜ୍ୟିକ ସ୍ୱାର୍ଥରକ୍ଷାର ଗୁରୁତ୍ୱ ଦୃଷ୍ଟିରୁ ଟ୍ରମ୍ପଙ୍କ ସହ ମଧ୍ୟ ସବୁକଥାରେ ସାଲିସ କରି ହେବନି। ଏକଥା ସତ ଯେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଲୋଚନାକୁ ଆଗେଇ ନେଇ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବା ସହଜ ନୁହେଁ। ତେଣୁ ଭାରତକୁ ଏହି ରାଜିନାମା ପାଇଁ ଅଧିକ ସମୟ ଦେବାକୁ ପଡ଼ିବ। ●

## ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଅନିଶ୍ଚିତ

**ଡଃ ସ୍ୱାଧୀନ କୁମାର ଦାଶ**

ରାଜଧାନୀର କର୍ମଜୀବୀ, ବ୍ୟବସାୟୀ ଓ ବିଦ୍ୟାର୍ଥୀଙ୍କ ସମେତ ଜନସାଧାରଣଙ୍କ ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ନିର୍ବାଚନ ଇସ୍ତାହାରରେ ଭୁବନେଶ୍ୱର ଓ କଟକ ମଧ୍ୟରେ ମେଟ୍ରୋ ରେଳ ପ୍ରକଳ୍ପର ପ୍ରତିଶ୍ରୁତି ଦେଇଥିଲେ। ନଭେମ୍ବର ୧୪, ୨୦୨୩ରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଥିଲା। ଦେଶର ଅଗ୍ରଣୀ ଦିଲ୍ଲୀ ମେଟ୍ରୋ ରେଳନିଗମ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହିତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା ମଧ୍ୟ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୨୪, ଜାନୁୟାରୀ ୧ତାରିଖରେ ହୋଇଥିଲା। ଏହା ଭୁବନେଶ୍ୱର ସମେତ ରାଜ୍ୟବାସୀଙ୍କୁ ଟ୍ରାଫିକ ସମସ୍ୟାରୁ ଆଶ୍ୱସ୍ତି ପାଇବାଇବାର ଆଶ୍ୱାସନା ପ୍ରଦାନ କରିଥିଲା। ଅଧୁନା ଶିଳାନ୍ୟାସର ପ୍ରାୟତଃ ୧୮ମାସ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପର ଅଗ୍ରଗତି ଦୂରେ ଥାଉ ଟେଣ୍ଡର ବାତିଲ୍ ହୋଇଥିବା ସୂଚନା ମିଳିଛି। ଏହା ଭିତରେ ଥିବା କାରଣ କ'ଣ? ତାହା ଆମ ପରି ସାଧାରଣ ଲୋକ କ'ଣ ବୁଝିପାରିବ? ସେସବୁ ଗହନ ଚାଷର ପାଠ।

ସୂଚନାଯୋଗ୍ୟ ଭାରତବର୍ଷରେ ଅଧୁନା ୧୬ଟି ସହରରେ ମେଟ୍ରୋରେଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ଜନସାଧାରଣ ସେବାରେ ଲାଗୁଛି। ସୂଚନାଯୋଗ୍ୟ, ଭାରତବର୍ଷରେ ସର୍ବପ୍ରଥମେ ୧୯୪୯-୫୦ ମଧ୍ୟରେ ଅଗ୍ରଣୀ ସହର କଲିକତାରେ ତତ୍‌କାଳୀନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟ ମେଟ୍ରୋରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଥିଲେ। ଏହାର ୨୩ ବର୍ଷ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଭାରତୀୟ ଓ ବିଦେଶ ସଂସ୍ଥା ମିଳିତ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ୧୯୭୩ ମସିହାରେ କଲିକତାଠାରେ ଉକ୍ତ ମେଟ୍ରୋରେଳ ପ୍ରକଳ୍ପର ଡିପିଆର ପ୍ରସ୍ତୁତ ହୋଇ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଅକ୍ଟୋବର ୨୪, ୧୯୮୪ ମସିହାରେ ଭାରତବର୍ଷରେ ସର୍ବପ୍ରଥମେ ମେଟ୍ରୋ ଟ୍ରେନ ଚଳାଚଳ କରି ଇତିହାସରେ ଏକ ନୂତନ ଯୁଗର ଆରମ୍ଭ ହେଲା। ଯଦିଓ ଏହାପରେ ଦିଲ୍ଲୀ, ବମ୍ବେ, ବାଙ୍ଗାଲୋର, ହାଇଦ୍ରାବାଦ, ଚେନ୍ନାଇ, ଅହମ୍ମଦାବାଦ, ନାଗପୁର, ପୁଣେ, ଜୟପୁର, କୋଚି, ଲକ୍ଷ୍ନୌ, କାନପୁର, ନୋଏଡା, ଗୁଡଗାଓଁ ଓ ମିରଟ ପରି ୧୬ଟି ସହରରେ ମେଟ୍ରୋ ରେଳ ଚଳାଚଳ କରି ଦେଶର ପ୍ରଗତିରେ ନିଜକୁ ସାମିଲ କରିପାରିଛନ୍ତି। ଭାରତରେ ଅଦ୍ୟାବଧି ୮୩୫ କିଲୋମିଟର ମେଟ୍ରୋ ରେଳ ମାର୍ଗ କାର୍ଯ୍ୟକ୍ଷମ ଅଛି। ଏହାର ସୁଦୂରପ୍ରସାରୀ ପ୍ରଭାବ ଅନେକାଂଶରେ ପରିଲକ୍ଷିତ ହେଉଛି। ଯାତାୟତ ଜନିତ ସମୟ ଅପଚୟ ହ୍ରାସ ପାଇ ଉକ୍ତ ସହରଗୁଡ଼ିକୁ ପୂର୍ବାପେକ୍ଷା ଅଧିକ ସମୃଦ୍ଧିଶାଳୀ କରାଯାଇପାରିଛି। ଏହି ସଫଳତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଓ କିଛି ରାଜ୍ୟମାନେ ମେଟ୍ରୋ ରେଳ ପ୍ରକଳ୍ପ କରିବାକୁ ଆଗ୍ରହ ପ୍ରକାଶ କରି ପ୍ରକଳ୍ପ ସମ୍ବଳିତ ଡିପିଆର ଏବଂ ପ୍ରଶାସନିକ ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ଏହିକ୍ରମରେ ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରେ ୨୬ କି.ମି. ପ୍ରଶସ୍ତ ମେଟ୍ରୋ ରେଳ ଧାରଣା ସହ ୨୦ଟି ରହଣି ସ୍ଥାନ ନିର୍ମାଣ ପ୍ରସ୍ତାବ ରହିଥିଲା। ୬୨୬୫କୋଟି ଟଙ୍କା ବ୍ୟୟବରାଦ କରାଯାଇ ଟେଣ୍ଡର ମାଧ୍ୟମରେ ଏହାର ପ୍ରଥମ କାର୍ଯ୍ୟଭାର ଠିକା ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା। ଦେଶରେ ଯେତେସବୁ ମେଟ୍ରୋ ରେଳ ପ୍ରକଳ୍ପମାନ କରାଯାଇଛି, ଅଧିକାଂଶ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଭାଗିତାରେ କରାଯାଇଛି। କିନ୍ତୁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ଦ୍ୱାରା ପ୍ରକଳ୍ପ ନିର୍ମାଣ ଜନିତ ଅର୍ଥ ବ୍ୟୟବରାଦ କେବଳ ରାଜ୍ୟ ସରକାର ବହନ କରି ସମସ୍ତ ଅର୍ଥରାଶିର ପ୍ରାବଧାନ ନିଜସ୍ୱ ରାଜ୍ୟ ବଜେଟ୍ ମଧ୍ୟରେ ରଖିଥିଲେ। ସରକାରଙ୍କ ଏହି ଫ୍ଲାଗ୍‌ସିପ୍ ଯୋଜନା ରାଜ୍ୟର ସ୍ୱାର୍ଥର ପ୍ରମୁଖତା ବହନ କରିବା ସହ ରାଜ୍ୟସରକାରଙ୍କ ଉଲ୍ଲେଖନୀୟ ସଫଳତା ବର୍ଣ୍ଣନାର ନୂତନ ଅଧ୍ୟାୟ ହେବା ନିଶ୍ଚିତ ଥିଲା।

କଟକ ଓ ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ରେଳପ୍ରକଳ୍ପ ଉଭୟ ସହର ମଧ୍ୟରେ ଅନେକ ଦିଗରୁ ସଂପର୍କ ସ୍ଥାପନାରେ ସହାୟକ ହେବ, ଏଥିରେ କୌଣସି ଦ୍ୱିମତ ନାହିଁ। କିନ୍ତୁ ୨୦୨୪ରେ ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ଏହି ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠିଥିଲା। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ନଗର ଉନ୍ନୟନ ମନ୍ତ୍ରୀ କହିଥିଲେ ଯେ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଶେଷ ହେବାକୁ ଯେଉଁ ସମୟ ନିର୍ଦ୍ଧାରଣ କରାଯାଇଛି ସେହି ସମୟ ମଧ୍ୟରେ ପ୍ରକଳ୍ପ ସରିବା ଲାଗି ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ। ପୂର୍ବ ସରକାରରେ କରାଯାଇଥିବା କୌଣସି ଜନହିତକର କାର୍ଯ୍ୟକ୍ରମ ବନ୍ଦ କରାଯିବ ନାହିଁ ବୋଲି ମଧ୍ୟ ସେ କହିଥିଲେ। ପରେ ରାଜ୍ୟ ସରକାର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ ସହର ଭିତରେ ମେଟ୍ରୋ ଟ୍ରେନ ଲାଇନ୍ ନିର୍ମାଣ ହେଲେ ଯେପରି ଜନସାଧାରଣଙ୍କର କୌଣସି ସମସ୍ୟା ନହୁଏ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ପୂର୍ବକ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଆହ୍ୱାନକ୍ରମେ ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ, ଟିପିସିଓଡିଏଲ୍, ଗେଲ୍, ବିଏସ୍‌ଏନ୍‌ଏଲ୍, ୱାଟକୋ, କମିଶନରେଟ୍ ଟ୍ରାଫିକ ଅଧିକାରୀଙ୍କ ସହ ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଟିମ୍ ଡିପିଆର ଅନୁସରଣ ପୂର୍ବକ ସହର ଭିତର ଦେଇ ଯିବାକୁ ଥିବା ସାମ୍ଭାବ୍ୟ ମେଟ୍ରୋରେଳ ଗତିପଥ ବୁଲି ଦେଖିଥିଲେ। ଅଭିଜ୍ଞ ଯନ୍ତ୍ରୀମାନଙ୍କ ଦ୍ୱାରା ଉକ୍ତ ଗତିପଥର ପ୍ରତ୍ୟେକ ୧୦୦ମି. ଅନ୍ତରରେ ମାଟିସ୍ତରରୁ ୪୦ମିଟର ଖୋଳାଯାଇ ମାଟିର ମାନ ଓ ଦୃଢ଼ତାକୁ ପରୀକ୍ଷା କରି ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ଏସବୁ ପରେ ପୂର୍ତ୍ତ ବିଭାଗୀୟ ମନ୍ତ୍ରୀଙ୍କ ବିବୃତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା ଭଳି ଥିଲା। ତାଙ୍କ ମନ୍ତବ୍ୟ ଦୁଇଟି ଦିଗକୁ ଉପସ୍ଥାପିତ କରିଥିଲା। ପ୍ରଥମଟି ପୂର୍ବ ସରକାରଙ୍କ ନିଷ୍ପତ୍ତି ମୁତାବକ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ଏୟାରପୋର୍ଟ ଛକଠାରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ଥିବାବେଳେ ଏହା ପରିବର୍ତ୍ତନ କରାଯାଇ କଟକ ପର୍ଯ୍ୟନ୍ତ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଏବଂ ତତ୍ ସଂକ୍ରାନ୍ତୀୟ ଆଉ ଏକ ଡିପିଆର ପ୍ରସ୍ତୁତି ପାଇଁ ରାଜ୍ୟ ସରକାର ସଂପୃକ୍ତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଲେ। ଦ୍ୱିତୀୟଟି ମେଟ୍ରୋ ପ୍ରକଳ୍ପଟି ମାଟି ଉପରେ ନ ଯାଇ କଲିକତା ପରି ମାଟିତଳେ ନିର୍ମାଣ କରାଯିବ ଏବଂ ୨୦ଟି ରହଣି ସ୍ଥାନ ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହେଲା। କାର୍ଯ୍ୟର ତଦାରଖ ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମର ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ସମେତ ଗବେଷଣା ଓ ବିକାଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବାଣିଜ୍ୟ ଓ ପରିବହନ ଏବଂ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ, ପୂର୍ତ୍ତ ବଭାଗ ପ୍ରମୁଖ ସଚିବ, ଅର୍ଥ ବିଭାଗ ପ୍ରମୁଖ ସଚିବ, ରେଳ ସମନ୍ୱୟ ବାଣିଜ୍ୟ ଓ ପରିବହନ ବିଭାଗର ସଚିବଙ୍କୁ ଅବସ୍ଥାପିତ କରି ଏହି ପ୍ରକଳ୍ପ କାର୍ଯ୍ୟକାରିତା ପର୍ଯ୍ୟବେକ୍ଷଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ମେଟ୍ରୋ ରେଳ ପ୍ରକଳ୍ପ ସଂପର୍କିତ ଆନ୍ତଃ ମନ୍ତ୍ରୀସ୍ତରୀୟ ପ୍ରଥମ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଟେଣ୍ଡର ବାତିଲ୍ ହେବା ପରେ ସେ ସବୁ ଯୋଜନା ଶୀତଳଭଣ୍ଡାରକୁ ଚାଲିଯାଇଛି।

ଅଧୁନା ରାଜ୍ୟରେ ଅବସ୍ଥାପିତ ସରକାର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ ଅଗ୍ରଗତି ଦିଗରେ କାର୍ଯ୍ୟକରିବା ଉଚିତ୍। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଆନ୍ତରିକତାର ସହିତ ନେଇ କାର୍ଯ୍ୟକାରୀ କରାଗଲେ ରାଜ୍ୟର ସ୍ୱାର୍ଥ ସାଧନ ହେବା ସହ ଓଡ଼ିଶାର ପ୍ରଗତିରେ ନୂତନ ଅଧ୍ୟାୟ ଯୋଡ଼ି ରାଜ୍ୟକୁ ଆର୍ଥିକ ଦିଗରେ ଲାଭବାନ କରିବ। ପ୍ରକଳ୍ପର ଶ୍ରେୟକୁ ନେଇ ରାଜନୈତିକ ଅଭିସନ୍ଧି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କବର ନ ଦେଉ। ●

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

## ଶିକ୍ଷା ସାଧନ ଓ ବିଦ୍ୟାଳୟ କୋଠା

**ରାଜୀବ କୁମାର ନାୟକ**

ପିଲାମାନଙ୍କୁ ସ୍କୁଲ୍ ମନସ୍କ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ତନ୍ମଧ୍ୟରୁ 'ବାଲା' (ବିଲିଡ଼ିଂ ଆଜ୍ ଲର୍ଣ୍ଣିଂ ଏଡ୍) ଯୋଜନା ଅନ୍ୟତମ। 'ବାଲା' ହେଉଛି ଏକ ଯୋଜନା, ଯେଉଁଠି ସଂପଦର ସଦୁପଯୋଗ ପୂର୍ବକ ବିଦ୍ୟାଳୟରେ ଥିବା ସ୍ଥାନ ଏବଂ କୋଠାକୁ ଅଭିନବ ଉପାୟରେ ଶିଶୁ ଅନୁକୂଳ ତଥା ପାଠପଯୋଗୀ କରି ଶୈକ୍ଷିକ ମୂଲ୍ୟ ବୃଦ୍ଧି କରିବା। ଏଥିରେ କାର୍ଯ୍ୟକଳାପ ଆଧାରିତ ଶିକ୍ଷା, ଶିଶୁ ଉପଯୋଗୀ, ସମାବେଶୀ ଶିକ୍ଷା ସାମିଲ ହେବ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଛାତ୍ରଛାତ୍ରୀଙ୍କୁ ପଠନ ନିମନ୍ତେ ଉତ୍ସାହିତ କରିବା ସହିତ ତାହା ଯେପରି ଉପଭୋଗ୍ୟ ହୋଇପାରିବ ସେଥିସକାଶେ ପରିବେଶ ସୃଷ୍ଟି କରିବା, ଛାତ୍ରଛାତ୍ରୀ ଯେପରି ବୁଝିବେ ଯେ ପ୍ରତ୍ୟେକେ ଜଣେ ଜଣେ ଲେଖକ ହୋଇ ପାରିବେ, ସେମାନେ ଯେମିତି ପ୍ରକୃତ ପଠନ କୌଶଳ ହାସଲ କରି ପାରିବେ ଏବଂ ସ୍ୱୟଂ ଶିକ୍ଷାର୍ଥୀ ହୋଇ ପାରିବେ, ଭିନ୍ନ ଭିନ୍ନ ରଚନା ଶୈଳୀ ସହିତ ପରିଚିତ ହୋଇ ପାରିବେ ଏବଂ ନିଜ ପାଇଁ କ'ଣ ପଢ଼ିବାକୁ ଉପଯୁକ୍ତ ସହଜରେ ଚୟନ କରିପାରିବେ, ବିବିଧ ବ୍ୟାପକ ଅଭିବ୍ୟକ୍ତି ଦିଗରେ ଉନ୍ମୁକ୍ତ ହୋଇପାରିବେ।

ମୁଖ୍ୟ କଥା ହେଲା ବିଦ୍ୟାଳୟକୁ ଏପରି ଭାବରେ ସୁସଜ୍ଜିତ କରାଯିବ, ଯେପରିକି ଏହାର ପ୍ରତ୍ୟେକ ଧୂଳିକଣାରେ କିଛି ନା କିଛି ଶିକ୍ଷଣୀୟ ଥିବ। ପ୍ରତ୍ୟେକ ବର୍ଗର ଛାତ୍ରଛାତ୍ରୀଙ୍କ ସକାଶେ ଏଭଳି ଅନୁକୂଳ ପରିବେଶ ସୃଷ୍ଟି କରାଯିବ, ଯାହା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆସିବା ନିମିତ୍ତ ଆକର୍ଷିତ କରୁଥିବ। ସତୁରୀ-ଅଶୀ ଦଶକରେ ପ୍ରଧାନଶିକ୍ଷକଙ୍କ ନେତୃତ୍ୱରେ ବିଦ୍ୟାଳୟର କାନ୍ଥବାଡ଼ରେ ବିଭିନ୍ନ ପ୍ରକାରର ନୀତିବାଣୀ, ଭାରତ, ଓଡ଼ିଶା ଓ ଜିଲ୍ଲାର ମାନଚିତ୍ର, ରାଜ୍ୟ ଓ ଦେଶର ବିଭିନ୍ନ ଦର୍ଶନୀୟ ସ୍ଥାନ, ଖାଦ୍ୟ ସାରଣୀ ଇତ୍ୟାଦିର ଚିତ୍ର ଓ ଲେଖା ବିଭିନ୍ନ ରଙ୍ଗ ଏବଂ ତୂଳୀ ସାହାଯ୍ୟରେ ଅଙ୍କା ଯାଉଥିଲା। ଅର୍ଥ ଅଭାବରୁ ଚିତ୍ରକର ସାହାଯ୍ୟ ନ ନେଇ ଶିକ୍ଷକଙ୍କ ମଧ୍ୟରୁ ଯାହା ଦେଇ ଚିତ୍ର ଭଲ ହେଉଥିବ ଏବଂ ଯାହାର ଅକ୍ଷର ଭଲ ହେଉଥିବ ତାଙ୍କ ମାଧ୍ୟମରେ ଏହିସବୁ ଜିନିଷ କରା ଯାଉଥିଲା। ଏବେ ଅର୍ଥର ଅଭାବ ସେତେ ମାତ୍ରାରେ ନାହିଁ। କିନ୍ତୁ ଅନେକ ବିଦ୍ୟାଳୟ ଆଜି ଶ୍ରୀହୀନ। ଏହାରି ଭିତରେ ୟୁନିସେଫ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ 'ବାଲା' ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ଜିଲ୍ଲାରୁ ପ୍ରାୟ ଗୋଟିଏ କରି ବିଦ୍ୟାଳୟ ଚୟନ କରାଯାଉଛି।

ଓଡ଼ିଶାରେ 'ବାଲା' ଯୋଜନାରେ ସାମିଲ ହୋଇଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର କଇରାଝୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ପାଖାପାଖି ୫ ଏକର ପରିମିତ ଜାଗାରେ ଥିବା ବିଦ୍ୟାଳୟର ଫାଟକରେ ବିଦ୍ୟାଳୟର ନାମ ଭିନ୍ନ ଶ୍ରୀଗଣେଶ ଓ ସରସ୍ୱତୀଙ୍କ ଚିତ୍ର ସାଙ୍ଗକୁ ଫାଟକଠାରୁ ବିଦ୍ୟାଳୟର କୋଠା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଗୋଲାକାର ସିମେଣ୍ଟ ଉପରେ ଉଭୟ ଓଡ଼ିଆ ଓ ଇଂରାଜୀ ବର୍ଣ୍ଣମାଳା, ଏକ ଶବ୍ଦ ଓ ତା'ର ଚିତ୍ର ରହିଛି। ମହାପୁରୁଷଙ୍କ ନାଁକୁ ନେଇ ଶ୍ରେଣୀ ଗୃହର ନାମକରଣ, ବିଦ୍ୟାଳୟ ପରିସରରେ ଥିବା ପ୍ରତ୍ୟେକ ବୃକ୍ଷର ଓଡ଼ିଆ, ଇଂରାଜୀ ଓ ଉଦ୍ଭିଦ ବିଜ୍ଞାନ ଅନୁଯାୟୀ ନାମ ଓଡ଼ିଆ ଅକ୍ଷରରେ ଏକ ଫଳକରେ ଲେଖି ଝୁଲାଯାଇଛି। କାନ୍ଥରେ ଚିତ୍ର ସହିତ 'ବାଲ୍ୟ ବିବାହକୁ ନା', 'ସେଭ୍ ଟ୍ରି' ଭଳି ବାର୍ତ୍ତାମାନ ରହିଛି। କମ୍ପ୍ୟୁଟର ହଲ ଆଗରେ କମ୍ପ୍ୟୁଟର ସଂପର୍କିତ ଅନେକ ସୂଚନା ଏବଂ କମ୍ପ୍ୟୁଟରର ବିଭିନ୍ନ ଅଂଶର ଚିତ୍ର, ପ୍ରତ୍ୟେକ ଶ୍ରେଣୀ ଗୃହରେ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଚିତ୍ର ଯେମିତି - ଟେନସ୍ ଚାର୍ଟ, କେଉଁ ଖାଦ୍ୟରୁ କେଉଁ ଭିଟାମିନ୍ ମିଳେ, ସୌର ପରିବାର ଇତ୍ୟାଦି ରହିଥିବା ବେଳେ ବାରଣ୍ଡାରେ ମହାପୁରୁଷଙ୍କ ଚିତ୍ର, ବିଭିନ୍ନ ଦର୍ଶନୀୟ ସ୍ଥାନ, ବିଭିନ୍ନ ମାନଚିତ୍ର ଇତ୍ୟାଦି ସହିତ ନୀତିବାଣୀ ଲେଖା ଯାଇଛି। ପ୍ରତ୍ୟେକ କାନ୍ଥତଳେ ଶାଢ଼ି ଧଡ଼ି ସଦୃଶ ଚିତ୍ର କରି ସାଧାରଣ ମଣିଷର ଜନ ଜୀବନର କଥା ପରିଦୃଷ୍ଟ ହୁଏ। ସ୍ଥାନେ ସ୍ଥାନେ ବିଭିନ୍ନ ଜୀବଜନ୍ତୁ ଆକୃତିର ଡଷ୍ଟବିନ ଥିବା ପରିଲକ୍ଷିତ ହୁଏ। ଛାତ୍ର, ଛାତ୍ରୀ ଓ ଭିନ୍ନକ୍ଷମଙ୍କ ସକାଶେ ଅଲଗା ପାଇଖାନା ଓ ର୍‍ୟାମ୍ପ ସହ ଆଗରେ ଚିତ୍ର ସହ ଲେଖା ଯାଇଛି ବାଳକ କି ବାଳିକା କି ଭିନ୍ନକ୍ଷମ। ଏହା ସହିତ 'ଜଳ ହିଁ ଜୀବନ' ଚିତ୍ର ସହ ତନିଚକିଆ ଏକ ଚୌକିରେ ଜଣେ ଭିନ୍ନକ୍ଷମ ବସିଥାଇ ଲେଖାଯାଇଛି 'ଦୟା ନୁହେଁ ମୁଁ ସୁଯୋଗ ଚାହେଁ, ତୁମ ସାଥେ ସାଥେ ଯିବାକୁ ଚାହେଁ'। ଏତଦ୍‌ବ୍ୟତୀତ ଭିନ୍ନ ଭିନ୍ନ ଡଷ୍ଟବିନ କରାଯାଇ 'ମାଟିରେ ମିଶିବ' ଏବଂ 'ମାଟିରେ ମିଶିବ ନାହିଁ' ଲେଖା ଯାଇଥିବା ଦୃଷ୍ଟିଗୋଚର ହୁଏ। ପିଲାମାନଙ୍କୁ ଆକୃଷ୍ଟ କରିବା ସକାଶେ ଟ୍ରେନର ବଗି ଓ ପ୍ଲାଟଫର୍ମ ଭଳି ମଧ୍ୟ କରାଯାଇଛି ସାଇକେଲ ଷ୍ଟାଣ୍ଡ ନିକଟରେ, ଯାହାଦ୍ୱାରା ପିଲାମାନେ ଟ୍ରେନ, ପ୍ଲାଟଫର୍ମ ଇତ୍ୟାଦି ବିଷୟରେ ଜାଣିପାରିବେ। ସୁବର୍ଣ୍ଣପୁର ଜିଲ୍ଲାର ବିନିକା ନିକଟସ୍ଥ ଲକ୍ଷବଳପୁରଠାରେ ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠିତ ଏକ ଭିନ୍ନକ୍ଷମ ବିଦ୍ୟାଳୟରେ ମଧ୍ୟ ଏଭଳି ଅନେକ ଶିକ୍ଷଣୀୟ ଜିନିଷ ଦେଖିବାକୁ ମିଳେ।

ସୁବର୍ଣ୍ଣପୁର ଜିଲ୍ଲା ଏଠାରେ ଏକ ଉଦାହରଣ। 'ବାଲା' ଯୋଜନାରେ ସମଗ୍ର ଓଡ଼ିଶାରେ ବିଦ୍ୟାଳୟକୁ ଶିକ୍ଷଣୀୟ କରିବା ସକାଶେ ଅନେକ ପ୍ରଚେଷ୍ଟା ହୋଇଛି। ଅନେକ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ମଧ୍ୟ କମ୍ ବେଶୀ କରି ଏ ଦିଗରେ କାମ କରା ଯାଉଛି। ଅନେକ ଶ୍ରେଣୀଗୃହରେ ପରିୟଡିକ ଟେବୁଲଠୁ ଆରମ୍ଭ କରି ମାନବ ଶରୀରର ବିଭିନ୍ନ ଅଂଶ, ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଉପକରଣ, ମାନଚିତ୍ର, ମହାପୁରୁଷଙ୍କ ଛବି ଇତ୍ୟାଦି କରା ଯାଉଛି। ଏହା ଛାତ୍ରଛାତ୍ରୀଙ୍କୁ ନିଶ୍ଚୟ ଅଭିଭୂତ କରୁଥିବ ଏବଂ ଶିକ୍ଷା ଅଭିମୁଖୀ କରାଉଥିବ। ଏହାବାଦ୍ ବିଭିନ୍ନ ସାମାଜିକ ସଂଗଠନ ଛାତ୍ରଛାତ୍ରୀଙ୍କୁ ପାଠ କେମିତି ସହଜ ଲାଗିବ ଭାବି ଅନେକ ପ୍ରକାରର ଜିନିଷ ପ୍ରସ୍ତୁତ କରୁଛନ୍ତି ଶିକ୍ଷଣୀୟ ଦ୍ରବ୍ୟ ମାଧ୍ୟମରେ ଶିକ୍ଷାଦାନ(ଟି.ଏଲ.ଏମ.)କୁ ଆଖି ଆଗରେ ରଖି।

ସରକାର ଏ ଦିଗରେ ଗୁରୁଦାୟିତ୍ୱ ଗ୍ରହଣ କରି ବିଭିନ୍ନ ପ୍ରକାର ବିଦ୍ୟାଳୟ ନ ଖୋଲି ସବୁ ବିଦ୍ୟାଳୟ ସମାନ ଭାବି ଏ ଦିଗରେ ଅର୍ଥ ବରାଦ କରିବାର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି। ତେଣୁ ଆମକୁ ଆହୁରି ଅନେକ ରାସ୍ତା ଅତିକ୍ରମ କରିବାର ଅଛି। ଆମେ ସେହିଦିନ ଖୁସି ପ୍ରକଟ କରିବା ଯେଉଁଦିନ ବିଦ୍ୟାଳୟର ଛୁଟି ସମୟର ଦୃଶ୍ୟ ଭଳି ବିଦ୍ୟାଳୟକୁ ଆସିବା ସମୟର ଦୃଶ୍ୟ ଦେଖାଯିବ। ଅର୍ଥାତ ପିଲାମାନେ ବିଦ୍ୟାଳୟକୁ ଆସିବାକୁ ଆଉ ଅମଙ୍ଗ ହେବେ ନାହିଁ, ବରଂ ବିଦ୍ୟାଳୟ ସମୟ ଆସିଲେ ସ୍ୱତଃ ବିଦ୍ୟାଳୟ ପ୍ରତି ଆକର୍ଷିତ ହେବେ। ●

ପଦରପଡ଼ା(ବୌଦ୍ଧ), ମୋ: ୯୪୩୭୫୭୧୮୩୧

## ବିଶ୍ୱ-ଦରଦୀ ମାନବବାଦୀ ଗୋପବନ୍ଧୁ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ଗୋପବନ୍ଧୁଙ୍କୁ 'ଉତ୍କଳମଣି' ସମ୍ମାନରେ ବିଭୂଷିତ କରି ଓଡ଼ିଆ ଜାତି ଗୌରବାନ୍ୱିତ। ମାତ୍ର ତାଙ୍କ ସାହିତ୍ୟ ଏବଂ ଜୀବନରେ ମାନବିକ ସମ୍ବେଦନଶୀଳତାର ଯେଉଁ ଉଷ୍ମ ପ୍ରବାହ ଅନୁଭୂତ ହୁଏ ତାହା ସମସ୍ତ ଭୌଗୋଳିକ ସୀମାକୁ ଯେ ଅତିକ୍ରମ କରିଯିବାର ଅସୀମ ଶ୍ରଦ୍ଧାରେ ମହିମାନ୍ୱିତ -ଏହି ନିଗୂଢ଼ ସତ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଉନ୍ମୋଚିତ ହୋଇପାରିନାହିଁ। ଏ ପ୍ରୟାସ ଏବେ ମଧ୍ୟ ଜାରି ରହିଥିବା ଓଡ଼ିଆ ସାହିତ୍ୟ ପ୍ରତି ଶୁଭସଙ୍କେତ। ଗୋପବନ୍ଧୁଙ୍କ ହୃଦୟର ସୂକ୍ଷ୍ମତମ ଅଂଶଗୁଡ଼ିକ ସୁବିକଶିତ ହୋଇପାରିଥିବାରୁ ତାଙ୍କ କଣ୍ଠରେ ଭରିଯାଇଥିଲା ଅମାପ ମମତା, ନୟନଯୁଗଳ ହୋଇଯାଉଥିଲା ଅଶ୍ରୁସ୍ନାତ, କବିତା ଲେଖିବା ଆରମ୍ଭ କଲେ ତ୍ୟାଗପୂତ ଚରିତ୍ରମାନଙ୍କ ଭାବନାରେ ସେ ହୋଇଯାଉଥିଲେ ଭାବାବିଷ୍ଟ। ଗଦ୍ୟରଚନାରେ ବି ପ୍ରତିବିମ୍ବିତ ହେଉଥିଲା ତାଙ୍କ ସ୍ୱାଧୀନ, ସ୍ୱାଭିମାନ-ସମ୍ପନ୍ନ, ସମଦୁଃଖୀ ଅନ୍ତରଙ୍ଗ ଅନ୍ତଃସତ୍ତାଟି। ଧର୍ମପଦକୁ ସେ ଜୀବନ୍ୟାସ ଦେଲେ ସ୍ୱରଚିତ କାବ୍ୟରେ। ପ୍ରମାଣିତ କରିଦେଲେ ଯେ ସମ୍ପୂର୍ଣ୍ଣ ଭାବରେ ପ୍ରଜ୍ୱଳିତ ହୋଇ ଉଠିବାରେ ହିଁ ଜୀବନ-ଦୀପର ମହତ୍ତର ଉଦ୍ଦେଶ୍ୟ ହୋଇଯାଏ ସାଧିତ। କାବ୍ୟ କବିତା ଓ କବି-ଆତ୍ମା ସହ ସଂଯୁକ୍ତ ସାଧାରଣ ପାଠକ କଣ୍ଠରୁ ମଧ୍ୟ ତେଣୁ ଝରିଆସେ - 'ମାନବ ଜୀବନ ନୁହଇ କେବଳ ବର୍ଷ, ମାସ, ଦିନ ଦଣ୍ଡ / କର୍ମେ ଜିଏ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ।'

ଗୋପବନ୍ଧୁଙ୍କ ଜୀବନ କାଳ ମଧ୍ୟ ସଂକୁଚିତ। ମାତ୍ର ୫୨ ବର୍ଷ ବୟସରେ ସେ ଚିର ନିଦ୍ରା ବରଣ କରିନିଅନ୍ତି। ଅଥଚ ଏହି ସଂକ୍ଷିପ୍ତ ଜୀବନର ସୀମା ମଧ୍ୟରେ ସେ ଯେଉଁ ଅସୀମତା ଧାରଣ କରିଛନ୍ତି ସ୍ୱକୀୟ ଚେତନାରେ ଏବଂ ନିଜକୁ ବିତରିତ କରି ଦେଇଛନ୍ତି ନିର୍ବିଚାର ଭାବରେ, ତାହା ହିଁ ଯେ ଅନନ୍ୟ ଓ ଅତୁଳନୀୟ। କୌଣସି ସ୍ୱାଧୀନ କବିର ଆତ୍ମା ଓ ମୁକ୍ତିଅଭିମୁଖୀ ସଂଗ୍ରାମୀ ମନକୁ ବନ୍ଦୀ କରି ରଖିବା ପାଇଁ କ'ଣ ଏ ପୃଥିବୀରେ ନିର୍ମିତ ହୋଇପାରିଛି ନା ହୋଇପାରେ କୌଣସି କାରାଗୃହ? ଗୋପବନ୍ଧୁଙ୍କ ଶରୀରଟି ହଜାରୀବାଗ ଜେଲରେ ବନ୍ଦୀ ହୋଇ ରହିଥିବା ବେଳେ ବି ତାଙ୍କ ଆତ୍ମିକ ଆକୁଳତା ପ୍ରଦକ୍ଷିଣ କରୁଥିଲା ସମଗ୍ର ଓଡ଼ିଶାକୁ। ସେପରି ପ୍ରାଣବନ୍ତ ଉଦବିଗ୍ନତା କ'ଣ କୌଣସି ନିର୍ଦ୍ଦିଷ୍ଟ ସୀମାରେ ରହିପାରେ ଆବଦ୍ଧ? ତାହା ତ ପବନର ଢେଉରେ ଭାସିଯାଇପାରେ ଦୂର-ଦୂରାନ୍ତର, ଦେଶ-ଦେଶାନ୍ତର। 'ବନ୍ଦୀର ଆତ୍ମକଥା', 'କାରାକବିତା'ର ପ୍ରାଣପ୍ରାଚୁର୍ଯ୍ୟ ଗର୍ଭିତ ପଦଗୁଡ଼ିକ ସେହି ବିପୁଳ ଶକ୍ତି ଓ ଆନ୍ତରିକତାରେ ହୋଇ ଉଠିଛନ୍ତି ଅନ୍ତଃସ୍ପର୍ଶୀ ଆଉ ପ୍ରଭାବଦୀପ୍ତ। 'ସମାଜ' ଓ 'ସତ୍ୟବାଦୀ' ମାଧ୍ୟମରେ ପୁରପଲ୍ଲୀରେ ସେ ସୃଷ୍ଟି କରିଦେଇ ପାରିଛନ୍ତି ଅହିଂସାର ମନ୍ତ୍ର। ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ସମ୍ପ୍ରସାରିତ କରିଦେଇଛନ୍ତି ସର୍ବତ୍ର।

ଜଣେ ମଣିଷର ହୃଦୟ ପ୍ରତିମୁହୂର୍ତ୍ତରେ ହୋଇପାରେ କିପରି ଆବେଗ-ସ୍ପନ୍ଦିତ, ନବ ନବ ଚିନ୍ତନରେ ଆଲୋଡ଼ିତ, ମଣିଷର ଦୁଃଖ ଓ ଦୁର୍ଭାଗ୍ୟରେ ବିଗଳିତ; ତାହାର ମହତ୍ତର ଉଦାହରଣ ଗୋପବନ୍ଧୁ ଦାସ। ତାଙ୍କୁ ପଣ୍ଡିତ ଭାବରେ ମଧ୍ୟ ବିଭୂଷିତ କରାଯାଇଛି। କିନ୍ତୁ ପାଣ୍ଡିତ୍ୟଠାରୁ ଯାହା ସହସ୍ର ଗୁଣରେ ଗରୀୟାନ ସେଇ ଅକୃତ୍ରିମ ଶ୍ରଦ୍ଧା, ନିଷ୍କପଟ ହୃଦୟର ଭାବାବେଗ ବହନ କରି ସେ ନିକଟତର ହୋଇଛନ୍ତି ମଣିଷର। ସତ୍ୟବାଦୀ ବନ ବିଦ୍ୟାଳୟ ନିର୍ମାଣ କଲେ ସେ ମଣିଷ ଗଢ଼ିବା ସକାଶେ। ତାହା ତ ତାଙ୍କର ଏକ ଶ୍ରେଷ୍ଠ ମହାକାବ୍ୟ। ପୁଣି ଯେତେବେଳେ ଭାରତୀୟ ଜାତୀୟତାବୋଧ ତାଙ୍କ ଅନ୍ତରକୁ କରିଛି ବ୍ୟାକୁଳ ନିଜକୁ ଝାସ ଦେଇଛନ୍ତି ସ୍ୱଦେଶ ପ୍ରେମର ମହାସ୍ରୋତରେ।

ବନ ବିଦ୍ୟାଳୟରେ ଛାତ୍ରମାନଙ୍କୁ ସମ୍ବୋଧନ କରି ଯାହା ସେ ଉଚ୍ଚାରଣ କରୁଥିଲେ ତାହାକୁ ମହାକାଳ ମଳିନ କରିଦେଇ ପାରିନାହିଁ। ତାଙ୍କ ବକ୍ତବ୍ୟ ଓଡ଼ିଆ ସାହିତ୍ୟର ଉଚ୍ଚାଙ୍ଗ ଗଦ୍ୟକୃତି ଭାବରେ ଗୃହୀତ। ଭାଷା ହୋଇପାରେ କେତେ ସରଳ, କେତେ ଭାବଉଦ୍ରେକକାରୀ, ସଂଚରଣକ୍ଷମ ତାହା ତାଙ୍କ ରଚନାବଳୀରୁ ଯେ କେହି ହୃଦୟଙ୍ଗମ କରିପାରିବେ ଅନାୟାସରେ। ଓଡ଼ିଶାର ସୁପ୍ରସିଦ୍ଧ ଗାଥାକବି ରାଧାମୋହନ ଗଡ଼ନାୟକ 'ବିଶ୍ୱଜୀବନ ପଥେ' କବିତା ରଚନା କରି ପ୍ରମାଣିତ କରିଦେଇଛନ୍ତି ଯେ, ଗୋପବନ୍ଧୁ ଯଥାର୍ଥରେ ହେଉଛନ୍ତି ବିଶ୍ୱବାଦୀ ଓ ବିଶ୍ୱଦରଦୀ। ସେ ପ୍ରଥମେ ଜଣେ ଉଚ୍ଚକୋଟୀର ମଣିଷ। ତା'ପରେ କବି। ତାଙ୍କ କାବ୍ୟ, କବିତା, ଗଦ୍ୟସୃଷ୍ଟି ସର୍ବତ୍ର ଯେଉଁ ପ୍ରାଣ-ତରଙ୍ଗ ପରିବ୍ୟାପ୍ତ ହୋଇ ରହିଛି ଆମର ସାମାନ୍ୟ ଶ୍ରଦ୍ଧାର ସ୍ପର୍ଶ ଲାଭ କଲେ ତାହାର ଅସାମାନ୍ୟ ଆଲୋକ ନିଶ୍ଚୟ ଆମକୁ ଆବୃତ୍ତ କରି ରଖିବ ବାତାବରଣ ଯେତେ ପ୍ରତିକୂଳ ହୋଇ ରହିଥିଲେ ମଧ୍ୟ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅପାରଗତା ଲୁଚାଇବା ପାଇଁ ଅପଚେଷ୍ଟା: ବିଜେଡି

## ସରକାରଙ୍କ ଉପରେ ଆସ୍ଥା ହରାଇଲେଣି କି ରାଜ୍ୟ ବିଜେପି ଯୁବ ଓ ମହିଳା ମୋର୍ଚ୍ଚା

**ଭୁବନେଶ୍ୱର,୩୦ା୭ (ସମିସ):** ବିଜେପି ରାଜ୍ୟ ମହିଳା ଶାଖା ଦ୍ୱାରା ବୁଧବାର ରାଜରାସ୍ତାରେ କରାଯାଇଥିବା ପ୍ରତିବାଦ କାର୍ଯ୍ୟକ୍ରମ ଉପରେ ଆଜି କଡ଼ା ପ୍ରତିକ୍ରିୟା ଦେଇଛି ବିଜେଡି। ବିଜେପି ସରକାର ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ଏହି ବିଫଳତାକୁ ଲୁଚାଇବାକୁ ଗତ କାଲି ବିଜେପି ମହିଳା ଓ ଯୁବମୋର୍ଚ୍ଚା ନେତା ରାଜରାସ୍ତାକୁ ଓହ୍ଲାଇବା ଦୁର୍ଭାଗ୍ୟଜନକ ବୋଲି ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି।

ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଇପ୍ସିତା କହିଛନ୍ତି ରାଜ୍ୟରେ ଗତ ତେର ମାସର ବିଜେପି ଶାସନରେ ମହିଳା ଓ ଛାତ୍ରୀଙ୍କ ବିରୋଧରେ ଅପରାଧ ବୃଦ୍ଧି ଘଟିବା ଯୋଗୁ ରାଜ୍ୟବାସୀ ଅତିଷ୍ଠ ହୋଇ ପଡିଛନ୍ତି। ବିଜେପି ଯୁବ ଓ ମହିଳା ମୋର୍ଚ୍ଚା ଏହି ପ୍ରତିବାଦ କାର୍ଯ୍ୟକ୍ରମ ମାଧ୍ୟମରେ, ବିରୋଧୀ ଦଳକୁ ଟାର୍ଗେଟ କରିବାକୁ ଅପଚେଷ୍ଟା କରୁଛନ୍ତି। ମାତ୍ର




ଯେତେବେଳେ ବିଜେପି କର୍ମକର୍ତ୍ତା ମାନେ ଦୁଷ୍କର୍ମ ଅଭିଯୋଗରେ ଜେଲ ଯାଉଛନ୍ତି, ସେତେବେଳେ ସେମାନେ ମୁହଁ ଚୁପ ରଖୁଛନ୍ତି କାହିଁକି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ହୃଦୟର ନେତା ନବୀନ ପଟ୍ଟନାୟକଙ୍କ ବୟସକୁ ନେଇ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଯେଉଁ ମନ୍ତବ୍ୟ ଦେଇଛନ୍ତି ତାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଯେଉଁ ଦଳର ସଭାପତିଙ୍କୁ ୨୦୦୮ ମସିହାରେ ଓଡ଼ିଶା ନିବାସରେ ଗୋଟିଏ ରୁମରେ ତାଲା ପକାଇ ଅଟକାଯାଇଥିଲା, ସେହି ଦଳର ଯୁବ ସଭାପତି ନବୀନ ବାବୁଙ୍କୁ ପ୍ରଶ୍ନ ପଚାରିବା କେତେ ଦୂର ଯୁକ୍ତିଯୁକ୍ତ ? ବିଜେପି ଯୁବ ମୋର୍ଚ୍ଚାର ସଭାପତି ଶିଷ୍ଟାଚାର ଓ ଶାଳୀନତା ଭୁଲି ମନ୍ତବ୍ୟ ଦେଇ ଅନ୍ୟ ଛାତ୍ର ସଂଗଠନକୁ କ୍ୟାମ୍ପସ ଯିବାରେ ବାରଣ କରିବା ବେଳେ ଭୁଲି ଯାଉଛନ୍ତି ଯେ ରାଜ୍ୟର ସର୍ବାଧିକ କଲେଜ କ୍ୟାମ୍ପସର ନିର୍ବାଚିତ କର୍ମକର୍ତ୍ତା ବିଜୁ ଛାତ୍ର ଜନତା ଦଳ ସହ ସଂପୃକ୍ତ । ଏଫଏମ କଲେଜ ଛାତ୍ରୀ ସୌମ୍ୟଶ୍ରୀର ଆତ୍ମଦାହ ଘଟଣାରେ ଦୀର୍ଘ ୬ ମାସ କାଳ ସେ ନ୍ୟାୟ ପାଇବା ପାଇଁ ସଙ୍ଘର୍ଷ କରିଥିଲେ। ବିଜେପିର ଛାତ୍ର ସଂଗଠନ ଏବିଭିପିର ଜଣେ ସଦସ୍ୟ ହୋଇଥିବା ସତ୍ତ୍ୱେ, ସୌମ୍ୟାଶ୍ରୀଙ୍କୁ ରାଜ୍ୟ ସରକାର ନ୍ୟାୟ ଦେବା ପାଇଁ ବିଫଳ ହୋଇଥିଲେ, ଯେଉଁଥିପାଇଁ ଏଭଳି ଅଭାବନୀୟ କାଣ୍ଡ ଘଟିଲା। ରାଜ୍ୟ ବିଜେପି ସରକାର ନ୍ୟାୟ ଦେବାରେ ବିଫଳ ହୋଇଥିବା ବେଳେ ଅନ୍ୟକୁ ଅଙ୍ଗୁଳି ଦେଖାଇବାର ଅଧିକାର ବିଜେପି ନେତାମାନେ ହରାଇଛନ୍ତି। ଏହାଛଡା, ଗତ ତେର ମାସରେ ରାଜ୍ୟରେ ୧୮,୦୦୦ରୁ ଉର୍ଦ୍ଧ୍ୱ ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି। ରାଜ୍ୟରେ ପ୍ରତିଦିନ ୧୫ଟି ଦୁଷ୍କର୍ମ ହେଉଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟରେ ଛାତ୍ରୀ, ନାବାଳିକା ଓ ମହିଳା ମାନେ ଅସୁରକ୍ଷିତ ବୋଲି ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ମହିଳା ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହେଉଥିଲା ବେଳେ ରାଜରାସ୍ତାରେ ଚିତ୍କାର କରୁଥିବା ବିଜେପି ନେତାମାନେ ମୁହଁରେ ତୁଣ୍ଡି ବାନ୍ଧି ବସି ରହୁଛନ୍ତି କାହିଁକି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଥିଲେ।

## ଅବଶିଷ୍ଟାଂଶ

### ଅଧା ବିଶ୍ୱ...

ଏହି ଶକ୍ତିଶାଳୀ ଭୂକଂପରେ ରୁଷଠାରୁ ଆରମ୍ଭ କରି ଜାପାନ ମଧ୍ୟ ଥରି ଉଠିଛି। ଏହାପ୍ରଭାବରେ ସମଗ୍ର ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସୁନାମୀ ଆଲର୍ଟ ଜାରି କରାଯାଇଥିଲା। ସୁନାମୀର ପ୍ରଭାବ ଆମେରିକାର କାଲିଫର୍ଣ୍ଣିଆ ସହର ଉପକୂଳରେ ମଧ୍ୟ ଦେଖିବାକୁ ମିଳିଛି। ଏହାସହିତ ୧୨ଟି ଦେଶରେ ସୁନାମୀ ଆଲର୍ଟ ଜାରି କରାଯାଇଥିଲା। ରୁଷ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ରୁଷ ଉପକୂଳ କାମଚାଟକାରେ ୩ରୁ ୪ ମିଟର ଉଚ୍ଚର ଜୁଆର ଆସିଥିଲା। ରୁଷ ପୂର୍ବ ଉପକୂଳର ଏକ ବନ୍ଦର ସହରରେ ସୁନାମୀ ଯୋଗୁଁ ସମୁଦ୍ର ପାଣି ପଶି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ସହରରେ ୨ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ରୁଷର ସେଭେରୋ-କୁରିସ୍କ ଅଞ୍ଚଳ ମଧ୍ୟ ସୁନାମୀ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ତେବେ କ୍ଷୟକ୍ଷତି ପରିମାଣ ସଂପର୍କରେ କିଛି ସୂଚନା ଦିଆଯାଇ ନାହିଁ। ରୁଷ ଟିଭିରେ ପ୍ରସାରିତ ରିପୋର୍ଟ ଅନୁଯାୟୀ ଏହି ବନ୍ଦର ସହରର ଅନେକ କୋଠା ଭୁଶୁଡ଼ି ପଡ଼ିବା ସହିତ ସମୁଦ୍ର ଜୁଆରରେ ଭାସି ଯାଇଛି। ତେବେ ଏଥିରେ ମୃତାହତଙ୍କ ସଂଖ୍ୟା ଦିଆଯାଇ ନାହିଁ। ଭୂମିକମ୍ପ ପରେ ଜାପାନ, ଆମେରିକା, ଆଲସ୍କା, ଫ୍ରାନ୍ସ, ଚିଲି, ନ୍ୟୁଜିଲାଣ୍ଡ ଓ ହୱାଇରେ ସୁନାମୀ ଆଲର୍ଟ ଜାରି କରାଯାଇଛି। ଏହି ଅଞ୍ଚଳରେ ଉପକୂଳବର୍ତ୍ତୀ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଆାମେରିକାର କାଲିଫର୍ଣ୍ଣିଆ ଏବଂ ଓରେଗନ୍ ଉପକୂଳରେ ସୁନାମୀ ସତର୍କତା ରହିଛି। ଏଠାରେ ଦୁଇରୁ ତିନି ମିଟର ପର୍ଯ୍ୟନ୍ତ ସମୁଦ୍ର ଜୁଆର ମାଡ଼ି ଆସିବାର ସମ୍ଭାବନା ରହିଛି। ସମୁଦ୍ରକୂଳକୁ ନଯିବା ଲାଗି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ବିଶେଷକରି ତଳିଆ ଅଞ୍ଚଳରେ ସମୁଦ୍ର ଜୁଆର ମାଡ଼ିଆସିପାରେ ବୋଲି କୁହାଯାଉଛି। ଇତିମଧ୍ୟରେ ରୁଷ ଉପକୂଳରୁ ସୁନାମୀ ସତର୍କତା ହଟାଇ ଦିଆଯାଇଥିବା ବେଳେ ଆମେରିକା,କଲମ୍ବିଆ, ଜାପାନ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ ଓ ଚିଲିରେ ସୁନାମୀ ଆଲର୍ଟ ବଳବତ୍ତର ରହିଛି। ଲକ୍ଷାଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ଯିବାଲାଗି ପରାମର୍ଶ ଦିଆଯାଇଛି। କେବଳ ଜାପାନରେ ୨୦ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

### ୯୭ ମିନିଟ୍‌ରେ...

୧.୫ ବିଲିଅନ ଡଲାର ଅର୍ଥାତ ୧୨, ୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଇସ୍ରୋ ଓ ନାସାର ନାମକୁ ମିଶାଇ ଏହି ଉପଗ୍ରହର ନାମ ନିସାର ରଖାଯାଇଛି। ନାସା- ଇସ୍ରୋ ସିନ୍ଥେଟିକ ଆପେରଚର ରାଡାର (ନିସାର) ଉପଗ୍ରହର ସ୍ୱତନ୍ତ୍ର କ୍ଷମତା ରହିଛି। ଏହି ଉପଗ୍ରହ ଘଞ୍ଚ ଜଙ୍ଗଲ୍ ଓ ଅନ୍ଧାରରେ ମଧ୍ୟ ଦେଖିପାରିବ। ଓଏହା ୯୭ ମିନିଟ୍‌ରେ ପୃଥିବୀର ପରିକ୍ରମଣ କରିବ। ଏହା ୯୮.୪ ଡିଗ୍ରୀ ନଇଁ କରି ରହିବ। ଲଞ୍ଚ୍ ହେବାର ୧୮ ମିନିଟ୍ ପରେ ନିସାକୁ କକ୍ଷପଥରେ ଅବସ୍ଥାପିତ ହୋଇଛି। ନିସାର ୭୪୭ କିମି ଉପରେ ପୋଲର ଅର୍ବିଟ୍‌ରେ ପୃଥିବୀ ଚାରିପେଟ ଘୂରିବ। ଅର୍ଥାତ୍ ନିସାର ଧ୍ରୁବତାରା ଅର୍ଥାତ ନର୍ଥପୋଲ ଦେଇ ପରିକ୍ରମା କରିବ। ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ। ୧୨ ଦିନରେ ନିସାର ପୃଥିବୀକୁ ୧, ୧୭୩ ଥର ପରିକ୍ରମା କରିବ। ଘନ ବାଦଲ, ଘଞ୍ଚ ଜଙ୍ଗଲ, ଧୂଆଁ ଏପରିକ ଘନ ଅନ୍ଧାରରେ ମଧ୍ୟ ନିସାର ଦେଖିପାରିବ। ପୃଥିବୀ ହେବାକୁ ଥିବା ସବୁଠାରୁ ଛୋଟ ପରବର୍ତ୍ତନକୁ ମଧ୍ୟ ନିସାର ରେକର୍ଡ କରିପାରିବ। ଭୂମି ଓ ବରଫର ପରିବର୍ତ୍ତନ ଓ ଜଙ୍ଗଲ, ଚାଷଜମି ଏବ ପ୍ରାକୃତିକ ସ୍ଥାନକୁ ଏହା ମିନିଟରେ ଚିହ୍ନଟ କରିବ। ଏହା ଦ୍ୱାରା ପରିବେଶ କିପରି ରହିଛି ତାହା ଜାଣିବାକୁ ପ୍ରୟାସ କରିବ। ସେହିପରି ସମୁଦ୍ର ଲହଡି ଓ ଏହାର ପରିବର୍ତ୍ତନ ସମେତ ସାମୁଦ୍ରିକ ପରିବେଶକୁ ଏହା ଟ୍ରାକ କରିବ। ଏହା ପୃଥିବୀର ହାଇ କ୍ୱାଲିଟି ଫଟୋ ଉଠାଇପାରିବ। ସଫଳ ଉତ୍କ୍ଷେପଣ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଇସ୍ରୋ ଓ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିସାର ଆଗାମୀ ଦିନରେ ପାଣିପାଗ, ଉଚ୍ଚକ୍ଷମତା ସମ୍ପନ୍ନ ତଥ୍ୟ ପ୍ରଦାନ କରିବ, ଯାହାକି ବିପର୍ଯ୍ୟୟ ପରିଚାଳନା, କୃଷି ଓ ଜଳବାୟୁ ନିରୀକ୍ଷଣ କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

### ଭାରତ ଉପରେ...

ସମୟ ପରେ ତାହାକୁ ଶୁଳ୍କକୁ ସ୍ଥଗିତ ରଖାଯାଇଥିଲା। ତେବେ ବଡ଼ କଥା ହେଉଛି, ଟ୍ରମ୍ପ ଯେପରି ଅନ୍ୟ ଦେଶଗୁଡ଼ିକ ପାଇଁ ନୂଆ ଟାରିଫର ଆନୁଷ୍ଠାନିକ ପତ୍ର ଜାରି କରୁଛନ୍ତି, ସେମିତି ଭାରତ ପାଇଁ ଏ ପର୍ଯ୍ୟନ୍ତ ଜାରି କରିନାହାନ୍ତି। କିନ୍ତୁ ଯଦି ଆମେରିକା ସହିତ କୌଣସି ବାଣିଜ୍ୟ ଚୁକ୍ତି ନହେଲା ତେବେ ହୁଏତ ଟ୍ରମ୍ପ ଭାରତକୁ ବି ନୋଟିସ୍ ଜାରି କରିପାରନ୍ତି। ଇତିମଧ୍ୟରେ ଭାରତ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତ ସରକାର କହିଛନ୍ତି ଯେ ଟ୍ରମ୍ପ ଯେଉଁ ୨୫ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରିଛନ୍ତି ତାହାର ପ୍ରଭାବ କେମିତି ପଡ଼ିବ, ତାହା ଉପରେ ଅନୁଧ୍ୟାନ କରାଯାଉଛି। ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ହୋଇଥିଲା। କିନ୍ତୁ କୌଣସି ପରିସ୍ଥିତିରେ ଜାତୀୟ ସ୍ୱାର୍ଥକୁ ଅବହେଳା କରାଯାଇ ପାରିବ ନାହିଁ।

### କ୍ଷୟକ୍ଷତି ରିପୋର୍ଟ...

ଏବଂ ଯାଜପୁର ଜିଲ୍ଲାର ଯାଜପୁର ଓ ଦଶରଥପୁର ବ୍ଲକ୍ ପ୍ରଭାବିତ ହୋଇଛି। ବନ୍ୟାଦ୍ୱାରା ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୫୮୬୯ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ବିଭିନ୍ନ ନଦୀରେ ଜଳସ୍ତର କମୁଛି। ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀରେ ପାଣି କମିବାରେ ଲାଗିଛି। ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ତେବେ ଏବେ ବି ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ରହିଛି। ଏହି ଅଞ୍ଚଳରୁ ସମ୍ପୂର୍ଣ୍ଣ ପାଣି ଛାଡ଼ିବା ପାଇଁ ଆହୁରି ଦୁଇ ଦିନ ସମୟ ଲାଗିପାରେ। କେନ୍ଦୁଝର ଏବଂ ଅନ୍ୟ କିଛି ଜିଲ୍ଲାରେ ବନ୍ୟା ହୋଇଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ନାହିଁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଏବଂ ଆବଶ୍ୟକସ୍ଥଳେ ଗରମ ରନ୍ଧାଖାଦ୍ୟ ଦିଆଯାଉଛି। ଏଥିପାଇଁ ବାଲେଶ୍ୱରରେ ୧୬ଟି, ଭଦ୍ରକରେ ୧୦ଟି ଓ ଯାଜପୁରରେ ୩ଟି ଫ୍ରି କିଚେନ୍‌ର ବ୍ୟବସ୍ଥା କରାଯାଇଛି। ସମୁଦାୟ ପ୍ରାୟ ୧୦ ହଜାର ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ଏବଂ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବନ୍ୟା ଅଞ୍ଚଳର କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ, କ୍ଷୟକ୍ଷତିର ତୁରନ୍ତ ଆକଳନ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବ। ଘର ଭଙ୍ଗା ଏବଂ ଗୋ-ସମ୍ପଦର କ୍ଷୟକ୍ଷତି ରିପୋର୍ଟ ମଗାଯିବା ସହିତ ଯେଉଁ ଗାଁ ଗୁଡ଼ିକରେ ରାସ୍ତା ଖରାପ ହୋଇଯାଇଛି, ସେଗୁଡିକ ତୁରନ୍ତ ମରାମତି କରି ଯୋଗାଯୋଗ ବ୍ୟବସ୍ଥା ପୁନଃସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ପଶୁଖାଦ୍ୟ ଯୋଗାଇ ଦେବା ପାଇଁ ପରାମର୍ଶ ଦିଆଯାଇଛି। 'ଜିରୋ କାଜୁଆଲିଟି' ଉପରେ ଗୁରୁତ୍ୱଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ ୧୭ଟି ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଭଦ୍ରକ ଜିଲ୍ଲାରେ ଗୋଟିଏ ଏନ୍‌ଡିଆର୍‌ଏଫ୍, ଗୋଟିଏ ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ ଓ ୧୪ଟି ଅଗ୍ନିଶମ ସେବା ଟିମ୍ ମୁତୟନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବନ୍ୟା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ଦେଖାଦିଏ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶେଷକରି ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗର ନିୟନ୍ତ୍ରଣ ପାଇଁ ଜଳ ଉତ୍ସଗୁଡିକର ବିଶୋଧନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ ଜାରି ରଖିବା ପାଇଁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପରିସ୍ଥିତିରେ ଯେପରି ଡାଇରିଆ ରୋଗର ପ୍ରଭାବ ଦେଖା ନ ଯିବ, ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

### ବଦଳି ଉପରେ...

ଗତ ମେ୧୩ ତାରିଖରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦିଆଯାଇଥିଲା। ବଦଳି ସୁପାରିସ ଜିଲ୍ଲାସ୍ତରୀୟ ବଦଳି କମିଟି(ଡିଏଲଟିସି)କୁ ମେ୧୫ରୁ ଜୁନ୧୫ ମଧ୍ୟରେ ପଠାଯିବା ପରେ କମିଟି କାର୍ଯ୍ୟକାରୀ କରିବ ବୋଲି ଉଲ୍ଲେଖ ଥିଲା। ଆବେଦନକାରୀ କଳହାଣ୍ଡି ଜିଲ୍ଲାର ଶିକ୍ଷକଙ୍କୁ ମଧ୍ୟ ଅନୁରୁପ ଭାବ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସୁପାରିସ କ୍ରମେ ବଦଳି କରାଯାଇଥିଲା। ଏପରିକି ଆବେଦନକାରୀଙ୍କୁ ୧୦୦କିଲୋମିଟର ଦୂରକୁ ବଦଳି ପାଇଁ ଆଦେଶ ଜାରି ହୋଇଥିଲା। ଏଭଳି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବଦଳି ନିଷ୍ପତ୍ତି ପାଇଁ କୋ÷ଣସି କ୍ଷମତା କିମ୍ବା ଯଥାର୍ଥତା ନ ଥିବା ବେଳେ ବଦଳି ଆଦେଶକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଚାରି ସପ୍ତାହ ପରେ ହେବ ବୋଲି ଅଦାଲତ ଧାର୍ଯ୍ୟ କରିଛନ୍ତି।

### ୪ ଶିକ୍ଷକ ସମେତ...

ଟଙ୍କା ଆଦାୟ କରିଥିବା ବେଳେ ଏହି ରାକେଟ ବିଭିନ୍ନ ଜିଲ୍ଲାକୁ ଲମ୍ବିଛି। ଅଭିଯୁକ୍ତଙ୍କଠାରୁ ବିଭିନ୍ନ ଦସ୍ତାବିଜ, ମୋବାଇଲ୍ ଫୋନ୍ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ ଓ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଜବତ କରିଛି କ୍ରାଇମବ୍ରାଞ୍ଚ। ସମସ୍ତଙ୍କୁ କଟକର ଜେଏମଏଫସି-୩ ଅଦାଲତ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କ ଲିଙ୍କ୍ ଖୋଜିବା ଏବଂ ଏହି ମାମଲାରେ ସେମାନଙ୍କ ସମ୍ପୃକ୍ତି ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ବୁଧବାର କ୍ରାଇମବ୍ରାଞ୍ଚ କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କୁ ପରବର୍ତ୍ତୀ ସମୟରେ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି କୁହାଯାଇଛି। ଅଭିଯୁକ୍ତମାନେ ହେଲେ ମାଷ୍ଟରମାଇଣ୍ଡ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା କଛାପଡା ଅଞ୍ଚଳର ମୂଳବାସିନ୍ଦା ତଥା ବର୍ତ୍ତମାନ କଟକ ସଦର ଥାନା ଗୋପାଳପୁର ଦେହୁରିସାହି ରହୁଥିବା ଜିତନ ମହାରଣା। ଗିରଫ ହୋଇଥିବା ୪ ଜଣ ଶିକ୍ଷକ ହେଲେ ରାୟଗଡା ଜିଲ୍ଲା ଆମ୍ବୋଦଲା ଥାନା କୋମାସାହି ନିବାସୀ ବିଜୟ ମିଶ୍ର (୫୩), କୋରାପୁଟ ଜିଲ୍ଲା କୁନ୍ଦ୍ରା ସାଗରଗୁଡାର ସନାତନ ବିଷୋୟୀ (୫୧), ଗଞ୍ଜାମ ବୈଦନାଥପୁର ଥାନା ଲିଙ୍ଗିପାଲି କେଶବନଗର ଅଞ୍ଚଳର ଅଜୟ ସାହୁ (୪୩) ଓ ବାଲେଶ୍ୱର ରୁପସା ଥାନା ଜୁକାନନ୍ଦି ଅଞ୍ଚଳର ଜୟନ୍ତ ରାଉତ (୪୪)। ଅନ୍ୟ ଜଣେ ଅଭିଯୁକ୍ତ ହେଉଛି ଦଲାଲ ବାଦାମବାଡି ଥାନା ନାରାୟଣ ଲେନର ରାମଜୀ ପ୍ରସାଦ ଗୁପ୍ତା (୫୧)।

ଅଭିଯୁକ୍ତ ଜିତନ୍ ମହାରଣା କଟକସ୍ଥିତ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବରେ କାର୍ଯ୍ୟ କରୁଛନ୍ତି, ଯିଏ ବେଆଇନ ଭାବରେ କୌଶଳକ୍ରମେ ବୋର୍ଡ ଉପସଭାପତିଙ୍କ ଲାପଟପରୁ ପରୀକ୍ଷା ପୂର୍ବରୁ ପେନଡ୍ରାଇଭରେ ପ୍ରଶ୍ନପତ୍ର ହାସଲ କରିଥିଲେ। ପରେ ସେ ଏହି ପ୍ରଶ୍ନପତ୍ରକୁ ରାଜ୍ୟ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ ମିଶ୍ର ଏବଂ କୋରାପୁଟ ଜିଲ୍ଲାର ପୂର୍ବତନ କ୍ୟାଡରେ ଶିକ୍ଷକ ସଂଘର ସଭାପତି ସନାତନ ବିଷୋଇଙ୍କୁ ପ୍ରଦାନ କରିଥିଲେ। ସେମାନେ ଗତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ବିଫଳ ହୋଇଥିବା ଶିକ୍ଷକଙ୍କୁ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଦାନ ପାଇଁ ପ୍ରଲୋଭିତ କରିଥିଲେ। କିଛି ଦଲାଲ ତଥା ଅଭିଯୁକ୍ତ ରାମଜୀ ପ୍ରସାଦ ଗୁପ୍ତା, ଅଜୟ ସାହୁ ଏବଂ ଜୟନ୍ତ ରାଉତଙ୍କୁ ଏହି ପ୍ରଶ୍ନପତ୍ର ସେମାନେ ବିକ୍ରି କରିଥିଲେ ବୋଲି ପଚରାଉଚୁରା ପରେ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଏପରିକି ଏଥିପାଇଁ ଉଭୟ ନଗଦ ଓ ଅନଲାଇନ ଟଙ୍କା କାରବାର ହୋଇଥିଲା। ପ୍ରଶ୍ନପତ୍ର ଲିକ ଘଟଣାର ମାଷ୍ଟରମାଇଣ୍ଡ ଜିତନର ଆକାଉଣ୍ଟକୁ ଫୋନ-ପେ ଜରିଆରେ ୨ଲକ୍ଷ ୫୦ହଜାର ଟଙ୍କା ସ୍ଥାନାନ୍ତର ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପ୍ରକାଶଥାଉକି ଗତ ଜୁଲାଇ ୨୦ରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହେବା ପୂର୍ବ ଦିନ ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଲିକ ହୋଇଥିଲା। ଘଟଣାର ସତ୍ୟତା ଜଣାପଡ଼ିବା ପରେ ପରୀକ୍ଷାକୁ ଗତ ଜୁଲାଇ ୧୯ ତାରିଖ ରାତିରେ ବାତିଲ କରି ଦିଆଯାଇଥିଲା। ପ୍ରଶ୍ନପତ୍ର ଲିକ ସଂକ୍ରାନ୍ତରେ ବୋର୍ଡର ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ବୁଲବୁଲ ବେହେରା କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଡିଆଇଜି ବି.ଗଙ୍ଗାଧରଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଦଳ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି।

### ଆରଆଇ ଅମିନ...

କହିଛନ୍ତି। ଏହାପରେ ୧୪ ଦିନ ଭିତରେ ସାନି ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ମଧ୍ୟ ମେନ୍ ପରୀକ୍ଷାକୁ ବାତିଲ୍ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ପରୀକ୍ଷା ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ସାରା ରାଜ୍ୟରେ ମେନ୍ ପରୀକ୍ଷା ଆଉ ମାତ୍ର ୨ଦିନ ପରେ ଅର୍ଥାତ୍ ଅଗଷ୍ଟ ୧ତାରିଖରୁ ଆରମ୍ଭ ହୋଇଥାନ୍ତା। ଆଡ୍‌ମିଟ୍ କାର୍ଡ ଜାରି ହେବା ସହ ପରୀକ୍ଷା ଦେବାକୁ ପିଲାମାନେ ମାନସିକ ସ୍ତରରେ ପ୍ରସ୍ତୁତ ହେଉଥିଲେ। ହେଲେ ପରୀକ୍ଷା ବାତିଲ୍ ହେବା ଆଶାୟୀଙ୍କୁ ପୁଣିଥରେ ନିରାଶ କରିଛି। ଅପରପକ୍ଷରେ ପ୍ରିଲିମ୍‌ନାରୀ ଓ ମେନ୍ ପରୀକ୍ଷା ବଦଳରେ ଗୋଟିଏ ପରୀକ୍ଷା କରି ୫ଗୁଣା ପିଲାଙ୍କୁ ଦକ୍ଷତା ପରୀକ୍ଷା (ସ୍କିଲ୍ ଟେଷ୍ଟ) ପାଇଁ ଚୟନ କରିବାକୁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି। ପୂର୍ବରୁ ଏପରି ବ୍ୟବସ୍ଥା ଥିଲା ଏବଂ ଏହାଦ୍ୱାରା ଖୁବ୍ ଶୀଘ୍ର ନିଯୁକ୍ତି ପ୍ରକ୍ରିୟା ସରିପାରିବ ବୋଲି ପରୀକ୍ଷାର୍ଥୀ ସୁନୀଲ୍ କୁମାର ମିଶ୍ର କହିଛନ୍ତି। ସେହିପରି ମୂଳରୁ ପରୀକ୍ଷା ବାତିଲ୍ କରିବା ଦାବିରେ ଆନ୍ଦୋଳନ କରୁଥିବା ଷ୍ଟୁଡେଣ୍ଟ ଏଗେନଷ୍ଟ୍ କରପସନ୍ ଆବାହକ ବିଭୂତି ଭୂଷଣ କହିଛନ୍ତି ଯେ, ପରୀକ୍ଷାରେ ଅନିୟମିତତା ହୋଇଥିବା ସରକାର ମଧ୍ୟ ସ୍ୱୀକାର କରିଥିଲ। ତେଣୁ ସେତେବେଳେ ପରୀକ୍ଷାକୁ ବତିଲ୍ କରିଥିଲେ ପୁନଃ ପରୀକ୍ଷା ସହ ନିଯୁକ୍ତି ମଧ୍ୟ ପାଇ ସାରିଥାନ୍ତେ ପରୀକ୍ଷାର୍ଥୀ। ଆଶାୟୀଙ୍କ ଦାବିକୁ ବିଚାର ନକରି ପଦକ୍ଷେପ ନେବାଦ୍ୱାରା ରାଜ୍ୟର ଲକ୍ଷଲକ୍ଷ ମେଧାବୀ ମାନସିକ ଯନ୍ତ୍ରଣା ପାଉଥିବା ସେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଏହି ପରୀକ୍ଷା ଆରମ୍ଭରୁ ବିବାଦୀୟ ହୋଇଥିଲା। କମ୍ପ୍ୟୁଟର ସେଣ୍ଟରରେ ମାଉସ୍ ଆପେଆପେ ଚାଲିବା, ସବୁଠି ପରୀକ୍ଷା ସରିବା ପରେ କିଛି ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହେବା, ପରୀକ୍ଷା କେନ୍ଦ୍ରରୁ ନକଲି ମାଲିକ ଗିରଫ ହେବା, କଳା ତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା ଘଟଣା ଅନ୍‌ଲାଇନ୍ ପରୀକ୍ଷାର ବିଶ୍ୱସନୀୟତା ପ୍ରତି ସନ୍ଦେହ ବଢ଼ାଇଥିଲା। ରାଜ୍ୟସାରା ଆନ୍ଦୋଳନ ତୀବ୍ର ହେବାପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।


**AFFIDAVIT**

By virtue of an affidavit No.2844, Dtd.28.07.2025 sworn before the Executive Magistrate, Bhogarai I, Jyotshnarani Mohanty, W/o. Nimai Charan Mohanty, At Chowki, Po. Kumbharmuli, Ps. Bhogarai, Dist. Balasore, Odisha, declare that unfortunately my daughter name spelling as Kruti Gagruti Mohanty instead of correct spelling Kruti Jagruti Mohanty in her Adhar card vide no. 622064060225. Henceforth, she will be known as **Kruti Jagruti Mohanty** for all purposes.

**AFFIDAVIT**

ମୁଁ ପୁଷ୍ପଲତା ସାହୁ, ବୟସ(୧୯), ପିତା/ସହଦେବ ସାହୁ, ଗ୍ରାମ-ଅଲିନଗର, ଥାନା -ଧାମନଗର, ଜିଲ୍ଲା-ଭଦ୍ରକ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛିକି ମୋର ନାମ ଏଲ୍‌ଆସି ବଣ୍ଡରେ ପୁଷ୍ପାଞ୍ଜଳି ସାହୁ ଉଲ୍ଲେଖ ଥାଇ ଏଲ୍‌ଆସି ପଲିସର ବଣ୍ଡ ନଂ-୫୮୬୫୩୪୬୨୬ ରେ ମୋର ନାମ ପୁଷ୍ପଲତାସାହୁ ପରିବର୍ତ୍ତେ ପୁଷ୍ପାଞ୍ଜଳି ସାହୁ ବୋଲି ଉଲ୍ଲେଖ ଅଛି, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଆଫିଡେଫିଟ ନଂ- ୭୨୪ ତା- ୨୮/୧/୨୦୨୫ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ର ପୁଷ୍ପଲତା ସାହୁ ନାମରେ ପରିଚିତ କଲି, ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେ ଆସିବ। (ପୁଷ୍ପଲତା ସାହୁ ଏବଂ ପୁଷ୍ପାଞ୍ଜଳି ସାହୁ ଜଣେଅଟନ୍ତି)

ସ୍ୱା/-ପୁଷ୍ପଲତା ସାହୁ

**AFFIDAVIT**

By virtue of an affidavit Sl. No. 557, dtd. 10.07.2025 before the Notary, Bhubaneswar, I Papunu Naik Resident of At-Ranapalli, Po-Merikoti, Ps-Badagada, Dist-Ganjam, Pin-761109,Odisha I have changed my name from Papun Naik to Papunu Naik for all purposes.

**Sd/- Papunu Naik**

**AFFIDAVIT**

By virtue of an affidavit before the Executive Magistrate, Dharakote, Ganjam on dtd.18.07.2025 , I am Smt. Rina Guru, D/o - Bijaya Swain , residing at Jahada ,P.S Dharakote, Dist- Ganjam-761107 hereby declare that my actual name is Rina Guru, D/o-Bijaya Swain mentioned in Adhaar card and in my voter card my name is mentioned as Rina Guru, W/o- Prafulla Guru but in my son's BSE 10th certificate my name is mentioned as Runa Guru. That **Rina Guru and Runa Guru** is same and one person. It is for all purpose.

**AFFIDAVIT**

By virtue of an affidavit No-5091 before the Magistrate, Chandbali, dtd- 18/07/2025. I, Rajib Lochan Barik, Age-39years, S/O- Ranka Barik, Vill- Nayahat, PO-Gopalpur, PS- Chandbali, Dist- Bhadrak, Odisha, declare that I have changed my daughter's name from **Pratiasa Barik to Adyasha Barik**, Henceforth, she will be known as **ADYASHA BARIK** for all purpose.

**AFFIDAVIT**

By virtue of an affidavit Sl. No. 605, dtd. 28.07.2025 before the Notary, Bhubaneswar,I Sashirekha Behera Resident of At-Sankarpur,Po-Arunodaya Market,Ps-Badambadi, Dist-Cuttack,Pin-753012,Odisha I have changed my name from Sashi Behera to Saahirekha Behera for all purposes.

**Sd/- Sashirekha Behera**

**AFFIDAVIT**

I, Vinod Kumar Vishvakarma, aged about 43 years, S/o- Rajdev Vishwakarma, resident of Plot No. N4/298 F, Nayapalli, IRC Village, Bhubaneswar, Dist- Khordha, PIN-751015 Odisha declared by this affidavit No. 610, dtd-28/07/2025 that now onwards I shall be known as **VINOD RAJDEV VISHWAKARMA** for all future purposes.

**AFFIDAVIT**

By virtue of an affidavit before Executive Magistrate, Umerkote, bearing affidavit no.5067 dtd.24.07.2025, I Chandni Sen, W/o- Arun Sen rsident of Vill: Dargaguda, U.V.4, Po.- Chikalpadar, Ps.- Umerkote, Dist.- Nabarangpur, Odisha state that, before my marriage my name has been mentioned as **Chandni Byapari** in my UCO Bank Passbook as per my father's surname. After marriage my name has been mentioned as **Chandni Sen** in my Aadhaar & PAN card as per my husband's surname. I want to rectify my name in my UCO Bank passbook from **Chandni Byapari** to **Chandni Sen**.

**AFFIDAVIT**

By virtue of an affidavit sworn before The Notary Public, Padampur, on dated-27/07/2025. I, **Malati Pathy,** W/o- Late Nabin Kishor Pathy, permanent & current resident of At- Darlipali, Po- Bharsuja, Ps- Loisingha, Dist- Balangir, PIN- 767061, Odisha declare that I have changed my name from **Manati Pathy** (old name) To **Malati Pathy** (new name). Henceforth, I shall be known as **Malati Pathy** (new name) for all future purposes.

**Malati Pathy**

**AFFIDAVIT**

I, Devi Prasad Rath, aged about 52 years, S/o- Late Gobinda Chandra Rath, resident of Plot No. 35/12, Unit-4, Madhusudan Nagar, Bhubaneswar, Dist-Khordha, PIN-751001 Odisha declared by this affidavit No. 612, dtd-30/07/2025 that now onwards I shall be known as **DEBI PRASAD RATH** for all future purposes.

**CHANGE OF NAME**

By virtue of an affidavit before Executive Magistrate, Nabarangpur, bearing affidavit no/901 dtd.29.07.2025, I Narasingh Bhatra, S/o- Late Achyut Bhatra resident of Vill./Po.- Sindhigaon, Ps./Dist.- Nabarangpur, Odisha, Pin-764063 state that, I have changed my minor son's name from **Rupash Bhatra** (Old Name) to **Manash Bhatra** (New Name). Hereafter he will be known as **Manash Bhatra** (New Name) for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 29/07/2025. I, **Hira Mahalinga** (new name) formerly called as **Hira Chandra Mahalinga** (old name), Son of Pandaru Mahalinga, Permanent resident of AT/PO- Ghunsar, PS- Saintala, Dist- Balangir, (Odisha), PIN- 767032, now residing at the same place affirm that I have changed my name from **Hira Chandra Mahalinga** (old name) to **Hira Mahalinga** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Hira Mahalinga** (new name).

**Hira Mahalinga**

**Gour Mohan Sathua Higher Secondary School**

**Kostha, Mayurbhanj**

**No. 877 / Date. 30.07.2025**

**ADVERTISEMENT FOR GUEST FACULTY**

WALK-IN-INTERVIEW for selection of Guest Faculties for Pol. Science, Computer Teacher & Physical Education (sports) will be conducted for the Session 2025-26 on **Dtd. 01.08.2025 at 11 A.M.** Essential Qualification PG in Concerned subject with 50% Marks (Except Computer Teacher & Physical Education) No TA / DA is admissible.

**Sd/- Principal**
**G.M.S.H.S.School, Kostha, Mayurbhanj**

**R. S. MAHAVIDYALAYA**

**ODAGAON, DIST- NAYAGARH**

**WALK-IN-INTERVIEW**

Candidates securing 55% marks or above at the P.G. level may appear the interview for the post of Lecturer in Logic & Philosophy on Guest Basis to be conducted at **11.30 AM on dt. 07/08/2025** in the Office of the Sub-Collector, Nayagarh with supporting documents and biodata.

**Sd/-Principal-Cum-Secretary**
**R.S. Mahavidyalaya, Odagaon**

**ପର୍ଯ୍ୟଟନ କ୍ଷେତ୍ର ବିକାଶରେ ବାଧା**

# ବରକନ୍ୟା ଉନ୍ନୟନ କାର୍ଯ୍ୟରେ ମନ୍ଥରତା





**ନୟାଗଡ଼/ଓଡ଼ଗାଁ,୩୦।୭(ସମିସ)**

ବର୍ଷସାରା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ବରକନ୍ୟା ଝରଣା। ଝରଣାକୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ଉନ୍ନୟନ କାର୍ଯ୍ୟରେ ମନ୍ଥରତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ବାଚନ ପରେ ଏଭଳି ଅଭାବନୀୟ ସ୍ଥିତିର କାରଣ କଣ ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ବାଣ୍ଡପୁର ପଞ୍ଚାୟତ ନିହଲପ୍ରସାଦ ଗ୍ରାମ ସନ୍ନିକଟ ବରକନ୍ୟା ଝରଣା ଏବେ କାହାପାଇଁ ଆଉ ଅଜଣା ହୋଇ ରହିନାହିଁ। ଦୈନନ୍ଦିନ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଓଡ଼ଗାଁ ଅଞ୍ଚଳ ସହିତ ସାରା ଓଡ଼ିଶାର ବିଭିନ୍ନ କ୍ଷେତ୍ରରୁ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଦିନେ ଏହି ଜଳପ୍ରପାତ ଅଜଣା ଅଶୁଣା ହୋଇ ରହିଥିବା ବେଳେ ଦୈନିକ ଖବରକାଗଜ 'ସକାଳ' ଏହାକୁ ଲୋକଲୋଚନକୁ ଆଣିବାରେ ସଫଳ ଭୂମିକା ନିଭାଇଥିଲା। ଫଳରେ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବା ସମ୍ଭାବନା ଆଜି ସଫଳ ହୋଇଛି। ପରବର୍ତ୍ତୀ ସମୟରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଅଦମ୍ୟ ଇଚ୍ଛାଶକ୍ତି ବଳରେ ତତ୍କାଳିନ ନବୀନ ପଟ୍ଟନାୟକ ସରକାରର ବିଭିନ୍ନ ମନ୍ତ୍ରୀ ଓ ବିଧାୟକଙ୍କ ସହିତ ନୟାଗଡ଼ ଜିଲ୍ଲାପାଳ ଏବଂ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଏଠାକୁ ଆସି ଭିତ୍ତିଭୂମିକୁ ପରଖିଥିଲେ। ଚିରସ୍ରୋତା ବରକନ୍ୟା ଝରଣାକୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ପାଇଁ ମନ ବଳାଇଥିଲେ। ନୟାଗଡ଼ ବିଧାୟକଙ୍କ ଅନୁରୋଧ କ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱାରା ପ୍ରକଳ୍ପର ଅନୁମୋଦନ ପରେ ନୟାଗଡ଼ ବନ ବିଭାଗ ଆନୁକୂଲ୍ୟରେ ପ୍ରଥମ କରି ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର ହୋଇ କାର୍ଯ୍ୟାରମ୍ଭ ହୋଇଥିଲା। ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିବାକୁ ବସିଥିବା ବେଳେ ମାତ୍ର ୧୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ଫଳରେ ବରକନ୍ୟା ଝରଣା ଓଡ଼ଗାଁ ବ୍ଲକ ତଥା ଓଡିଶାର ଏକ ଅନନ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ସ୍ୱପ୍ନ ନେଇ ଏବେ ସନ୍ଦେହ ଦେଖାଯାଇଛି। ନିର୍ମାଣ ହୋଇଥିବା ପଥର ପାହଚ ଗୁଡିକ ଉପଯୁକ୍ତ ଉଚ୍ଚତା ନେଇ ଦୃଷ୍ଟି ଦିଆଯାଇନଥିବାରୁ ବୟସ୍କମାନେ ଚଢିବା କଷ୍ଟକର ହୋଇପଡୁଥିବା ବେଳେ ପାଶ୍ୱର୍ରେ ଆଶ୍ରୟ ବାର ଲଗାଇବାର ଆବଶ୍ୟକତା ରହିଛି। ସେଠାରେ ରହିବା ସୁବିଧା ପାଇଁ ନିର୍ମାଣ କଟେଜ ଗୁଡିକ ଅଧାପନ୍ତରିଆ ହୋଇ ପଡିରହିଛି। ଶୌଚାଳୟ, ପାନୀୟ ଜଳ, ଆଲୋକ ଓ ନେଟଓ୍ୱାର୍କ ଭଳି ଅନେକ ଅତ୍ୟାବଶ୍ୟକୀୟ ସୁବିଧା ସୁଯୋଗ ପ୍ରତି ଦୃଷ୍ଟି ଦେବା ନେଇ ପର୍ଯ୍ୟଟକମାନେ ଦାବି କରିଛନ୍ତି। ଫଳରେ ଦୁରଦୁରାନ୍ତରୁ ଆସୁଥିବା ପର୍ଯ୍ୟଟକ ସଂଖ୍ୟା ଅଧିକରୁ ଅଧିକ ବୃଦ୍ଧି ପାଇପାରିବ। ନୟାଗ? ବନବିଭାଗ ଏହି କାମକୁ ତ୍ୱରାନ୍ୱିତ କରିବାରେ ବିଫଳ ହୋଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଉଥିବା ରାସ୍ତା କାମ ମଧ ଅଧପନ୍ତରିଆ ଅବସ୍ଥାରେ ରହିଛି। କିଛି ସଂସ୍ଥା କଂକ୍ରିଟ, କିଛି ସ୍ଥାନରେ ଫେବର ବ୍ଲକ ରାସ୍ତା ନିର୍ମାଣ ହୋଇଥିବା ବେଳେ କିଛି ସ୍ଥାନରେ କାଦୁଅ ପଚପଚ ହେଉଛି। ଓଡ଼ଗାଁ ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ ବରକନ୍ୟା ଝରଣା ଏକ ପ୍ରାକୃତିକ ପର୍ଯ୍ୟଟନ କ୍ଷେତ୍ର ଭାବେ ଉଭା ହୋଇଥିବା ବେଳେ ନୟାଗଡ଼ ବନବିଭାଗ ଅପାରଗତାରୁ ଏବେ ତାହା ଅଧପନ୍ତରିଆ ଭାବେ ପଡ଼ି ରହିଥିବା ଦେଖିବାକୁ ମିଳିଛି।

## ଛେଳି ଚୋର ଗିରଫ

**ଓଡ଼ଗାଁ,୩୦।୭(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଖୋଲା ଫାଣ୍ଡି ବାହାଡ଼ାଖୋଲା ବଡ଼ପଦାସାହିରୁ ଛେଳି ଚୋରି ସମୟରେ ଚୋର ଧରାପଡ଼ିଛି। ସାହିବାଲା ଚୋରକୁ ଓଡ଼ଗାଁ ପୁଲିସକୁ ହସ୍ତାନ୍ତର କରିଛନ୍ତି। ଛେଳି ରଖାଳି ଭଗବାନ ନାୟକଙ୍କ ଅଭିଯୋଗ ଅନୁସାରେ ଓଡ଼ଗାଁ ପୁଲିସ୍ ଚୋରି ମାମଲା ରୁଜୁ କରି ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା କରଡାପଲ୍ଲୀର ଚନ୍ଦନ ନାୟକ ଓରଫ୍ ରିଙ୍କୁ(୨୨)କୁ ଗିରଫ କରିଛି। ସୂଚନା ଥାଉକି ପୂର୍ବରୁ ଭଗବାନ ନାୟକଙ୍କ ଘରୁ ୫ ଛେଳି ଚୋରି ହୋଇଥିଲା। ତେବେ ସୋମବାର ରାତିରେ ପୁନର୍ବାର ଚୋରି ଉଦ୍ୟମ ହେବାବେଳେ ଚୋର ଧରାପଡ଼ିଥିଲା। ପଚରା ଉଚୁରା ପରେ ଛେଳି ଚୋରିରେ ଅନ୍ୟ ୨ଜଣ ସମ୍ପୃକ୍ତି ଥିବା ଜଣାଯାଇଥିଲା। ଓଡ଼ଗାଁ ପୁଲିସ୍ ସେମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଥିବା ଜଣାଯାଇଛି।

**● ଶିକାରୀ ଗୁଳିରେ ଶିକାରୀ ମୃତ ଘଟଣା**

## ସହଯୋଗୀ ଶିକାରୀ ଗିରଫ

**ଶରଣକୁଳ,୩୦।୭(ସମିସ):** ଶରଣକୁଳ ଥାନା ପଞ୍ଚିରିଡ଼ା ବନାଞ୍ଚଳ ଅନ୍ତର୍ଗତ ଗୋଚ୍ଛା ସଂରକ୍ଷିତ ଜଙ୍ଗଲରେ ଗତ ମେ' ମାସ ୨୯ ତାରିଖ ରାତିରେ ଶିକାରୀ ଗୁଳିରେ ପ୍ରାଣ ହରାଇଥିବା ସୂର୍ଯ୍ୟମଣି ପ୍ରଧାନଙ୍କୁ ତରବରିଆ ଭାବରେ ଶବଦାହ କରୁଥିବା ସମୟରେ ଶରଣକୁଳ ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେଠାରେ ପହଞ୍ଚି ଶବ ଜବତ୍ କରିବା ସହିତ ଶବଦାହ କରୁଥିବା ୮ ଜଣଙ୍କୁ ଗିରଫ କରିଥିଲା। କିନ୍ତୁ ଶିକାରୀ ସନ୍ତୋଷ କୁମାର ସାହୁ ଓ ସହଯୋଗୀ ଶିକାରୀ ମିଟୁ ପ୍ରଧାନ ଫେରାର ହୋଇଯାଇଥିଲେ। ଗତକାଲି ରାତିରେ ଶରଣକୁଳ ପୁଲିସ କୌଣସି ସୂତ୍ରରୁ ଖବର ପାଇ କଜଳାଇପଲ୍ଲୀ ପଞ୍ଚାୟତର ବଧିସାହି ଗ୍ରାମ ନିକଟବର୍ତ୍ତୀ ଏକ ଖଟିରୁ ସହଯୋଗୀ ଶିକାରୀ ମିଟୁ ପ୍ରଧାନକୁ ଗିରଫ କରି ଥାନାକୁ ଆଣି ମୁଖ୍ୟ ଶିକାରୀ ସନ୍ତୋଷ ସାହୁର ସନ୍ଧାନ ନିମନ୍ତେ ପଚରା ଉଚୁରା ଚଳାଇଥିଲା। ହେଲେ ସେପରି କିଛି ସନ୍ତୋଷ ଜନକ ଖବର ପାଇପାରିନଥିଲେ। ଶରଣକୁଳ ଥାନା କେସ ନଂ ୯୩/୨୫ ମାମଲା ରେ ମିଟୁ ପ୍ରଧାନକୁ ଆଜି କୋର୍ଟଚାଲାଣ କରି ଅନୁସନ୍ଧାନ ଜାରି ରଖିଥିବା ଥାନା ଅଧିକାରୀ ପରମାନନ୍ଦ ଦଳାଇ ଜଣାଇଛନ୍ତି।

## ରାଜ୍ୟ ମହିଳା ଆୟୋଗ ବିବାଦ ସମାଧାନ ଶିବିର



**ନୟାଗଡ଼,୩୦।୭(ସମିସ):** ରାଜ୍ୟ ମହିଳା କମିଶନରଙ୍କ ଦ୍ୱାରା ଆୟୋଜିତ ଶିବିର ଆଜି ରେଜିଷ୍ଟ୍ରାର ସୁଶିଲ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ନୟାଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିବେକାନନ୍ଦ ସାହୁ, ବନ୍ଦନା ମହାନ୍ତି ଏବଂ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଦୁଇ ମହିଳା କାଉନସିଲର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା, ପ୍ରୋଗ୍ରାମ ଅଫିସର ଜୟଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏଥିରେ ଆୟୋଗର ୩୨ ଗୋଟି ମାମଲା ଶୁଣାଣି ପାଇଁ ଦାଖଲ କରାଯାଇଥିଲା। ସେଥିମଧ୍ୟରୁ ୧୮ ଟି ମାମଲା ଶୁଣାଣି କରାଯାଇଥିବା ବେଳେ ତନ୍ମଧ୍ୟରୁ ୨ଟି ମାମଲା ଆପୋଷ ସମାଧାନ ହୋଇଥିଲା। ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ୫ଟି ମାମଲା, ସୁରକ୍ଷା ଅଧିକାରୀଙ୍କୁ ୭ଟି ମାମଲା, ପୁନର୍ବାର ଶୁଣାଣି ପାଇଁ ୩ଟି ମାମଲା ଏବଂ ଅନ୍ୟ ବିଭାଗକୁ ୧ଟି ମାମଲା ତଦନ୍ତ କରି ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। କମିଶନ ଦ୍ୱାରା ସମନ ପାଇଥିବା ୨୧ରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ଶରଣକୁଳ, ଗଣିଆ, ଦଶପଲ୍ଲା, ଖଣ୍ଡପଡ଼ା, ନୟାଗଡ଼ ଓ ବୌଦ୍ଧରୁ ଏହି ମହିଳାମାନେ ଆସିଥିବାର ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ତରଫରୁ ଡିଏସପି. ନୟାଗଡ଼, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପା ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ସୁରକ୍ଷା ଅଧିକାରୀ, ଅରବିନ୍ଦ ପଟ୍ଟନାୟକ ଲିଗାଲ ଆସିଷ୍ଟାଣ୍ଟ, ଦିବାକର ବିଶ୍ୱାଳ ଷ୍ଟେନୋ, ଚିତ୍ତରଞ୍ଜନ ସାହୁ ଡିଲିଙ୍ଗ୍ ଆସିଷ୍ଟାଣ୍ଡ ଉପସ୍ଥିତ ଥିଲେ।

**ସାମୂହିକ ସମଗ୍ର ସଫେଇ ଅଭିଯାନ**

## ବଡ଼ାଖାନା ସହିତ ଓ ସଫେଇ କର୍ମଚାରୀ ସମ୍ବର୍ଦ୍ଧିତ

**ଓଡଗାଁ,୩୦।୭(ସମିସ):** ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟର ଆୟୋଜିତ 'ସଫେଇ ଆପଣାଓ, ବୀମାରୀ ଭଗାଓ' ଅର୍ଥାତ ସାମୂହିକ ସମଗ୍ର ସଫେଇ ଅଭିଯାନ ବୁଧବାର ଉଦଯାପିତ ହୋଇଛି। ସ୍ଥାନୀୟ ସରକାରୀ କଲ୍ୟାଣ ମଣ୍ଡପରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ନୀଳାଞ୍ଜନ ଦାସ, ଆଦର୍ଶ ଥାନା ଅଧିକାରୀ ଅଭୟ କୁମାର ବେହେରା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ବେହେରା ଓ ମୁଖ୍ୟଅତିଥି ଡ. ଭୋଇ ନିଜକୁ ସ୍ଥାନୀୟ ଏନଏସିର ନମ୍ବର ୱାନ ସଫେଇୱାଲା ବୋଲି ଅଭିହିତ କରି ସଫେଇ ଆମ ନିଜର ଦାୟିତ୍ୱ ହେବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ ସ୍କୁଲ ପିଲାଙ୍କ ମଧ୍ୟରେ ଆୟୋଜିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତି ଛତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ କେତେକ ସ୍ୱଚ୍ଛ ସାଥି, ସଫାଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟପକ୍ଷେ ନିର୍ବାହୀ ଅଧିକାରୀ ବେହେରା ସଫେଇ କର୍ମଚାରୀଙ୍କ ନିମନ୍ତେ ରାଜ୍ୟ ସରକାର ଘୋଷଣା କରିଥିବା ପକ୍କା ଛାତ ଘର, ଜୀବନ ବୀମା ଆଦି ସମ୍ପର୍କରେ ସୂଚନା ଦେବା ସହିତ ବୁଲା ଗାଈ ଗୋରୁଙ୍କ ନିମନ୍ତେ ଖୁବଶୀଘ୍ର ଗୋଶାଳା ନିର୍ମାଣ କରି ସେଠାରେ ପାଳନ କରାଯିବ ବୋଲି କହିଥିଲେ। ଶିକ୍ଷକ ଭାବଗ୍ରାହୀ ମହାପାତ୍ର, ଗଂଜନ ଦାଶ ଓ ପଞ୍ଚାନନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ସ୍ଥାନୀୟ ଏନଏସିର ସମସ୍ତ ସଫେଇ କର୍ମଚାରୀଙ୍କୁ ଅତିଥିଙ୍କ ସହିତ ବଡ଼ାଖାନାରେ ଆପ୍ୟାୟିତ କରାଯାଇଥିଲା।

## ମହିଳାଙ୍କ ନଗ୍ନ ଚିତ୍ର ଉତ୍ତୋଳନ କରି ଯୁବକ ଗିରଫ

**ଭାପୁର,୩୦।୭(ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ ଥାନା ବାଉଁଶବାଟୀ ପଞ୍ଚାୟତ ଅଞ୍ଚଳର ଜଣେ ମହିଳାଙ୍କ ନଗ୍ନ ଚିତ୍ର ମୋବାଇଲରେ ଉତ୍ତୋଳନ କରି ବ୍ଲାକମେଲ କରି ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଫତେଗଡ ଥାନା ଧାନଚାଙ୍ଗଡା ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମର ରଞ୍ଜନ କୁମାର ସାହୁ ଏହି ଥାନା ବାଉଁଶବାଟୀ ପଞ୍ଚାୟତ ଅଞ୍ଚଳର ଜଣେ ଦୁଇଟି ସନ୍ତାନର ଜନନୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସବୁବେଳେ ମହିଳାଙ୍କ ଘରକୁ ଯିବା ଆସିବା କରୁଥିଲେ। ମହିଳାଙ୍କ ନଗ୍ନ ଫଟୋ ସେ ମୋବାଇଲରେ ଉତ୍ତୋଳନ କରି ସବୁବେଳେ ବ୍ଲାକମେଲ କରୁଥିଲେ। ଗତକାଲି ମହିଳା ଜଣଙ୍କ ଯୁବକଙ୍କୁ ନିଜ ଘରକୁ ଡକାଇ ପଡ଼ୋଶୀଙ୍କ ମାଧ୍ୟମରେ କାବୁକରି ଉତ୍ତମ ମଧ୍ୟମ ଦେଇ ପୁଲିସକୁ ହସ୍ତାନ୍ତର କରିଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ଫତେଗଡ଼ ଥାନାରେ ଏକ ଧର୍ଷଣ ମାମଲା ରୁଜୁ କରି ବୁଧବାର କୋର୍ଟଚାଲାଣ କରାଯାଇଛି। ଯୁବକଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପ୍ରଶିକ୍ଷଣ ଶିବିର

**ଖଣ୍ଡପଡା,୩୦।୭(ସମିସ):** ଖଣ୍ଡପଡ଼ା ବ୍ଲକ ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗଣିଆ, ଭାପୁର ଓ ଖଣ୍ଡପଡ଼ା ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଡିଇଓମାନଙ୍କୁ ଏହି ତାଲିମ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଓ ନୟାଗଡ ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣରେ ବିପର୍ଯ୍ୟୟ ପରିଚାଳନା ଆଇନ୍ ୨୦୦୫, ସତର୍କତା ପ୍ରଣାଳୀ, ଆଶ୍ରୟସ୍ଥଳ ପରିଚାଳନା, ଶୁଷ୍କ ପ୍ରତିକାର, ଏବଂ ଗ୍ରାମ ପଞ୍ଚାୟତର ଭୂମିକା ଆଦି ବିଷୟ ଉପରେ ଦୁଇଦିନ ଧରି ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ମିଳିଛି। ଖଣ୍ଡପଡ଼ା ଜିପିଇଓ ଅନିତ କୁମାର ବଡସେଟଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜରୁରିକାଳୀନ ଅଧିକାରୀ ତଥା ଡେପୁଟି କଲେକ୍ଟର ତପତି ରାଜ, ବିଡିଓ ଅଙ୍କୁର ଅଭିଳାଷ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅଶୋକ କୁମାର ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ୩ ବ୍ଲକର ୫୦ ପଞ୍ଚାୟତର ନିର୍ବାହୀ ଅଧିକାରୀ ଓ ଡିଇଓ ସାମିଲ ହୋଇଥିଲେ।




## ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷରୋପଣ

**ଓଡ଼ଗାଁ,୩୦।୭(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ କଦଳୀବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟ ଆନୁକୂଲ୍ୟରେ ମଙ୍ଗଳବାର "ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅବସରରେ ବୃକ୍ଷରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକ, ରଘୁନାଥ ସମବାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁ, ପୂର୍ବତନ ସରପଞ୍ଚ ତଥା ଖେଳମଣିଷ ଦିବାକର ନାୟକ, ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା, ବିଜ୍ଞାପିତ ଅଞ୍ଚଳ ପରିଷଦ କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ସାହୁ, ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ନରେଶ ପାଣିଗ୍ରାହୀ, ଯଶୋବନ୍ତ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର, ସାରସ କୁମାର ମିଶ୍ର, ରାମକୃଷ୍ଣ ସାହୁ, ଗଣେଶ୍ୱର ସାହୁ, ଫକିର ମହାରଣା, ସମସ୍ତ ଛାତ୍ରାଭିଭାବକ ଓ ଛାତ୍ର ଛାତ୍ରୀଙ୍କ ଗହଣରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାଶ ଓ ଶିକ୍ଷିକା ରିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆର୍‌ସି ହାଇସ୍କୁଲରେ ବୃକ୍ଷରୋପଣ



**ଖଣ୍ଡପଡ଼ା,୩୦।୭(ସମିସ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଆଜି ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରୋପ ଖବରକାଗଜ ଜିଲ୍ଲା ପ୍ରତିନିଧି ଚିତ୍ତରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ନୟାଗଡ଼ ଜିଲ୍ଲା ଘରୋଇ ବସ ମାଲିକ ସଂଘ ସଭାପତି ମନୋଜ କୁମାର ନାୟକ, ଶେଖ୍ ୟୁସୁଫ୍, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ ଖଟେଇ, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଅନୀଲ କୁମାର ପଣ୍ଡା, ରବୀନ୍ଦ୍ର ଦାଶ, ନିହାର ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପସା ନନ୍ଦଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସରରେ ଅନେକ ବୃକ୍ଷରୋପଣ କରାଯାଇଥିଲା। ବନବିଭାଗ ପକ୍ଷରୁ ବନପାଳ ବନମାଳୀ ରାଉତ, ପୂର୍ବତନ ସରପଞ୍ଚ ଧନେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଖଣ୍ଡପଡ଼ା ବ୍ଲକର ଅନେକ ସାମ୍ବାଦିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ଭୁବନେଶ୍ୱରରୁ ନାବାଳିକା ଉଦ୍ଧାର ଘଟଣା**

## ଅପହରଣକାରୀ ଜେଲ୍ ଗଲା

**ଓଡ଼ଗାଁ,୩୦।୭(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଓଡ଼ଗାଁ ଏନ୍ଏସି ବିଜୟ ମଣ୍ଡପ ସାହିରେ ରହୁଥିବା ନାବାଳିକା ଅପହରଣକାରୀ ଅଭିଯୁକ୍ତ ଯୁବକ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ପଞ୍ଚଭୁତି ଗ୍ରାମ ଦେଉଳ ପଲ୍ଲୀ ଗ୍ରାମର ପ୍ରଶାନ୍ତ କୁମାର ପଣ୍ଡାଙ୍କ ପୁଅ ଶୁଭମ୍ ପଣ୍ଡା (୧୮)କୁ ଓଡ଼ଗାଁ ପୁଲିସ୍ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲେ। ସେଠାରେ ଜାମିନ ଖାରଜ ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ମଙ୍ଗଳବାର ଉଦ୍ଧାର ନାବାଳିକାକୁ ତା'ର ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଥିଲା। ଓଡ଼ଗାଁ ଏନ୍ଏସି ଅଞ୍ଚଳର ଜନୈକା ନାବାଳିକାଙ୍କୁ ଭୁବନେଶ୍ୱର ଖାରବେଳ ନଗର ପୁଲିସ ଭୁବନେଶ୍ୱର ରେଲୱେ ଷ୍ଟେସନ ପ୍ଲାଟଫର୍ମରୁ ସୋମବାର ରାତିରେ ଉଦ୍ଧାର କରିବା ସହିତ ଅପହରଣକାରୀ ଅଭିଯୁକ୍ତ ଯୁବକକୁ ଅଟକ ରଖିଥିଲେ। ଏ ସମ୍ପର୍କରେ ଓଡ଼ଗାଁ ଥାନାକୁ ଜଣାଇବା ପରେ ଓଡ଼ଗାଁ ପୁଲିସ ଭୁବନେଶ୍ୱର ଯାଇ ଖାରବେଳ ନଗର ଥାନା ପୋଲିସ ଠାରୁ ଅପହରଣକାରୀକୁ ନିଜ ହେପାଜତକୁ ଆଣି ମଙ୍ଗଳବାର ସକାଳେ ଓଡ଼ଗାଁରେ ପହଁଞ୍ଚିଥିଲେ। ପୀଡ଼ିତାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ପୁଲିସ ୨୨୧/୨୫ ମାମଲା ରୁଜୁ କରି ଅପହରଣ ଓ ଶିଶୁ ଯୌନ ନିରୋଧ ଆଇନ ବଳରେ ଅଭିଯୁକ୍ତକୁ ଗିରଫ କରି ସ୍ୱତନ୍ତ୍ର ବିଚାରପତିଙ୍କ ନିକଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯିବା ସହିତ ଉଭୟଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା।

## ଗୋଟିଏ ରାତିରେ ତିନି ସ୍ଥାନରେ ଚୋରି

**ଭାପୁର,୩୦।୭(ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ ଥାନା କରବର ପଞ୍ଚାୟତ ବାଲିସାହିରେ ମଙ୍ଗଳବାର ରାତିରେ ତିନୋଟି ସ୍ଥାନରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ତଦନ୍ତ ଚାଲୁ ରଖିଥିବା ଜଣାପଡିଛି। ପ୍ରଥମେ ଚୋରମାନେ କରବର ବାଲିସାହିର ଅଧ୍ୟାପକ ଲକ୍ଷ୍ମୀଧର ଜେନାଙ୍କ ଘରେ ଚୋରି କରିଥିଲେ। ଏହାପରେ ଗୋଳାପୋଖରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଥିବା ସେହି ଗ୍ରାମର କାଶିନାଥ ସାହୁଙ୍କ ବାଡିପଟ ଗ୍ରୀଲ ଭାଙ୍ଗି ଘରେ ପଶିଥିଲେ। ପରିବାର ଶୋଇଥିବା ଘର ବାହାରପଟୁ ଚୋରମାନେ ବନ୍ଦ କରି ଅନ୍ୟ ବଖରାରୁ ଚୋରି କରିଥିଲେ। ପରିବାର ଲୋକେ ଫୋନ କରି ପଡୋଶୀଙ୍କୁ ଜଣାଇବା ପରେ ଚୋରମାନେ କିଛି ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ନେଇ ପଳାଇଥିଲେ। ଏହାପରେ ଗ୍ରାମ ନିକଟ ମଙ୍ଗଳା ଛକରେ ଟିକିରିପଡା ଗ୍ରାମର ମନୋଜ ପଣ୍ଡାଙ୍କ ଦୋକାନ ଭାଙ୍ଗି ନଗଦ ଟଙ୍କା, ବିସ୍କୁଟ, ମିକଶ୍ଚର, ସାବୁନ ଓ ଅନ୍ୟ ସାମଗ୍ରୀ ନେଇ ପଳାଇଥିଲେ। ଏ ନେଇ ଫତେଗଡ ଥାନାରେ ଅଭିଯୋଗ ପରେ ବୁଧବାର ଦିନ ଥାନା ଅଧିକାରୀ ପଞ୍ଚାନନ ପରିଡା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅନିଶ୍ଚିତତା

**ଗଣିଆ,୩୦।୭(ସମିସ):** ଦେଶ ପାଳିବ ୭୯ ତମ ସ୍ୱାଧୀନତା ଦିବସ। ଏଥିପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇ ସାରିଲାଣି। ବ୍ଲକ ଠାରୁ ଜିଲ୍ଲା ତଥା ରାଜ୍ୟ ପର୍ଯ୍ୟନ୍ତ କିଭଳି ଏହି ଉତ୍ସବକୁ ସରସ ସୁନ୍ଦର କରାଯିବ ସେଥିପାଇଁ ଅଣ୍ଟା ଭିଡିଲେଣି ଦେଶପ୍ରେମୀ। ଚଳିତ ବର୍ଷ ଗଣିଆରେ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଇଁ କୌଣସି ପ୍ରସ୍ତୁତି ହୋଇନଥିବା ଜଣାପଡିଛି। ଗଣିଆ ବ୍ଲକ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଜେନେରାଲ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ବ୍ଲକ ଅଧ୍ୟକ୍ଷା ପତାକା ଉତ୍ତୋଳନ କରିଥାନ୍ତି। ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ଏଥିରେ ଯୋଗ ଦେଇ ପ୍ୟାରେଡ ପ୍ରଦର୍ଶନ କରିବା ସହିତ ବିଭିନ୍ନ ପ୍ରତିଯୋଗିତା କରାଯାଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥାଏ। ଏଥିପାଇଁ ବ୍ଲକ ପରିସରରେ ବିଡ଼ିଓଙ୍କ ଅଧ୍ୟକ୍ଷତାରେ ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ, ଶିକ୍ଷା ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ଦମକଳବାହିନୀ, ପୋଲିସ ବିଭାଗ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଲୋକପ୍ରତିନିଧିଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୁଏ। ଏହି ବୈଠକରେ ସ୍ୱାଧୀନତା ଦିବସ ପାଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥାଏ। କିନ୍ତୁ ବିଡ଼ମ୍ବନାର ବିଷୟ ଜୁଲାଇ ମାସ ଶେଷ ହେବାକୁ ବସିଲାଣି ପ୍ରସ୍ତୁତି ବୈଠକ ହୋଇପାରିନାହିଁ। ଗଣିଆ ବ୍ଲକ ବିଡିଓ ସାଗର କୁମାର ନନ୍ଦଙ୍କର ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ବିଡିଓ କେହି ଯୋଗ ଦେଇ ନଥିବା ବେଳେ କାହାକୁ ମଧ ଦାୟିତ୍ୱ ହସ୍ତାନ୍ତର କରାଯାଇନାହିଁ। ଫଳରେ ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନରେ ଅନିଶ୍ଚିତତା ଦେଖା ଦେଇଥିବା ଜଣାପଡିଛି। ବିଭାଗୀୟ ଅଧିକାରୀ ହୁଅନ୍ତୁ ଅଥବା ସ୍ୱେଚ୍ଛାସେବୀ ସଂଗଠନ କେହି ବି ଏଥିପ୍ରତି ଆନ୍ତରିକତା ପ୍ରକାଶ କରୁନାହାଁନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**ଡମାଘାଟି ବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣରେ ଅନିୟମିତତା**

## ମିଳିମିଶି ଲୁଟିଛନ୍ତି ଅଢ଼େଇ ଲକ୍ଷ

**ଗଣିଆ,୩୦।୭(ସମିସ)**




ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟାଭିମୁଖୀ କରିବାକୁ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ବିଦ୍ୟାଳୟକୁ ଚାକଚକ୍ୟ କରିବାକୁ କୋଟି କୋଟି ଟଙ୍କା ମଧ ଖର୍ଚ୍ଚ କରାଯାଉଛି। ବିଦ୍ୟାଳୟର ଚାକଚକ୍ୟ ତଥା ସୁନ୍ଦର ପରିବେଶକୁ ଆକୃଷ୍ଟ ହୋଇ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିବେ। ବିଶେଷ କରି ଅପହଞ୍ଚ ଇଲାକା ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବହେଳିତ ହୋଇ ପଡିରହିଥିବା ବିଦ୍ୟାଳୟ ଗୁଡ଼ିକୁ ମରାମତି କରିବା ତଥା ଶ୍ରେଣୀ ଗୃହଗୁଡିକୁ ସଜାଡ଼ିବା ପାଇଁ ସରକାରଙ୍କ ତରଫରୁ ପ୍ରୟାସ ଜାରି ରହିଛି। କିନ୍ତୁ କିଛି ଅପାରଗ ତଥା ଦୁର୍ନୀତିଖୋର ଅଧିକାରୀଙ୍କ ଯୋଗୁଁ ଏହି ଯୋଜନା ଫଳପ୍ରଦ ହୋଇପାରୁନାହିଁ। ଅର୍ଥ ମଞ୍ଜୁର ହେଉଛି ସତ; କିନ୍ତୁ ତାହା ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଏଭଳି ଏକ ଅଭିଯୋଗ ଆସିଛି ଗଣିଆ ବ୍ଲକ ବଡ଼ସିଲିଙ୍ଗା ପଞ୍ଚାୟତର ସବୁଠାରୁ ଅବହେଳିତ ଡମାଘାଟି ପ୍ରାଥମିକ ବିଦ୍ୟାଳୟରେ। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ୨ଟି ଶ୍ରେଣୀଗୃହ ରହିଛି। ୫ଟି ଶ୍ରେଣୀରେ ୬ଟି ପିଲା ଏବଂ ଜଣେ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଗଣିଆ ଠାରୁ ଅପହଞ୍ଚ ଇଲାକା ଭାବେ ପରିଗଣିତ ଏହି ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ପାଦ ପଡେନାହିଁ। ଏହି ବିଦ୍ୟାଳୟକୁ ଯିବାକୁ ଘାଟି ପାର ହୋଇ ଯିବାକୁ ପଡ଼େ ଯେଉଁଠିକି ପାଦଚଲା ରାସ୍ତା ମଧ ନାହିଁ। ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଉକ୍ତ ବିଦ୍ୟାଳୟର ଶ୍ରେଣୀ ଗୃହ ନିର୍ମାଣ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଶ୍ରେଣୀ ଗୃହ ନିର୍ମାଣ କରିବା ଦୂରର କଥା କେବଳ ଟିଣ ଆଜ୍‌ବେଷ୍ଟସ ପକାଇ ମିଳିମିଶି ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଛି। ବିଭାଗୀୟ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସହକାରୀ ଯନ୍ତ୍ରୀ ଏବଂ ଠିକାଦାର ପର୍ଯ୍ୟନ୍ତ ସମସ୍ତେ ଏଠାରେ ଆଦିବାସୀଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଅର୍ଥ ହରିଲୁଟ କରିଥିବା ଦେଖିବାକୁ ମିଳିଛି। ଫଳକରେ ବିଦ୍ୟାଳୟ ନିର୍ମାଣ ଲେଖାଯାଇଥିବା ବେଳେ କେବଳ କିଛି ଟିଣ ଆଜବେଷ୍ଟସ ପକାଇ କିଭଳି ବିଲ୍ କରାଗଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୃହଟିର ସମ୍ମୁଖ ଭାଗର କୋଣରେ ସିମେଣ୍ଟ ପ୍ଲାଷ୍ଟର ଟିକେ କରି କାମ ସାରି ଦେଇଛନ୍ତି। ନାଁ ଏଥିରେ ରଙ୍ଗମରା ହେଇଛି ନା କାନ୍ଥରେ ପଲସ୍ତରା ହୋଇଛି। ଏପରିକି ଆଜବେଷ୍ଟସ ପଡିଥିବା କାଠ ଗୁଡିକ ଖତରା ହୋଇଯାଇଥିବା ବେଳେ ସେଗୁଡିକୁ ଆଲକାତରା ମାରି ବିଲ୍ ହୋଇଛି। ଅପହଞ୍ଚ ଇଲାକା ହୋଇଥିବାରୁ ଏଠାରେ ଅଧିକାରୀଙ୍କ ପାଦ ପଡୁନଥିବାରୁ ମିଳିମିଶି ଲୁଟି ନେଇଥିବା ଅଭିଯୋଗ ହୋଇଛି। ବିଭାଗୀୟ ଯନ୍ତ୍ରୀ କିଭଳି କାମ ନଦେଖି ବିଲ୍ କଲେ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ତେବେ ଜିଲ୍ଲା କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏଭଳି ଦୁର୍ନୀତିରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

■ ବାଇକ୍ ମାଗି ନେଇ ନ ଫେରାଇବା ମାମଲା

# ଦୋଷୀକୁ ୧ ବର୍ଷ ୪ ମାସ ଜେଲ୍ ଦଣ୍ଡାଦେଶ

ବାଲୁଗାଁ, ୩୦।୭(ସମିସ): ୨୨ ବର୍ଷ ପୂର୍ବେ ଜଣେ ବ୍ୟକ୍ତିଙ୍କଠାରୁ ଏକ ବାଇକ୍ ମାଗି ନେଇ ଆଉ ଫେରାଇ ନ ଥିବା ମାମଲାର ବିଚାର କରି ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ରାୟ ଶୁଣାଇ କରିଛନ୍ତି। ଜେଏମ୍‌ଏଫ୍‌ସି ଯୁଧିଷ୍ଠିର ଦଳେଇ ଆଇପିସିର ୪୦୬ ଧାରାରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ୪ ମାସର ଜେଲ୍ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି।

ଅଭିଯୋଗ ମୁତାବକ, ୨୦୦୨ ମାର୍ଚ୍ଚ ୨୨ ତାରିଖ ଅପରାହ୍ନ ୪ଟାରେ ଅଭିଯୋଗକାରୀ ଗୋବିନ୍ଦ ବନ୍ଧ ବେହେରା ବାଲୁଗାଁ ରାଜମହଲ ହୋଟେଲ ସମ୍ମୁଖରେ ଏକ ବାଇକ ରଖି ଜଳଖିଆ ଖାଉଥିଲେ। ସେହି ସମୟରେ ବାଲୁଗାଁ ବିଦ୍ୟାଧରପୁର ସାହିର ବଖାରି ଚରଣ ନାୟକ ଓରଫ କାହ୍ନୁ ନାମକ ଜଣେ ବ୍ୟକ୍ତି ଉକ୍ତ ହୋଟେଲକୁ ଆସି ତାଙ୍କ ଭାଇଙ୍କୁ ଆଣିବାକୁ ଯିବେ ବୋଲି କହି ଗୋବିନ୍ଦଙ୍କୁ ତାଙ୍କର ବାଇକ୍ ମାଗିଥିଲେ। ଏଥିରେ ବିଶ୍ୱାସ କରି ଗୋବିନ୍ଦ ନିଜର ବାଇକ୍ ବଖାରିଙ୍କୁ ଦେଇଥିଲେ। ହେଲେ ବଖାରି ବାଇକ୍ ନେଇ ଆଉ ନ ଫେରିବାରୁ ବହୁ ଅପେକ୍ଷା କରି ଗୋବିନ୍ଦ ନିରାଶ ହୋଇ ଶେଷରେ ୨୩ ତାରିଖରେ ବାଲୁଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ଅଭିଯୁକ୍ତ ବଖାରିଙ୍କୁ ଗିରଫ କରିଥିଲେ। ଚିଲିକା କୋର୍ଟରେ ଉକ୍ତ ମାମଲାଟି ବିଚାରାଧୀନ ଥିବାବେଳେ ବର୍ତ୍ତମାନ ରାୟ ପ୍ରକାଶ ପାଇଛି। ଉକ୍ତ ମାମଲାକୁ ସରକାରୀ ଓକିଲ ହରେକୃଷ୍ଣ ଜଗଦେବ ପରିଚାଳନା କରିଥିଲେ।

# ଖୋର୍ଦ୍ଧା ରୋଡ୍ ଷ୍ଟେସନରୁ ୧୩ ନାବାଳକ ଉଦ୍ଧାର

ଜଟଣୀ, ୩୦।୭(ସମିସ): ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନରୁ ଲଗାତାର ଗତ ଦୁଇ ଦିନ ମଧ୍ୟରେ ୧୩ଜଣ ନାବାଳକଙ୍କୁ ଉଦ୍ଧାର କରିଛି ପୁଲିସ। ସମସ୍ତ ନାବାଳକଙ୍କ ବୟସ ୧୨ରୁ ୧୭ ବର୍ଷ ହେବ। ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ସାମାଜିକ ଅନୁଷ୍ଠାନକୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଖୋର୍ଦ୍ଧା ରୋଡ୍ ଷ୍ଟେସନ୍‌ର ୪ ନମ୍ବର ପ୍ଲାଟ୍‌ଫର୍ମରୁ ୭ଜଣ ନାବାଳକ ଉଦ୍ଧାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ନାବାଳକ ଭୁବନେଶ୍ୱରରୁ ଟ୍ରେନ୍‌ରେ ଚଢ଼ି ଯାଉଥିବା ବେଳେ ଅନ୍ୟ ୫ଜଣ କାମ କରିବା ଉଦ୍ଦେଶ୍ୟ ନେଇ ବେଙ୍ଗାଲୁରୁ, ଚେନ୍ନାଇ, ରାଜକୋଟ ଆଦି ରାଜ୍ୟକୁ ଯାଉଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଘର ମୟୂରଭଞ୍ଜ ଜିଲ୍ଲା ହୋଇଥିବାବେଳେ ଦୁଇ ଜଣ ଖୋର୍ଦ୍ଧା ଟାଙ୍ଗୀ ଓ ଜଣେ ବାଲେଶ୍ୱର ଜିଲ୍ଲାର ହୋଇଥିବା ଜଣାପଡ଼ିଛି। ସେହିପରି ବୁଧବାର ୬ ନମ୍ବର ପ୍ଲାଟ୍‌ଫର୍ମରୁ ୬ ଜଣ ନାବାଳକ ଉଦ୍ଧାର ହୋଇଥିଲେ। ସେମାନେ ସମସ୍ତେ ବିହାରର ୱେଷ୍ଟ ଚମ୍ପାରଣ ଅଞ୍ଚଳର ହୋଇଥିବାବେଳେ କାମ କରିବା ଉଦ୍ଦେଶ୍ୟ ନେଇ ବେଙ୍ଗାଲୁରୁ ଯାଉଥିବା ଜଣାପଡ଼ିଛି। ତେବେ ଉଦ୍ଧାର ନାବାଳକଙ୍କ ମଧ୍ୟରୁ ୭ ଜଣଙ୍କୁ ଟ୍ରେନ୍‌ରୁ ଆର୍‌ପିଏଫ୍ ଉଦ୍ଧାର କରିଥିବାବେଳେ ୬ ଜଣଙ୍କୁ ସନ୍ଦେହଜନକ ଅବସ୍ଥାରେ ପ୍ଲାଟ୍‌ଫର୍ମରୁ ଉଦ୍ଧାର କରିଛି। ସମସ୍ତ ନାବାଳକଙ୍କୁ ସାମାଜିକ ଅନୁଷ୍ଠାନକୁ ହସ୍ତାନ୍ତର କରାଯାଇ ପରିବାର ଲୋକଙ୍କୁ ଯୋଗାଯୋଗ କରାଯାଇଥିବା ସୂଚନା ମିଳିଛି।

■ ନିଜ ଦେହରେ ନିଆଁ ଲଗାଇଦେବା ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ



ଜଟଣୀ, ୩୦।୭(ସମିସ): ଜଟଣୀ ଥାନା ଅନ୍ତର୍ଗତ କୁସୁମାଟି ତାରିଣୀ ନଗରରେ ମଙ୍ଗଳବାର ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ମହିଳା ନିଜ ଦେହରେ କିରାସିନି ଢାଳି ନିଆଁ ଲଗାଇଦେବା ଘଟଣାରେ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ରୁବି ବିବି। ମଙ୍ଗଳବାର ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଏମ୍ସରେ ଭର୍ତ୍ତି କରାଯାଇଥିଲା।

ଘଟଣାନୁଯାୟୀ, ମହିଳାଙ୍କ ପରିବାରରେ କୌଣସି ଏକ ଘଟଣାକୁ କେନ୍ଦ୍ରକରି ଝଗଡ଼ା ହୋଇଥିଲା। ଯାହାକୁ ନେଇ ମହିଳା ଜଣକ ରାଗିଯାଇ ନିଜ ରୁମ୍ ଭିତରେ କିରାସିନି ଢାଳି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି କବାଟ ଭାଙ୍ଗି ମୁମୂର୍ଷ ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି। ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ୟୁଜେଏ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖୋର୍ଦ୍ଧା, ୩୦।୭(ସମିସ): ଉତ୍କଳ ସାମ୍ବାଦିକ ସଂଘ(ୟୁଜେଏ) ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କୁ ବୁଧବାରଦାବିପତ୍ରପ୍ରଦାନକରାଯାଇଛି। ଗୋପବନ୍ଧୁସ୍ୱାସ୍ଥ୍ୟବୀମାଯୋଜନାରେସାମ୍ବାଦିକମାନଙ୍କ ମାତା-ପିତା ଏବଂ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନଙ୍କୁ ଅନ୍ତର୍ଭୁକ୍ତ, ସ୍ୱାସ୍ଥ୍ୟବୀମା ରାଶିକୁ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ। ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ସାମ୍ବାଦିକମାନଙ୍କୁ ବାଦ୍ ନିଷ୍ପତ୍ତିକୁ ତର୍ଜମା କରାଯାଇ ସାମ୍ବାଦିକଙ୍କ କଲ୍ୟାଣାର୍ଥେ ଉଭୟ ଯୋଜନା ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ସୁବିଧା ଉପଲବ୍ଧ କରାଯାଉ। ଅନ୍ୟପକ୍ଷରେ ଦେଶର ୧୮ ଟି ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ଅନ୍ୟୁନ ୧୫ହଜାର ଟଙ୍କା ପେନ୍‌ସନ ଦିଆଯାଉଛି। ତଦନୁସାରେ ଓଡ଼ିଶାରେ ମଧ୍ୟ ଏହାକୁ ଲାଗୁ କରିବା ସହ ବୃତ୍ତିଗତ ସୁରକ୍ଷା ଦୃଷ୍ଟିରୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବାକୁ ଦାବିରେ ଉଲ୍ଲେଖ ରହିଛି। ୨୦୨୪ରେ ନୂତନ ସରକାର ଗଠନ ହେବା ପରେ ସରକାର ତୁରନ୍ତ ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟବୀମା ରାଶି ନବୀକରଣ କରି ସାମ୍ବାଦିକଙ୍କ ପ୍ରତି ସମ୍ବେଦନଶୀଳତା ପ୍ରକାଶ କରିଥିଲେ। ୟୁଜେଏ ପକ୍ଷରୁ ଉକ୍ତ ଦାବି ପ୍ରତି ସରକାର ଗୁରୁତ୍ୱ ଦେବାକୁ ନିବେଦନ କରିଛନ୍ତି। ସଂଘ ଜିଲ୍ଲା ଉପ ସଭାପତି ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଅଜିତ କୁମାର ସାହୁ, କୋଷାଧ୍ୟକ୍ଷ ପ୍ରଭାତ କୁମାର ପାଣିଗ୍ରାହୀ, ସଭ୍ୟ ଦେବପ୍ରସାଦ ଦାଶ, ସରୋଜ ନାୟକ, ଶିବ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

ଖରିଫ ଧାନ ସଂଗ୍ରହ ପାଇଁ ଚାଲିଛି ପଞ୍ଜୀକରଣ

# ସେପ୍ଟେମ୍ବର ୩୦ରେ ପ୍ରକାଶ ପାଇବ ଚାଷୀ ତାଲିକା

ଖୋର୍ଦ୍ଧା, ୩୦।୭(ସମିସ)

୨୦୨୫-୨୬ ଖରିଫ ଧାନ ସଂଗ୍ରହ ପାଇଁ ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଅଧୀନରେ ଥିବା ଚାଷୀଙ୍କ ପଞ୍ଜୀକରଣ ଗତ ୧୯ ତାରିଖରୁ ଆରମ୍ଭ ହୋଇଛି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୀକ୍ଷା କରାଯାଇଛି। ଜୁଲାଇ ୧୯ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଫର୍ମ ମାଗଣାରେ ଦିଆଯିବ। ନାମ ପଞ୍ଜୀକରଣ ସମ୍ପୂର୍ଣ୍ଣ ମାଗଣାରେ କରାଯିବ। ଚାଷୀ ସୋସାଇଟି ସମ୍ପାଦକମାନଙ୍କ ପାଖରେ ଆବଶ୍ୟକ କାଗଜପତ୍ର ସହ ଦାଖଲ କରିବେ। ଜୁଲାଇ ୧୯ ରୁ ଅଗଷ୍ଟ ୨୫ ପର୍ଯ୍ୟନ୍ତ ଚାଷୀଙ୍କ ନାମ ଅନ୍‌ଲାଇନ୍‌ରେ ସୋସାଇଟି ସମ୍ପାଦକମାନେ ଅପ୍‌ଲୋଡ୍ କରିବେ। ସେପ୍ଟେମ୍ବର ୯ ତାରିଖ ସୁଦ୍ଧା ଚାଷୀଙ୍କ କାଗଜପତ୍ର ଯାଞ୍ଚ ହେବ। ଜୁଲାଇ ୨୪ରୁ ସେପ୍ଟେମ୍ବର ୧୦ ତାରିଖ ସୁଦ୍ଧା ତଦନ୍ତ ରିପୋର୍ଟ ଦାୟିତ୍ୱରେ ଥିବା ଅଧିକାରୀମାନେ ଦାଖଲ କରିବେ। ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ସୋସାଇଟିରେ ଯୋଗ୍ୟ ଚାଷୀଙ୍କ ନାମ ପଞ୍ଜୀକରଣ ହେବ। ଯାଞ୍ଚ ପ୍ରକ୍ରିୟା ସମାପ୍ତି ପରେ ସେପ୍ଟେମ୍ବର ୩୦ସୁଦ୍ଧା ଚାଷୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଯେଉଁ ଚାଷୀଙ୍କ ସୋସାଇଟିରେ ଯେତିକି ଜମି ଅଛି, ସେ ସେତିକି ପଞ୍ଜୀକରଣ କରିବେ। ଭାଗ ଚାଷୀମାନେ ଜମି ମାଲିକଙ୍କଠାରୁ ଆଧାର କାର୍ଡ, ଫୋନ୍ ନମ୍ବର, ଚୁକ୍ତିନାମା ଆଣି ନାମ ପଞ୍ଜୀକରଣ କରିବେ।



ଗତବର୍ଷ ଅଭାବୀ ବିକ୍ରି ସହ ଶତାଧିକ ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଥିଲେ। ଟାର୍ଗେଟ୍ ଦେବାରେ ବିଳମ୍ବରୁ ଟୋକନ ଲାପ୍ସ କାରଣରୁ ଅନେକ ଚାଷୀ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଗାମୀ ଖରିଫ ଋତୁରେ ଚାଷୀ କିଭଳି ମଣ୍ଡିରେ ସୁବିଧାରେ ଧାନ ବିକ୍ରି କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ଚାଷୀ ସଂଗଠନମାନେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

ପ୍ରକାଶଥାଉକି, ଜିଲ୍ଲାରେ ମୋଟ୍ ୧ ଲକ୍ଷ ୨୪ ହଜାର ୭୬୮ ଚାଷୀ ରହିଛନ୍ତି। ସେଥିରୁ ୧ ହେକ୍ଟରରୁ କମ୍ ପରିମାଣର ଚାଷ ଜମି ଥିବା ନାମମାତ୍ର ଚାଷୀଙ୍କ ସଂଖ୍ୟା ୬୫, ୮୧୩। କ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ୪୭, ୧୯୪ ରହିଛି। ଗତବର୍ଷ ୪୬ ହଜାର, ୨୦୨୩ରେ ୪୪ହଜାର, ୨୦୨୨ରେ ୪୬ହଜାର, ୨୦୨୧ରେ ୪୪ହଜାର ଏବଂ ୨୦୨୦ରେ ୪୩ହଜାର ଚାଷୀ ନାମ ପଞ୍ଜିକୃତ କରିଥିଲେ। ଚାଷୀଙ୍କ ପଞ୍ଜୀକରଣ ୪୦ରୁ ୫୦ ପ୍ରତିଶତ ମଧ୍ୟରେ ସୀମିତ। ଏହା ଏକ ଚିନ୍ତାଜନକ ବିଷୟ। ଯେତିକି ପରିମାଣ ଚାଷ ହେଉଛି, ତାହାଠାରୁ କମ୍ ପ୍ରତିଶତ ଚାଷୀ ଧାନ ବିକ୍ରି କରୁଛନ୍ତି। ଧାନବିକ୍ରି ନେଇ ପ୍ରଶାସନିକ ଅବହେଳା ଯୋଗୁଁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ପ୍ରାୟ ଧାର୍ଯ୍ୟ ଲକ୍ଷ୍ୟଠାରୁ ପ୍ରାୟ ୬ରୁ ୭ହଜାର ଚାଷୀ ଧାନ ବିକ୍ରି କରି ନ ପାରି ରହିଯାଉଛନ୍ତି। ପ୍ରତିବର୍ଷ ଜିଲ୍ଲା ପାଇଁ ଆସୁଥିବା ଟାର୍ଗେଟ୍ ସନ୍ତୋଷଜନକ ନୁହେଁ। ପୁଣି ପ୍ୟାକ୍ସକୁ ଟାର୍ଗେଟ୍ ଆସିନଥିବା ବେଳେ ଟୋକନ ଅବଧି ଶେଷ ଯୋଗୁଁ ଚାଷୀ ଧାନବିକ୍ରି କରି ନ ପାରି ବାଧ ହୋଇ କମ୍ ଦାମ୍‌ରେ ବେପାରୀ ହାତକୁ ଟେକି ଦେଉଛନ୍ତି। ଧାନମଣ୍ଡିରେ ସ୍ୱଚ୍ଛତା ଅବଲମ୍ବନ ଏବଂ ଅଧିକରୁ ଅଧିକ ଚାଷୀଙ୍କ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେବାକୁ ବିଭିନ୍ନ ଚାଷୀ ସଂଗଠନ ଦାବି କରିଛନ୍ତି। ଏନେଇ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ଅଳକାନନ୍ଦା ଜେନା କୁହନ୍ତି, ଚାଷୀଙ୍କ ନାମ ପଞ୍ଜୀକରଣ ପାଇଁ ସମସ୍ତ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ), ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚାଷୀଙ୍କ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବାକୁ ସମସ୍ତ ପ୍ୟାକ୍ସ ସମ୍ପାଦକଙ୍କୁ ପରାମର୍ଶ ଦିଆଯାଇଛି।

# ବିଦ୍ୟାଳୟରେ ପିତାମାତା-ଶିକ୍ଷକ ବୈଠକ

ଟାଙ୍ଗୀ, ୩୦।୭(ସମିସ): ଟାଙ୍ଗୀ ବ୍ଲକ ଅଧୀନସ୍ଥ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପିତାମାତା ଶିକ୍ଷକ ସଂଘ ବୈଠକ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଉପସଭାନେତ୍ରୀ ସୋନାଲୀ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସୁନ୍ଦରପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଜିତ ହାଲ୍‌ଦାର, ସ୍ୱେଚ୍ଛାସେବୀ ସଂଗଠନ ଆମ୍ଭର ଚେୟାରମ୍ୟାନ୍ ସୁକାନ୍ତ ରାଉତରାୟ, ଅଙ୍ଗନବାଡ଼ି କର୍ମୀ ଭାରତୀ ଦେଇ, ଆଲୁମ୍‌ନି ସଭାନେତ୍ରୀ ରାଜେଶ୍ୱରୀ ହାଲ୍‌ଦାର, ବରିଷ୍ଠ ଶିକ୍ଷକ ବାଇଧର ବେହେରା ପ୍ରମୁଖ ବୈଠକରେ ଅତିଥିରୂପେ ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀଣ ବିକାଶ ଦିଗରେ ସମସ୍ତଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବୈଠକରେ ଆସ ସ୍କୁଲ ଯିବା ଅଭିଯାନ, ସୁରକ୍ଷା ନିରାପଦ ପରିବେଶ, ବାଳିକା ଏବଂ କର୍ମଚାରୀ ସୁରକ୍ଷା, ମା'ଙ୍କ ନାମରେ ଗଛଟିଏ, କିଶୋରୀ ଛାତ୍ରୀମାନଙ୍କ ପାଇଁ ବ୍ୟବସ୍ଥା, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି, ପୋଷାକ ବିତରଣ, ମାନନିର୍ଦ୍ଧାରଣ, ପିତାମାତାଙ୍କ ଭୂମିକା, ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇ ଅଭିଭାବକଙ୍କଠାରୁ ଗଠନମୂଳକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଶିକ୍ଷୟିତ୍ରୀ ମନୋରମା ସାହୁ ପରିଚୟ ପ୍ରଦାନ କରିଥିବାବେଳେ ରୂପାଲି ପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍ୱାଗତିକା ରାଜ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ପିତାମାତା, ଅଭିଭାବକ, ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଚିତ୍ରାଙ୍କନ, ହସ୍ତଶିଳ୍ପ ଓ ରଚନା ପ୍ରତିଯୋଗିତା

ଖୋର୍ଦ୍ଧା, ୩୦।୭(ସମିସ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମହମୁଦାବାଦସ୍ଥିତ ମସ୍‌ଜିଦ ନାସିରଠାରେ ଅହମ୍ମଦିୟା ମୁସ୍‌ଲିମ ମହିଳା ସଂଗଠନ ନାସରାତୁଲ ଅହମ୍ମଦିୟା ମେହମୁଦାବାଦ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଗ୍ରୁପ୍ ମୋହସିନାତର ପିଲାମାନଙ୍କୁ ରଚନା (ନମାଜ କି ଅହମିୟତ କିମ୍ବା ଅରକାନେ ଇସ୍‌ଲାମ) ଏହି ବିଷୟରେ ୨୦୦ ଶବ୍ଦରେ ରଚନା ଲେଖିବାକୁ ଦିଆଯାଇଥିଲା ଏବଂ ଗ୍ରୁପ୍ କାନେତାତ୍ ପିଲାମାନଙ୍କ ମଧ୍ୟରେ ଅରକାନେ ଇସ୍‌ଲାମ ବିଷୟରେ ରଚନା ତଥା ହସ୍ତଶିଳ୍ପ ପ୍ରତିଯୋଗିତା କରାଯାଇଥିଲା। ଏହିପରି ଭାବେ ଗ୍ରୁପ୍ ସ୍ୱାଲେହାତ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫୦ଜଣ ପିଲା ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର କୋରାନ ପାଠ ସହ ହୋଇଥିଲା। ମାରିୟା ଫୟାଜ ପବିତ୍ର କୋରାନପାଠ କରିଥିବାବେଳେ ସଭାନେତ୍ରୀ ତସ୍‌ରୁନ୍ ନାଜେରିନ ନିରବ ପ୍ରାର୍ଥନା ଦୁଆ କରାଇଥିଲେ।




ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ସଂଗଠନର ସଭାନେତ୍ରୀ ତସ୍‌ରୁନ ନାଜେରିନ ଯୋଗଦେଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ସେକ୍ରେଟାରୀ ନାସରାତ ରୁକସାନା ଅଞ୍ଜୁମ୍ ପରିଚାଳନା କରିଥିଲେ।

# କାର୍-ବାଇକ୍ ମୁହାଁମୁହିଁ; ୩ ଆହତ

ବେଗୁନିଆ, ୩୦।୭(ସମିସ): ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ- ବେଗୁନିଆ ମଧ୍ୟରେ ଇଟା ଫ୍ୟାକ୍ଟ୍ରି ନିକଟରେ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ କାର୍ ଚାଳକ ସହ ବାଇକ୍ ଆରୋହୀ ଦୁଇ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଓ ପୁଲିସ କର୍ମଚାରୀଙ୍କ ସହଯୋଗରେ ଉଦ୍ଧାର କରି ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୁଲିସ ହେପାଜତରେ ରହିଥିବାବେଳେ ଆହତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି।

# ବେପରୁଆ ଗାଡ଼ି ଚାଳନା; ୩ ଗୋରୁ ମୃତ

ଟାଙ୍ଗୀ, ୩୦।୭(ସମିସ): ବିଭିନ୍ନ ଜାଗାରେ ଗୋ-ଚାଲାଣ ଓ ଗୋ-ମାଂସ ରନ୍ଧନ ବିରୋଧରେ କାର୍ଯ୍ୟ କରି ଅଯଥାରେ ମାମଲାରେ ଛନ୍ଦି ଦିଆଯାଉଥିବା ଯୋଗୁଁ ବଜରଙ୍ଗୀ ଦଳର ଯୁବ କର୍ମୀମାନେ ନିରୁତ୍ସାହିତ ହୋଇ ପଡୁଥିବା ଲକ୍ଷ୍ୟ କରାଯାଉଛି। ବୁଧବାର ସକାଳୁ ବେପରୁଆ ଦ୍ରୁତ ଗାଡ଼ି ଚାଳନା ଯୋଗୁଁ ୧୬ନଂ ଜାତୀୟ ରାଜପଥ ଟାଙ୍ଗୀ ବାଇପାସ୍ ବଡ଼ପାରୀ ଓଭରବ୍ରିଜ୍‌ଠାରେ ଏକ ଦୁର୍ଘଟଣା ହେବା ଫଳରେ ଘଟଣାସ୍ଥଳରେ ୩ଟି ଗୋରୁଙ୍କର ମୃତ୍ୟୁ ହୋଇଥିବାବେଳେ ଗୋଟିଏ ଗୋରୁକୁ ଗୁରୁତର ଅବସ୍ଥାରେ କୁହୁଡ଼ି ଗୋଶାଳାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ଗାଡ଼ିଟି ଦୀକ୍ଷିତପଡ଼ାରୁ ଭୁବନେଶ୍ୱର ଅଭିମୁଖେ ବେପରୁଆ ଭାବେ ଦ୍ରୁତ ଗତିରେ ଗାଡ଼ି ଚଳାଇ ଏପରି ଅବସ୍ଥା ସୃଷ୍ଟି କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଉଭୟ ଗାଡ଼ି ମାଲିକ ଓ ଚାଳକ ଭିନ୍ନ ସାମ୍ପ୍ରଦାୟର। ବଜରଙ୍ଗୀ କର୍ମୀମାନେ ଟାଙ୍ଗୀ ପୁଲିସକୁ ଖବର ଦେବାପରେ ଘଟଣାସ୍ଥଳରୁ ଚାଲିଯାଇଥିଲେ। ସେମାନଙ୍କ ନାମରେ ଚଣ୍ଡେଶ୍ୱରର ଜନୈକ ହୋଟେଲ ମାଲିକ ଏକ ମିଥ୍ୟା ମାମଲାରେ ଯୋଡ଼ି ଦେଇଥିବା ଜଣାପଡ଼ିଛି। ଏପରି ବେପରୁଆ ଗାଡ଼ି ଚାଳନା ଯୋଗୁଁ ପ୍ରତ୍ୟେକ ଦିନ ରାସ୍ତା ଦୁର୍ଘଟଣାରେ ବହୁ ଗାଇଗୋରୁ ମୃତାହତ ହେଉଛନ୍ତି। ଦଲାଲମାନେ ପ୍ରଶାସନର ନିଷ୍କ୍ରିୟତାର ସୁଯୋଗ ନେଇ ଅବାଧରେ ଗୋ-ଚାଲାଣ କରୁଛନ୍ତି।

# ବଡ଼ଝର ପୋଖରୀ ପାଣି ଦୂଷିତ; ବଢୁଛି ଚର୍ମରୋଗ

ଭୂଷଣ୍ଡପୁର, ୩୦।୭(ସମିସ): ଖୋର୍ଦ୍ଧା ଜିଲ୍ଲା ଗୋଳବାଇ ଗ୍ରାମ ପଞ୍ଚାୟତରେ ସ୍ୱାସ୍ଥ୍ୟ ଅନୁପଯୋଗୀ ପାଣିରେ ଗାଧୋଇବା ଯୋଗୁଁ ଅନେକ ଚର୍ମ ରୋଗ ତଥା ବିଭିନ୍ନ ଭୂତାଣୁଜନିତ ରୋଗର ଶିକାର ହେଉଛନ୍ତି। ଏପରିକି ପାଣିର ଗନ୍ଧରେ ନାକ ଫାଟିଯାଉଛି। ଗୋଳବାଇର ଏହି ବଡ଼ଝର ପୋଖରୀ ଏବେ ଲୋକଙ୍କ ପାଇଁ ଜହର କୁଣ୍ଡରେ ପରିଣତ ହୋଇଛି। ପୋଖରୀ ଉପରେ ୫ଟି ସାହିର ପୁରୁଷ ଓ ମହିଳା ଗାଧୋଇବା ପାଇଁ ନିର୍ଭର କରନ୍ତି। ପୋଖରୀ ପାଣି ଏତେ ଖରାପ ହେଇଛି ଯେ, ଲୋକମାନେ ଗାଧୋଇବା ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅମୃତ ସରୋବର ଯୋଜନାରେ ବଡ଼ଝର ପୋଖରୀର କାମ ହୋଇଛି। ମାତ୍ର ପାଣି ଆଉ ଅଳିଆ କିପରି ସାଫା କରାଯିବ, ସେନେଇ କେହି ଦୃଷ୍ଟି ଦେଉନାହାନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏନେଇ ତଦନ୍ତ କରି ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।



# ଅନ୍ତର୍ଜାତୀୟ ସମବାୟ ଦିବସ ଅବସରରେ ବୃକ୍ଷରୋପଣ

ବୋଲଗଡ଼, ୩୦।୭: ଖୋର୍ଦ୍ଧା ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ବେଗୁନିଆ ଶାଖା ପକ୍ଷରୁ ଅନ୍ତର୍ଜାତୀୟ ସମବାୟ ଦିବସ ପାଳନ ଅବସରରେ ନାବାର୍ଡ ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଖୋର୍ଦ୍ଧା ଜିଲ୍ଲା କେନ୍ଦ୍ର ସେବା ସମବାୟ ସମିତିର ସଭାପତି ଅଭିଷେକ ସିଂହ ସାମନ୍ତ ମୁଖ୍ୟ ଅତିଥି, ପରିଚାଳନା କମିଟି ସଦସ୍ୟ ପ୍ରଦୀପ କୁମାର ବାରିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥି ଶତପଥି, ଏଜିଏମ୍ ସନ୍ଦୀପ ପଟ୍ଟନାୟକ ଓ ୧୩ଟି ସେବା ସମବାୟ ସମିତିର ସଭାପତି ଯୋଗଦେଇ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ନାବାର୍ଡର ଜିଲ୍ଲା ଉନ୍ନୟନ ପରିଚାଳିକା ତୃପ୍ତି ତାପସୀ ପରିଚାଳନା କରିଥିଲେ। ପ୍ରାରମ୍ଭରେ କେନ୍ଦ୍ର ସେବା ସମବାୟ ସମିତି ପକ୍ଷରୁ ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।

# ଅଗଷ୍ଟ ୨୭ରୁ ୧୪ତମ ଜଂକିଆ ପଲ୍ଲୀ ଉତ୍ସବ

ନିରାକାରପୁର, ୩୦।୭(ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ବାଲିଗାଡ଼ିଆ ଓଁ ଶ୍ରୀ ଗ୍ରୁପ୍ ପୂଜା କମିଟି ତରଫରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଗଣେଶ ପୂଜା ଅବସରରେ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଜଂକିଆ ପଲ୍ଲୀ ଉତ୍ସବ ସ୍ଥାନୀୟ ବାସନ୍ତୀ କ୍ଲବ୍ ପଡ଼ିଆରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି କୃଷ୍ଣ ଚନ୍ଦ୍ର ନରେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ, କେଦାର ବଳବନ୍ତରାୟ, ସୁରେନ୍ଦ୍ରନାଥ ଜେନା, ଦିଲ୍ଲୀପ ଶ୍ରୀଚନ୍ଦନ, ଚିନ୍ତାମଣି ବେହେରା, ଲୋକନାଥ ସାମନ୍ତରାୟ, ପ୍ରଶାନ୍ତ ଗଜେନ୍ଦ୍ର, ଆଲୋକ ଶ୍ରୀଚନ୍ଦନ, ସାଗର କହଳସିଂହ ଓ ଉମାକାନ୍ତ ସାମନ୍ତରାୟ ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ଉତ୍ସବରେ ରାମ ଦୋଳି, ଡ୍ରାଗନ ଟ୍ରେନ୍ ସହିତ ଛୋଟ ପିଲାଙ୍କର ବିଭିନ୍ନ ଦୋଳି, ବିଭିନ୍ନ ପ୍ରକାର ଦୋକାନ ବଜାର, ସରକାରୀ ଷ୍ଟଲ୍ ଲୋକମାନଙ୍କୁ ଆକର୍ଷଣ କରିବା ଉଦ୍ଦେଶ୍ୟରେ ଖୋଲିବାର ଅଛି। ସେହିପରି ପ୍ରତିଦିନ ମଣ୍ଡପରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ କଳାକାର ନିଜର କଳା ପ୍ରଦର୍ଶନ କରିବେ ବୋଲି କମିଟି ସଭାପତି ପ୍ରକାଶ କରିଛନ୍ତି।



ବିଇଓଙ୍କ ବିଭିନ୍ନ ସ୍କୁଲ୍ ପରିଦର୍ଶନ

# ଛାତ୍ରଛାତ୍ରୀଙ୍କ ବ୍ୟାଗ୍ ଓଜନ ଯାଞ୍ଚ

ବାଣପୁର, ୩୦।୭(ସମିସ)

ଦିନକୁ ଦିନ ସ୍କୁଲର ଛୋଟ ଛୋଟ ଛାତ୍ରଛାତ୍ରୀମାନଙ୍କ ସ୍କୁଲ୍ ବ୍ୟାଗ ଓଜନ ବଢ଼ିବାରେ ଲାଗିଛି। ଯାହା କୋମଳମତି ଶିଶୁମାନଙ୍କ ପାଇଁ ବୋଝ ସଦୃଶ ପାଲଟିଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପୂର୍ବରୁ ଏଥିଲାଗି କଟକଣା ରହିଥିବାରୁ ପୂର୍ବରୁ ସ୍କୁଲ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉଥିଲେ। ହେଲେ ବର୍ତ୍ତମାନ ପୁଣିଥରେ ଅନେକ ସ୍କୁଲ୍ ଏହାକୁ ଅବମାନନା କରୁଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପରେ ବର୍ତ୍ତମାନ ପ୍ରଶାସନ ସଜାଗ ହୋଇଉଠିଛି। ସର୍ବଶିକ୍ଷା ଅଭିଯାନ ପକ୍ଷରୁ ବର୍ତ୍ତମାନ ପୁଣିଥରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି ଲଡୁକେଶ୍ୱର ବିଦ୍ୟାମନ୍ଦିର ଓ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଆଦି ବାଣପୁରର ଦୁଇ ଘରୋଇ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ବ୍ୟାଗ୍‌ର



ଓଜନ ଯାଞ୍ଚ କରିବା ସହ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଏନେଇ ସଚେତନ କରାଇଛନ୍ତି। ଉଭୟ ବିଦ୍ୟାଳୟ ନିୟମକୁ ସଠିକ୍ ଭାବେ ପାଳନ କରୁଥିବା ଯାଞ୍ଚରୁ ଜଣାପଡ଼ିଛି।

ନିର୍ଦ୍ଦେଶନାମା ଅନୁଯାୟୀ, ଛାତ୍ରଛାତ୍ରୀମାନେ ସେମାନଙ୍କ ଓଜନର ୧୦ ପ୍ରତିଶତରୁ କମ୍ ଓଜନର ଯଥା- ୩୦ କେଜି ଓଜନର ଜଣେ ଛାତ୍ରଛାତ୍ରୀ ୩ କିଲୋରୁ କମ୍ ଓଜନର ସ୍କୁଲ୍ ବ୍ୟାଗ୍ ନେବା ଲାଗି ନିର୍ଦ୍ଦେଶ ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ବିଇଓମାନେ ନିଜ ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ଚିଠି କରି ଅବଗତ କରାଇଛନ୍ତି। ଏଥିସହ ଏନେଇ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସମ୍ପର୍କିତ ରିପୋର୍ଟ ଜୁଲାଇ ୩୦ ତାରିଖ ସୁଦ୍ଧା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ କୁହାଯାଇଛି। ବିଇଓଙ୍କ ନୋଟିସ୍ ପାଇ ସ୍କୁଲ୍ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କ ସ୍କୁଲ୍ ବ୍ୟାଗ୍ ଓଜନ କମାଇବାକୁ ଛାତ୍ରଛାତ୍ରୀମାନେ କେଉଁ ବହି ଓ ଖାତା ଆଣିବେ ସେ ସମ୍ପର୍କିତ ସୂଚନା ଶ୍ରେଣୀ ଶିକ୍ଷକମାନେ ପୂର୍ବ ଦିନ ସନ୍ଧ୍ୟାରୁ ପ୍ରଦାନ କରିବେ। ତତ୍‌ସହିତ ପ୍ରତ୍ୟେକ ସ୍କୁଲ୍ କର୍ତ୍ତୃପକ୍ଷ ପ୍ରବେଶ ଫାଟକ ନିକଟରେ ଓଜନ ମେସିନ୍ ରଖି ବ୍ୟାଗ୍ ଓଜନ କରିବା ପରେ ଛାତ୍ରଛାତ୍ରୀଙ୍କୁ ଶ୍ରେଣୀ ଗୃହକୁ ଛାଡ଼ିବାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ସ୍କୁଲ୍ ବ୍ୟାଗ୍‌ର ଓଜନ କମାଇବା ପାଇଁ କିଭଳି ବ୍ୟାଗ୍‌ରେ କମ୍ ବହି ରହିବ ସେନେଇ ମାର୍ଗଦର୍ଶିକା ଜାରି କରାଯାଇଥିବା ବେଳେ ଏହି ନିର୍ଦ୍ଦେଶନାମା ସଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ବିଇଓମାନେ ନିୟମିତ ବ୍ୟବଧାନରେ ବିଭିନ୍ନ ସ୍କୁଲ୍ ପରିଦର୍ଶନ କରି ଯାଞ୍ଚ କରିବା ସହ ନିୟମ ଉଲ୍ଲଂଘନ କରୁଥିବା ସ୍କୁଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଶିଶୁମନ୍ଦିରରେ ତାଲୁକ ଆଇନ ସଚେତନତା ଶିବିର

ବାଣପୁର, ୩୦।୭(ସମିସ): ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ମଙ୍ଗଳବାର ବାଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ଶିଶୁ ନ୍ୟାୟ ତଥା ଯତ୍ନ ଓ ସୁରକ୍ଷା ଅଧିନିୟମ ଏବଂ ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଜକିଶୋର ଭୋପା, ପ୍ରଧାନ ଆଚାର୍ଯ୍ୟ ଅବିନାଶ ପଟ୍ଟନାୟକ, ବାଣପୁର ଓକିଲ ସଂଘର ପୂର୍ବତନ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା, ଉପସଭାପତି ପଦ୍ମଜା ପଟ୍ଟନାୟକ, ଫ୍ରଣ୍ଟ ଅଫିସ ରିଟେନର ଦେବୀ ପ୍ରସାଦ ସାମନ୍ତରାୟଙ୍କ ସମେତ ବହୁ ଆଇନଜୀବୀ ସାମିଲ ହୋଇଥିଲେ। ବିଚାରପତି ଶ୍ରୀ ମହାପାତ୍ର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଶିଶୁ ନ୍ୟାୟ ତଥା ଯତ୍ନ ଓ ସୁରକ୍ଷା ଅଧିନିୟମ ଏବଂ ଶିକ୍ଷା ଅଧିକାର ଆଇନ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର ପରିଚାଳନା କରିଥିବାବେଳେ ଉକ୍ତ ଆଇନ ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଚଳିତ ବର୍ଷ ନୂତନ ଭାବେ ଖୋଲିଥିବା ଯୁକ୍ତ ୨ ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରଛାତ୍ରୀ ଏବଂ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହି ସେମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଆଇନ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ।



## ପ୍ରକୃତିର ପ୍ରକୋପ

# ସୁନାମୀ



**ବର୍ଷା, ବନ୍ୟା, ଝଡ଼ତୋଫାନ, ବାତ୍ୟା, ବଜ୍ରପାତ, ଭୂସ୍ଖଳନ, ଆଗ୍ନେୟଗିରି ଉଦ୍‌ଗୀରଣ ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରତିବର୍ଷ ବିଶ୍ୱବ୍ୟାପୀ ହଜାର ହଜାର ଲୋକଙ୍କ ଜୀବନ ନେଉଛି ଏବଂ ଧନସମ୍ପତ୍ତିର ମଧ୍ୟ ବ୍ୟାପକ କ୍ଷତି ଘଟାଉଛି । ତେବେ ଏହିସବୁ ବିପର୍ଯ୍ୟୟର ଆଗୁଆ ସୂଚନା ମିଳୁଥିବାରୁ ଜୀବନ ହାନୀ ଓ କ୍ଷୟକ୍ଷତି ପରିମାଣ କମିକମି ଯାଉଛି । କିନ୍ତୁ ଭୂମିକମ୍ପ କେଉଁଠି ଏବଂ କେବେ ହେବ, ତାହାର ଆଗୁଆ ସୂଚନା ପାଇବା ଲାଗି ବର୍ତ୍ତମାନ ସୁଦ୍ଧା କୌଣସି ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ହୋଇପାରି ନାହିଁ । ତେଣୁ ଭୂମିକମ୍ପ ଏବଂ ଏହି କାରଣରୁ ସମୁଦ୍ର ଉପକୂଳରେ ଆସୁଥିବା ସୁନାମୀ ଯୋଗୁଁ ଧନଜୀବନ କ୍ଷତି ବଢ଼ିବାରେ ଲାଗିଛି । ପ୍ରକୃତିର ଏହି ପ୍ରକୋପ ସଂପର୍କରେ ସ୍ୱତନ୍ତ୍ର ବିଶ୍ଳେଷଣ ।**

### ଜାପାନୀ ଶବ୍ଦ ସୁନାମୀ

ସୁନାମୀ ହେଉଛି ବିଶ୍ୱର ଅନ୍ୟତମ ବିଧ୍ୱଂସକାରୀ ପ୍ରାକୃତିକ ବିପର୍ଯ୍ୟୟ । ଏହା ଏକ ଜାପାନୀ ଶବ୍ଦ । ଏହା ସମୁଦ୍ର ତଥା ମହାସାଗରରେ ଦେଖିବାକୁ ମିଳିଥାଏ । ଅତ୍ୟଧିକ ଦୀର୍ଘ ତଥା ଲମ୍ବା ସାମୁଦ୍ରିକ ତରଙ୍ଗର ଶୃଙ୍ଖଳାକୁ ସୁନାମୀ କୁହାଯାଇଥାଏ । ଭୂକମ୍ପ କିମ୍ବା ଆଗ୍ନେୟଗିରି ତଥା ଜ୍ୱାଳାମୁଖୀ ବିସ୍ଫୋରଣରେ ମହାସାଗରରେ ବୃହତ୍ ଓ ଅଚାନକ ବିସ୍ଥାପନ ଯୋଗୁଁ ଜଳର ଦୀର୍ଘ ତରଙ୍ଗ ସୃଷ୍ଟି ହୋଇଥାଏ । ଏହାକୁ ଭୂକମ୍ପଜନିତ ସମୁଦ୍ର ଲହଡି ମଧ୍ୟ କୁହାଯାଇଥାଏ । ସୁନାମୀକୁ ସବୁଠାରୁ ଭୟଙ୍କର, ଶକ୍ତିଶାଳୀ ତଥା ବିନାଶକାରୀ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହୋଇଥାଏ ।

ମହାସାଗର ଭିତରେ ଭୂକମ୍ପ ଯୋଗୁଁ ବହୁ ପରିମାଣରେ ଜଳ ବିସ୍ଥାପନ ହେବାରୁ ସୁନାମୀ ହୋଇଥାଏ । ଭୂକମ୍ପକୁ ବାଦ୍ ଦେଲେ ଆଗ୍ନେୟଗିରି ବିସ୍ଫୋରଣ, ଭୂସ୍ଖଳନ ଏବଂ ପୃଥିବୀ ଉପରେ ଗ୍ରହାଣୁ ତଥା ଧୂମକେତୁ ମାଡ଼ ହେବା ଫଳରେ ମଧ୍ୟ ସୁନାମୀ ସୃଷ୍ଟି ହୋଇଥାଏ । ସୁନାମୀର ମୁଖ୍ୟ କାରଣଗୁଡିକ ବିଷୟରେ ନିମ୍ନରେ ସମ୍ୟକ ସୂଚନା ପ୍ରଦାନ କରାଗଲା..

#### ଭୂକମ୍ପ

ଭୂକମ୍ପ ଯୋଗୁଁ ଅଧିକାଂଶ ସୁନାମୀ ଆସିଥାଏ । ପୃଥିବୀର ଟେକ୍ଟୋନିକ ପ୍ଲେଟ ବାଉଣ୍ଡାରୀରେ ସଂଘର୍ଷ ଯୋଗୁଁ ହିଁ ଭୂକମ୍ପ ସୃଷ୍ଟି ହୋଇଥାଏ । ଏହା ଯୋଗୁଁ ହେଉଥିବା ଭୂକମ୍ପଗୁଡିକ ୭.୦ ତୀବ୍ରତାଠାରୁ ଅଧିକ । ଏହାଦ୍ୱାର ସମୁଦ୍ର ତଳେ ଜଳ ସ୍ତର ଉପରକୁ ସିଧା ଉଠି ଆସିଥାଏ । ଏହା ଦ୍ୱାରା ବହୁ ପରିମାଣରେ ଜଳ ବିସ୍ଥାପନ ହୋଇଥାଏ । ଫଳରେ ଦୀର୍ଘ ଓ ଉଚ୍ଚ ଲହଡି ସୃଷ୍ଟି ହୋଇଥାଏ । ତେବେ ସବୁ ଭୂକମ୍ପ ସୁନାମୀ ସୃଷ୍ଟି କରି ନଥାଏ । କେବଳ ସମୁଦ୍ର ତଳରେ ୭.୦ କିମ୍ବା ତା'ଠାରୁ ଅଧିକ ତୀବ୍ର ଭୂକମ୍ପ ହେଲେ ସୁନାମୀ ଆସିଥାଏ ।

#### ଆଗ୍ନେୟଗିରି ବିସ୍ଫୋରଣ

ଆଗ୍ନେୟଗିରି ବିସ୍ଫୋରଣ ତଥା ଆଗ୍ନେୟ ଉଦ୍‌ଗିରଣ ଯୋଗୁଁ ମଧ୍ୟ ସୁନାମୀ ସୃଷ୍ଟି ହୋଇଥାଏ । ତେବେ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଆଗ୍ନେୟ ଉଦ୍‌ଗିରଣ ହେଲେ ବହୁ ପରିମାଣରେ ଜଳ ବିସ୍ଥାପିତ ହୋଇଥାଏ । କାରଣ ଆଗ୍ନେୟ ଉଦ୍‌ଗିରଣ କାରଣରୁ ବହୁ ପରିମାଣରେ ପଥର ଓ ପାଉଁଶ ସମୁଦ୍ରରେ ପଡ଼ିବା ଫଳରେ ଜଳ ବିସ୍ଥାପନ ହୋଇ ସୁନାମୀ ସୃଷ୍ଟି ହୋଇଥାଏ । ଉଦାହରଣ ସ୍ୱରୂପ ୧୯୮୮ରେ ପାପୁଆ ନ୍ୟୁଗିନିରେ ଆଗ୍ନେୟ ଉଦ୍‌ଗିରଣ ଯୋଗୁଁ ସୁନାମୀ ଆସିଥିଲା ଓ ଏଥିରେ ବହୁ ଧନଜୀବନ ହାନି ହୋଇଥିଲା ।

### କାହିଁକି ହୁଏ ସୁନାମୀ

#### ଭୂସ୍ଖଳନ

ଉପକୂଳବର୍ତ୍ତୀ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ମଧ୍ୟ ସମୁଦ୍ରରେ ବହୁ ପରିମାଣରେ ଜଳ ବିସ୍ଥାପିତ ହେବା ଫଳରେ ସୁନାମୀ ଆସିଥାଏ । ଅବଶ୍ୟ ଏହି ଭୂସ୍ଖଳନ ଭୂକମ୍ପ କିମ୍ବା ଭୂଗର୍ଭୀୟ ଗତିବିଧି କାରଣରୁ ସୃଷ୍ଟି ହୋଇଥାଏ । ଭୂସ୍ଖଳନ ଯୋଗୁଁ ବହୁ ପରିମାଣରେ ମାଟି କିମ୍ବା ପଥର ସମୁଦ୍ରରେ ପଡ଼ିବା ଯୋଗୁଁ ଏପରି ହୋଇଥାଏ ।

#### ଅନ୍ୟ ସମ୍ଭାବ୍ୟ କାରଣ

ଅନ୍ୟ କାରଣ ଯୋଗୁଁ ମଧ୍ୟ ସୁନାମୀ ହୋଇଥାଏ । ସମୁଦ୍ରରେ ଉଲ୍‌କା ପିଣ୍ଡ କିମ୍ବା ଗ୍ରହାଣୁ ପୁଞ୍ଜ ମାଡ ହେଲେ ମଧ୍ୟ ବହୁ ପରିମାଣରେ ଜଳ ବିସ୍ଥାପନ ହୋଇ ସୁନାମୀ ଆସିଥାଏ । ସେହିପରି ସମୁଦ୍ର ଉପକୂଳରେ ବିସ୍ଫାରଣ ଜନିତ ପରୀକ୍ଷା ମଧ୍ୟ ସୁନାମୀ ସୃଷ୍ଟି କରିଥାଏ । ଉଦାହରଣ ସ୍ୱରୂପ ସମୁଦ୍ରରେ ଆଣବିକ ପରୀକ୍ଷଣ କରାଗଲେ ମଧ୍ୟ ସୁନାମୀ ଆସିବାର ଆଶଙ୍କା ରହିଥାଏ । ସେହିପରି ହିମସ୍ଖଳନ କାରଣରୁ ବଡ଼ ବଡ଼ ବରଫ ଖଣ୍ଡ ସମୁଦ୍ରରେ ପଡ଼ିଲେ ସୁନାମୀ ଭଳି ବିପର୍ଯ୍ୟୟ ସୃଷ୍ଟି ହୋଇଥାଏ ।

### ଭାରତରେ ଅତିକମ୍‌ରେ ୮ ସୁନାମୀ ଆସିଛି

୧୭୬୨ ପରେ ଭାରତ ଅତିକମ୍‌ରେ ୮ଥର ସୁନାମୀ ଆସିଛି । ୧୭୬୨ରେ ଆଣ୍ଡାମାନ ନିକୋବର ଦୀପପୁଞ୍ଜ ଓ ବଙ୍ଗୋପ ସାଗରେରେ ଭୂମକମ୍ପ କାରଣରୁ ଭାରତରେ ସୁନାମୀ ଆସିଥିଲା । ତେବେ ୨୦୦୪ରେ ଆସିଥିବା ସୁନାମୀ ସବୁଠାରୁ ବୃହତ୍ ତଥା ବିଧ୍ୱଂସକାରୀ ଥିଲା । ଆଣ୍ଡାମାନ ନିକୋବର ଦୀପପୁଞ୍ଜ ସମେତ ଦକ୍ଷିଣ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ଦ୍ୱାରା ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା । ଏଥିରେ ୧୦, ୭୪୯ ଲୋକ ପ୍ରାଣ ହରାଇଥିଲେ ଓ ୫, ୬୪୦ ନିଖୋଜ ହୋଇଥିଲେ । ଏହାପୂର୍ବରୁ ୧୮୮୧ ଓ ୧୯୪୧ରେ ବଙ୍ଗୋପସାଗରେ ଭୂକମ୍ପ କାରଣରୁ ମଧ୍ୟ ଭାରତରେ ସୁନାମୀ ପରିଲକ୍ଷିତ ହୋଇଥିଲା । ସେହିପରି ୧୯୪୧ରେ ଆଣ୍ଡାମାନ ଦୀପପୁଞ୍ଜରେ ଭୂକମ୍ପ କାରଣରୁ ମଧ୍ୟ ସୁନାମୀ ଆସିଥିଲା ।

### ବିଶ୍ୱର ସବୁଠାରୁ ବୃହତ୍ ତଥା ବିଧ୍ୱଂସକାରୀ ୫ ସୁନାମୀ

**ଭାରତୀୟ ମହାସାଗରରେ ଭୂକମ୍ପ ଓ ସୁନାମୀ**
ତାରିଖ: ୨୬ ଡିସେମ୍ବର ୨୦୦୪
ତୀବ୍ରତା: ୯.୧ - ସମୁଦ୍ର ଢେଉ ଉଚ୍ଚତା ୧୫୦ ଫୁଟ୍
୧୩ ଦେଶ କ୍ଷତିଗ୍ରସ୍ତ , ମୃତ୍ୟୁସଂଖ୍ୟା ୨ ଲକ୍ଷ ୩୦ ହଜାର




**ୟୁରୋପର ଲିସ୍‌ବନ ଭୂକମ୍ପ ଓ ସୁନାମୀ**
ତାରିଖ: ୧ ନଭେମ୍ବର ୧୭୫୫
ତୀବ୍ରତା: ୮.୫ - ସମୁଦ୍ର ଢେଉ ଉଚ୍ଚତା ୫୦ ଫୁଟ୍
ମୃତ୍ୟୁସଂଖ୍ୟା: ୬୦ ହଜାରରୁ ଏକ ଲକ୍ଷ

**ଇଣ୍ଡୋନେସିଆର କ୍ରକାଟାଉ ଆଗ୍ନେୟଗିରି ବିସ୍ଫୋରଣ ଓ ସୁନାମୀ**
ତାରିଖ: ୨୭ ଅଗଷ୍ଟ ୧୮୮୩
ସମୁଦ୍ର ଢେଉ ଉଚ୍ଚତା ୧୦୦ ଫୁଟ୍
ମୃତ୍ୟୁସଂଖ୍ୟା: ୩୬ ହଜାର



**ଆଫ୍ରିକା ଭୂକମ୍ପ ଓ ସୁନାମୀ**
ତାରିଖ: ୧୩ ଅଗଷ୍ଟ ୧୮୬୮
ତୀବ୍ରତା: ୮.୫ - ସମୁଦ୍ର ଢେଉ ଉଚ୍ଚତା ୯୦ ଫୁଟ୍
ମୃତ୍ୟୁସଂଖ୍ୟା: ୨୫ ହଜାର

**ଜାପାନର ତୋହୋକୁ ଭୂକମ୍ପ ଓ ସୁନାମୀ**
ତାରିଖ : ୧୧ ମାର୍ଚ୍ଚ ୨୦୧୧
ତୀବ୍ରତା: ୯.୧ - ସମୁଦ୍ର ଢେଉ ଉଚ୍ଚତା ୧୩୦ ଫୁଟ୍
ମୃତ୍ୟୁସଂଖ୍ୟା: ୧୫ ହଜାର ୫୫୦

## ବିଶ୍ୱର ୭ ବିଧ୍ୱଂସକ ଭୂକମ୍ପ

**୧୯୬୦ ମେ' ୨୨ (ଚିଲି):** ବିଶ୍ୱର ସବୁଠୁ ଭୟଙ୍କର ଭୂକମ୍ପ ଚିଲିରେ ହୋଇଥିଲା । ଏହି ଦିନ ୯.୫ ତୀବ୍ରତାରେ ଚିଲି ଦୋହଲି ଯାଇଥିଲା । ଏହାକୁ 'ଗ୍ରେଟ୍ ଚିଲିଆନ' କିମ୍ବା ଭାଲଡିଭିଆ ଭୂକମ୍ପ କୁହାଯାଏ । ଏହି ପ୍ରଳୟଙ୍କାରୀ ଭୂକମ୍ପ ୧୬୫୫ ଜଣଙ୍କ ଜୀବନ ନେଇଥିଲା । ୨ ନିୟୁତ ଲୋକଙ୍କୁ ବାସଚ୍ୟୁତ କରିଦେଇଥିଲା । ଏହା ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିଥିଲା । ଏହା ଚିଲି ଏବଂ ଜାପାନରେ ସୁନାମୀ ଆଣିଥିଲା ।

**୧୯୬୪ ମାର୍ଚ୍ଚ ୨୭(ଆଲାସ୍କା):** ଆମେରିକାର ଆଲାସ୍କାରେ ଏହି ଦିନ ଦ୍ୱିତୀୟ ବୃହତ୍ତମ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା । ୯.୨ ତୀବ୍ରତାର ଏହି ଭୂକମ୍ପକୁ 'ଗୁଡ୍ ଫ୍ରାଇଡେ' କିମ୍ବା ୱିଲିୟମ ସାଉଣ୍ଡ ଆର୍ଥକ୍ୱେକ କୁହାଯାଇଥିଲା । ଏହା ୧୩୧ ଜଣଙ୍କ ଜୀବନ ନେଇଥିଲା । ବିପର୍ଯ୍ୟୟ ସୃଷ୍ଟି କରି ଭୂସ୍ଖଳନ ଆଣିଥିଲା । ୨୦୦ ଫୁଟ ଉଚ୍ଚତାର ସୁନାମୀ ଆସିଥିଲା । ଏଥିଯୋଗୁଁ ୨.୩ ବିଲିୟନ ଡଲାରର ସମ୍ପତ୍ତି କ୍ଷୟକ୍ଷତି ହୋଇଥିଲା ।

**୨୦୦୪ ଡିସେମ୍ବର ୨୬(ସୁମାତ୍ରା):** ଇଣ୍ଡୋନେସିଆର ସବୁଠୁ ବଡ଼ ଭୂକମ୍ପ ଏହି ଦିନ ଆସିଥିଲା । ୯.୧ ତୀବ୍ରତାର ଏହି ପ୍ରାକୃତିକ ବିପର୍ଯ୍ୟୟ ୧୪ ଦେଶରେ ୨ ଲକ୍ଷ ୩୦ ହଜାର ଲୋକଙ୍କ ଜୀବନ ନେଇଥିଲା । ଏହି ଭୂକମ୍ପ ଯୋଗୁଁ ଆସିଥିବା ବିରାଟ ସୁନାମୀ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆର ଉପକୂଳକୁ ଧ୍ୱଂସ କରିଦେଇଥିଲା ।

**୨୦୧୧ ମାର୍ଚ୍ଚ ୧୧(ଜାପାନ):** ଏହି ମସିହାରେ ଜାପାନ ସମୁଦ୍ର ଭିତରେ ସୃଷ୍ଟି ୯.୧ ତୀବ୍ରତାର ଭୂକମ୍ପ ୨୦ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା । ଏଥିଯୋଗୁଁ ଭୟଙ୍କର ସୁନାମୀ ଆସିଥିଲା । ଏହା ଫୁକୁସିମା ପରମାଣୁ କେନ୍ଦ୍ରକୁ ଧ୍ୱଂସସ୍ତୁପରେ ପରିଣତ କରି ଦେଇଥିଲା । ୧୩୦ ଫୁଟର ସୁନାମୀ ୬ ମାଇଲ ଭିତରକୁ ମାଡ଼ି ଆସିଥିଲା । ୨୩୫ ବିଲିୟନ ଡଲାରର କ୍ଷୟକ୍ଷତି ଘଟାଇ ଥିବା ଏହି ଭୂକମ୍ପ ଜାପାନର ବିପର୍ଯ୍ୟୟ ପ୍ରତିକ୍ରିୟା ବ୍ୟବସ୍ଥାକୁ ନୂଆ ରୂପ ଦେଇଥିଲା ।

**୧୯୫୨ ନଭେମ୍ବର ୪ (ରୁଷ):** ଏହି ବର୍ଷ ରୁଷିଆର କାମଚଟ୍‌କା ପ୍ରାୟଦ୍ୱୀପରେ ୯.୦ ତୀବ୍ରତାର ଭୂକମ୍ପ ଆସିଥିଲା । ତେବେ ଏହି ଅଞ୍ଚଳରେ ବହୁତ କମ୍ ଲୋକ ରହୁଥିବାରୁ ସେତେ କ୍ଷୟକ୍ଷତି ହୋଇ ନ ଥିଲା । ଏହାର ପ୍ରଭାବରେ ୫୦ ଫୁଟର ସୁନାମୀ ଆସିଥିଲା । ଏହା ଚିଲି, ନ୍ୟୁଜିଲାଣ୍ଡ ଏବଂ ଜାପାନକୁ ପ୍ରଭାବିତ କରିଥିଲା ।

**୨୦୧୦ ଫେବୃଆରୀ ୨୭ (ଚିଲି):** ଏହି ଦିନ ଆସିଥିବା ୮.୮ ତୀବ୍ରତାର ଭୂକମ୍ପରେ ଚିଲିର ୮୦ ପ୍ରତିଶତ ଲୋକ ପ୍ରଭାବିତ ହୋଇଥିଲେ । ଏହି ଭୂକମ୍ପ ୫୨୩ ଜଣଙ୍କ ଜୀବନ ନେଇଥିଲା । ୩ ଲକ୍ଷ ୭୦ ହଜାର ଘରକୁ ଧ୍ୱଂସ କରିଦେଇଥିଲା । ଏଥିଯୋଗୁଁ ଆସିଥିବା ସୁନାମୀ ଦ୍ୱାରା ରାଜଧାନୀ ୨୮ ସେମି ପଛକୁ ପଳାଇ ଥିଲା ବୋଲି ଗବେଷକମାନେ କହିଥିଲେ ।

**୧୯୦୬ ଜାନୁଆରୀ ୩୧ (ଇକ୍ୱେଡର):** ଏହି ଦିନ ଆସିଥିବା ୮.୮ ତୀବ୍ରତାର ଭୂକମ୍ପକୁ ଇକ୍ୱେଡର-କଲମ୍ବିଆ ଆର୍ଥକ୍ୱେକ କୁହାଯାଏ । ଏହାର ପ୍ରଭାବରେ ସୃଷ୍ଟି ହୋଇଥିବା ସୁନାମୀ ଯୋଗୁଁ ୧୫୦୦ ଜଣଙ୍କ ଜୀବନ ଯାଇଥିଲା । ଏହା ଆମେରିକାର ସାନ୍ ଫ୍ରାନ୍‌ସିସ୍‌କକୁ ବ୍ୟାପି ଯାଇ ଅଶେଷ କ୍ଷୟକ୍ଷତି ଘଟାଇଥିଲା ।

## ଭାରତୀୟ ମହାସାଗରରେ ସବୁଠୁ ଭୟଙ୍କର ଭୂକମ୍ପ ଓ ସୁନାମୀ

ଡିସେମ୍ବର ୨୬, ୨୦୦୪ । ଏହି ଦିନ ବିଶ୍ୱର ସବୁଠାରୁ ଭୟଙ୍କର ଭୂମିକମ୍ପ ଏବଂ ସୁନାମୀର ତାଣ୍ଡବ ଭାରତ ସମେତ ୧୩ଟି ଦେଶରେ ଦେଖିବାକୁ ମିଳିଥିଲା । ଭାରତ ସମେତ ଇଣ୍ଡୋନେସିଆ, ଶ୍ରୀଲଙ୍କା ଓ ଥାଇଲାଣ୍ଡ ସବୁଠାରୁ ବେଶୀ ପ୍ରଭାବିତ ହୋଇଥିଲା । ସେହିପରି ମାଲଦୀପ, ମ୍ୟାଁନମାର, ମାଲେସିଆ, ସୋମାଲିଆ, ସିଚେଲେସ୍, ବାଂଲାଦେଶ, ସିଙ୍ଗାପୁରୁ, କେନିଆ, ତାଞ୍ଜାନିଆ ଓ ମାଡାଗାସ୍କର ଭଳି ଦେଶ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିଲା । ଇଣ୍ଡୋନେସିଆ ଓ ସୁମାତ୍ରା ଉପକୂଳରେ ଏକ ବଡ଼ଧରଣର ଭୂକମ୍ପ (୯.୧ ତ୍ରୀବ୍ରତା) ଆସିବା ଫଳରେ ସାରା ଭାରତୀୟ ମହାସାଗରରେ ଏହି ଭୟଙ୍କର ସୁନାମୀ ସୃଷ୍ଟି ହୋଇଥିଲା । ୮୦୦ ମାଇଲ ଲମ୍ବର ସୁନାମୀ ପ୍ରାୟ ସବୁ ଦିଗକୁ ପରିବ୍ୟାପ୍ତ ହୋଇଥିଲା । ଏହା ଦ୍ୱାରା ଅସମ୍ଭବ କ୍ଷୟକ୍ଷତି ହୋଇଥିଲା । ଦୁଇ ଲକ୍ଷ ୨୭ହଜାର ଲୋକ ମୃତ୍ୟୁବରଣ କରିଥିଲେ ଏବଂ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ବାସସ୍ଥାନ ହରାଇଥିଲେ ।

### ପ୍ରଭାବିତ ଦେଶ

**ଇଣ୍ଡୋନେସିଆ:** ଏହି ଦେଶର ଆସେହ ରାଜ୍ୟ ସବୁଠାରୁ କ୍ଷତିଗ୍ରସ୍ତ ହୋଇଥିଲା ଓ ଏଠାରେ ସର୍ବାଧିକ ସଂଖ୍ୟକ(୨ ଲକ୍ଷରୁ ଉର୍ଦ୍ଧ୍ୱ) ଲୋକ ମୃତାହତ ହୋଇଥିଲେ । ବହୁ କୋଠା ମଧ୍ୟ ଧ୍ୱଂସସ୍ତୁପରେ ପରିଣତ ହୋଇଥିଲା ।

**ଶ୍ରୀଲଙ୍କା:** ୧୦ ହଜାର ଲୋକ ପ୍ରାଣ ହରାଇଥିଲେ ଓ ଦେଶର ଭିତ୍ତିଭୂମି ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥିଲା ।

**ଭାରତ:** ଭାରତର ଆଣ୍ଡାମାନ ନିକୋବର ଦୀପପୁଞ୍ଜ ଏବଂ ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ ଉପକୂଳ ଏହି ସୁନାମୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା । ଭାରତରେ ୧୧ ହଜାର ଲୋକ ପ୍ରାଣ ହରାଇଥିବା ବେଳେ ୫ ହଜାରରୁ ଅଧିକ ଲୋକ ନିଖୋଜ ହୋଇଥିଲେ ।

**ଥାଇଲାଣ୍ଡ:** ଉପକୂଳବର୍ତ୍ତୀ ଅଞ୍ଚଳ ଖାସ୍ କରି ଦକ୍ଷିଣ ଥାଇଲାଣ୍ଡରେ ଏହାର ଅଧିକ ପ୍ରଭାବ ଥିଲା ଓ ବହୁ ସଂଖ୍ୟାରେ ଲୋକ ମୃତାହତ ହେବା ସହ ପ୍ରଭୁତ କ୍ଷୟକ୍ଷତି ଦେଖିବାକୁ ମିଳିଥିଲା ।

**ମାଲଦୀପ:** ମାଲଦୀପ ସମୁଦ୍ର ପତ୍ତନଠାରୁ ମାତ୍ର ଅଳ୍ପ କେତେ ଫୁଟ୍ ଉଚ୍ଚରେ ଅବସ୍ଥିତ । ତେଣୁ ଏଠାରେ ଶହଶହ ଲୋକ ମୃତ୍ୟୁବରଣ କରିଥିବା ବେଳେ ବହୁତ କ୍ଷୟକ୍ଷତି ମଧ୍ୟ ହୋଇଥିଲା ।

**ମିଆଁମାର:** ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଥିଲା ।

**ମାଲେସିଆ:** ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀର ପ୍ରଭାବ ଦେଖିବାକୁ ମିଳିଥିଲା ।

**ସୋମାଲିଆ:** ଆଫ୍ରିକାର ଏହି ପୂର୍ବ ଉପକୂଳବର୍ତ୍ତୀ ଦେଶ ମଧ୍ୟ ସୁନାମୀ ଦ୍ୱାରା ପ୍ରଭାବିତ ହୋଇଥିଲା ।

**ସେଚେଲେସ:** ଏହି ଦୀପରେ ସୁନାମୀର ହାଲକା ପ୍ରଭାବ ଦେଖିବାକୁ ମିଳିଥିଲା ।

**ବାଂଲାଦେଶ:** ବାଂଲାଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଥିଲା ।

**ସିଙ୍ଗାପୁର:** ଏହି ଦୀପଦେଶରେ ସୁନାମୀ କାରଣରୁ ଆଂଶିକ କ୍ଷତି ଦେଖିବାକୁ ମିଳିଥିଲା ।

**କେନିଆ:** ଏହି ପୂର୍ବ ଆଫ୍ରିକୀୟ ଦେଶ ମଧ୍ୟ ସୁନାମୀ ଦ୍ୱାରା ପ୍ରଭାବିତ ହୋଇଥିଲା ।

**ତାଞ୍ଜାନିଆ:** ପୂର୍ବ ଆଫ୍ରିକୀୟ ଦେଶ ତାଞ୍ଜାନିଆରେ ମଧ୍ୟ ସାମାନ୍ୟ କ୍ଷୟକ୍ଷତି ଦେଖିବାକୁ ମିଳିଥିଲା ।

**ମାଡାଗାସ୍କାର:** ଆଫ୍ରିକା ମହାଦେଶର ପୂର୍ବ ଉପକୂଳରେ ଅବସ୍ଥିତ ଏହି ଦେଶରେ ସୁନାମୀର ହାଲ୍‌କା ପ୍ରଭାବ ଦେଖିବାକୁ ମିଳିଥିଲା ।

## କାଗଜକଲମରେ ମାଇକ୍ରୋ ଜୋନ୍ ସର୍ଭେ | ଓଡ଼ିଶା ପାଇଁ ବଢ଼ୁଛି ବିପଦ

ଭୁବନେଶ୍ୱର,୩୦।୭ (ପ୍ରଦୀପ ଭାରତୀ):

ଋଷରେ କାମଚଟ୍‌କା ଉପଦ୍ୱୀପରେ ଶକ୍ତିଶାଳୀ ଭୂକମ୍ପ ପରେ ଜାପାନ ଓ ଋଷରେ ଜାରି ହୋଇଛି ସୁନାମୀ ଆଲର୍ଟ । ଏହି ଦୁଇ ଦେଶ ସମେତ ପ୍ରଶାନ୍ତ ମହାସାଗର କୂଳରେ ଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଭୟଭୀତ ଅବସ୍ଥାରେ ରହିଛନ୍ତି । ନିୟମିତ ବ୍ୟବଧାନରେ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଭୂକମ୍ପ ଓ ସୁନାମୀ ଦ୍ୱାରା ଗୁରୁତର କ୍ଷତିଗ୍ରସ୍ତ ହେଉଥିବା ବେଳେ ଓଡ଼ିଶାବାସୀଙ୍କ ମନରେ ଏବେ ଭୟ ବଢ଼ିବାରେ ଲାଗିଛି । ବଙ୍ଗୋପସାଗର କୂଳରେ ଥିବା ଓଡ଼ିଶାର ଏକାଧିକ ଜିଲ୍ଲା ଭୂକମ୍ପ ପ୍ରବଣ ବୋଲି ପୂର୍ବରୁ ରିପୋର୍ଟ ଆସିଛି । ନିକଟ ଅତୀତରେ ଓଡ଼ିଶା ବଡ଼ ଭୂକମ୍ପର ସମ୍ମୁଖୀନ ହୋଇନାହିଁ, ତଥାପି ଗଲା କିଛି ବର୍ଷ ହେବ ନିୟମିତ ଭାବେ ରାଜ୍ୟରେ ଭୂକମ୍ପ ଝଟ୍‌କା ଅନୁଭୂତ ହେଉଛି । ବେଳେ ବେଳେ ଭୂକମ୍ପର କେନ୍ଦ୍ରସ୍ଥଳ ବଙ୍ଗୋପସାଗର ରହୁଥିବାରୁ ସୁନାମୀ ଭଳି ଆଶଙ୍କା ମଧ୍ୟ ବହୁ ଗୁଣାରେ ବଢ଼ିଯାଉଛି । ଗତ ଫେବୃଆରୀ ବଙ୍ଗୋପସାଗର ମଧ୍ୟରେ ୫.୧ ତୀବ୍ରତା ବିଶିଷ୍ଟ ଏକ ଭୂକମ୍ପ ଅନୁଭୂତ ହୋଇଥିଲା । ଏଥିପାଇଁ ପୁରୀ, ଭୁବନେଶ୍ୱର, ପାରାଦୀପ, ଜଗତସିଂହପୁର, କେନ୍ଦ୍ରାପଡ଼ା, ବାରିପଦା, ବାଲେଶ୍ୱର ସମେତ ପଶ୍ଚିମବଙ୍ଗର ମଧ୍ୟ ଏକାଧିକ ସହରରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା । ପୁରୀଠାରୁ ୨୮୬ କିଲୋମିଟର ପୂର୍ବ, ଭୁବନେଶ୍ୱରର ୨୯୭ କିମି ପୂର୍ବ-ଦକ୍ଷିଣ ପୂର୍ବରେ ଓ ବ୍ରହ୍ମପୁରର ପୂର୍ବରେ ୩୯୪ କିମି ଦୂରରେ ସମୁଦ୍ର ଭିତରେ ଭୂମିକମ୍ପର ଉତ୍ପତ୍ତି ସ୍ଥଳ ରହିଥିଲା । ବଙ୍ଗୋପସାଗରରେ ୯୧ କିମି ଗଭୀରତା ମଧ୍ୟରେ ଏହା ଅନୁଭୂତ ହୋଇଥିବା ବେଳେ ଯଦି ଗଭୀରତା କମ୍ ହୋଇଥାନ୍ତା, ତେବେ ନିଶ୍ଚିତ କ୍ଷୟକ୍ଷତି ଘଟାଇବାର ଆଶଙ୍କା ଥିଲା । ସମାନ ଭାବେ ୨୦୧୪ ମେ' ୨୧ ତାରିଖରେ କୋଣାର୍କଠାରୁ ୨୭୬ କିମି ଦୂରରେ ବଙ୍ଗୋପସାଗର ମଧ୍ୟରେ ୬.୧ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ଏହି ଭୂକମ୍ପର କେନ୍ଦ୍ରସ୍ଥଳ ମାତ୍ର ୪୭ କିମି ଗଭୀର ରହିଥିବାରୁ ସେତେବେଳେ ରାଜ୍ୟର ବହୁ ସ୍ଥାନରେ ବଡ଼ ଧରଣର ଝଟ୍‌କା ଅନୁଭୂତ ହୋଇଥିଲା । ବଙ୍ଗୋପସାଗରରେ ୧୦ ବର୍ଷ ମଧ୍ୟରେ ୨ ଥର ଭୂକମ୍ପ ଅନୁଭୂତ ହୋଇଥିବାରୁ ଏହାକୁ ବିଶେଷଜ୍ଞମାନେ ସମାନ୍ୟ ବୋଲି ଗ୍ରହଣ କରୁ ନାହାନ୍ତି ।

୨୦୧୪ ଭୂକମ୍ପ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ-କୋଣାର୍କ ପାଇଁ ଭୂତତ୍ତ୍ୱଭିତ୍ତିକ ମାଇକ୍ରୋ ଜୋନ୍ ସର୍ଭେ କରିବାକୁ ନିଷ୍ପତ୍ତି ନେଇଥିଲେ । ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାମ କେତେବାଟ ଆଗେଇଛି, ସେନେଇ କୌଣସି ସୂଚନା ନାହିଁ । ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ହେବାକୁ ଥିବା ଏହି ମାଇକ୍ରୋଜୋନ୍ ସର୍ଭେ ପାଇଁ ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ (ଜିଏସଆଇ) ପକ୍ଷରୁ ସହଯୋଗ କରାଯିବାର ଥିଲା । ଏଥିରେ ପୁରୀ-କୋଣାର୍କରେ ମାଟି ତଳେ କେଉଁ ସ୍ଥାନରେ କେଉଁ ସ୍ଥିତି ଅଛି, କେଉଁଠାରେ ମାଟିତଳ ଦୁର୍ବଳ ଅବସ୍ଥାରେ ରହିଛି, ଫାଟ ରହିଛି ତାହା ଚିହ୍ନଟ ହୋଇଥାନ୍ତା । ମାତ୍ର ଏ ସବୁ କାଗଜ କଲମରେ ସୀମିତ ରହି ଯାଇଛି ।

ଅନ୍ୟପଟେ ପୁରୀ ନିକଟବର୍ତ୍ତୀ ବଙ୍ଗୋପସାଗରରେ ବହୁ ପ୍ରାଚୀନ ଦୁଇଟି ଫାଟ ରହିଛି । ବାରମ୍ବାର ଏଠାରେ ଭୂକମ୍ପ ସୃଷ୍ଟି ହେବା ଓ ଏହାର ତୀବ୍ରତା ବୃଦ୍ଧି ପାଉଥିବାରୁ ତୁରନ୍ତ ଏହା ଉପରେ ଗବେଷଣାର ଆବଶ୍ୟକତା ରହିଥିବା ନେଇ ଭୂତତ୍ତ୍ୱବିତ୍‌ମାନେ ଦାବି କରିଛନ୍ତି । ଭୂତତ୍ତ୍ୱବିତ ତଥା ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ, ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ନୁହେଁ; ଉପକୂଳ ଅଞ୍ଚଳ ଗୁଡ଼ିକ ଅନ୍ୟ ଅଞ୍ଚଳ ଚାପ ଓ ପ୍ଲେଟ୍ ଗତି ଦ୍ୱାରା ପ୍ରଭାବିତ ହୋଇପାରେ । ସେଥିପାଇଁ ଅଗ୍ରୀମ ପ୍ରସ୍ତୁତି, ନୀତିଗତ ଉପାୟ, ଓ ସାଧାରଣ ଲୋକଙ୍କ ସଚେତନତା ଅତ୍ୟାବଶ୍ୟକତା ବଢ଼ିଯାଇଛି । ଏହାକୁ ଗୁରୁତର ସହ ନେବା ଉଚିତ ବୋଲି ପ୍ରଫେସର ମିଶ୍ର କହିଛନ୍ତି ।



# ଭୂତ ପାଇଁ ଗୀତ

ଫିଲ୍ମ 'ରକ୍ତ ଗୋଲାପ' ହେଉ କି 'ରଜନୀଗନ୍ଧା' ଏଥିରେ ସ୍ଥାନିତ ହୋଇଥିବା ଭୂତ ଗୀତ ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଥିଲା। ଦୀର୍ଘ ଦିନ ପରେ ପୁଣି ସେମିତି ଏକ ଗୀତ ଦେଖିବାକୁ ମିଳିବ 'ମିଡ୍ ନାଇଟ୍' ଚଳଚ୍ଚିତ୍ରରେ। ୩.୫ ମିନିଟ୍ ଅବଧି ବିଶିଷ୍ଟ ଏହି ଗୀତଟି ଅଭିନେତା ମନୁ ଦ୍ୱିବେଦୀ, ଅଭିନେତ୍ରୀ ପ୍ରିୟଙ୍କା ପାଣିଗ୍ରାହୀ, ଡାଏନା, ପ୍ରିୟା ଓ ଆଲିୟାଙ୍କ ଉପରେ ଦୃଶ୍ୟାୟିତ ହୋଇଛି। 'ମାୟାବିନୀ ଏ ଅନ୍ଧାର ରାତି...' ଶୀର୍ଷକ ଏହି ଗୀତଟିକୁ ରଚନା କରିଛନ୍ତି ଡ. ନିର୍ମଳ ନାୟକ। ଏଥିରେ କଣ୍ଠଦାନ କରିଛନ୍ତି ଲୋକପ୍ରିୟ ଗାୟିକା ଅସୀମା ପଣ୍ଡା। ଗୀତର ପୃଷ୍ଠଭୂମି ଯେପରି ଭୟାନକ, ସ୍ୱର ସଂଯୋଜନା ବି ସେପରି ଲୋମହର୍ଷଣକାରୀ। ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ ଏଥିରେ ଏପରି ଏକ ସିଗ୍‌ନେଚର୍ ଗୀଟାର ପିସ୍ ବ୍ୟବହାର କରିଛନ୍ତି, ଯାହା ଦର୍ଶକଙ୍କ ମନକୁ ବାରମ୍ବାର ଆନ୍ଦୋଳିତ କରିବ। ରୋଚକ କଥାଟି ହେଉଛି, ଗୋଟିଏ ଅଶରୀରୀ ଆତ୍ମା ଏହି ଗୀତ ଜରିଆରେ ନିଜର ହତ୍ୟା ସମ୍ପର୍କରେ ସୂଚନା ଦେବାକୁ ଚାହୁଁଛି। 'ମନୁ ଦ୍ୱିବେଦୀ ଫିଲ୍ମସ୍' ନିବେଦିତ ହରର ସିନେମା 'ମିଡ୍ ନାଇଟ୍'ର ନିର୍ଦ୍ଦେଶନାରେ ଅଛନ୍ତି ନିଜେ ମନୁ ଦ୍ୱିବେଦୀ। କେବଳ ସେତିକି ନୁହେଁ, ସେ ଏଥିରେ ନାୟକ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହୋଇଛନ୍ତି। ଅନୁପ ଦ୍ୱିବେଦୀ କାହାଣୀ ରଚନା କରିଥିବା ବେଳେ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ଡ.ରଜନୀ ରଞ୍ଜନ। ସହକାରୀ ନିର୍ଦ୍ଦେଶନାରେ ଅଛନ୍ତି ସୁରେଶ ଦାଶ। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ବବି ଇସଲାମ। ମନୁଙ୍କ ବ୍ୟତୀତ ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଅକ୍ଷୟ ବସ୍ତିଆ, ବିରେନ ମିଶ୍ର, ଡାଏନା, ଆଲିଆ, ପ୍ରିୟା, ସସ୍ମିତା ଓ ସୁଧାଂଶୁବାଳା ଅନ୍ୟାନ୍ୟ ଭୂମିକାରେ ଅଭିନୟ କରିଛନ୍ତି। 'ମିଡ୍ ନାଇଟ୍' ଶୀଘ୍ର ପ୍ରେକ୍ଷାଳୟକୁ ଆସିବ। ■



# ଦଶହରାରେ 'ଚ୍ୟାଲେଞ୍ଜ'

ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ଚର୍ଚ୍ଚିତ ନାଁ ଅଭିନେତା ଅର୍ଦ୍ଧେନ୍ଦୁ ସାହୁ। ଅଭିନୟ ସହିତ ପ୍ରଯୋଜନା କ୍ଷେତ୍ରରେ ପାଦ ରଖି ଓଡ଼ିଆ ଚଳଚ୍ଚିତ୍ର ଜଗତର ଗରିମାକୁ ସେ ବଢ଼େଇବାରେ ସହାୟକ ହୋଇଛନ୍ତି। ପୂର୍ବରୁ 'ବ୍ଲାକମେଲ୍',' ଅ ଆ ହର୍ଷଇ' ସହିତ 'ଭିଲେନ୍' ଭଳି ଆକ୍ସନ୍ ଚଳଚ୍ଚିତ୍ର ନିର୍ମାଣ କରି ଦର୍ଶକଙ୍କ ଖୁବ୍ ମନୋରଞ୍ଜନ କରିଛନ୍ତି। ଇତିମଧ୍ୟରେ ଅର୍ଦ୍ଧେନ୍ଦୁଙ୍କର ଆଗାମୀ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ର ଫାଷ୍ଟ ଲୁକ୍ ମୁକ୍ତିଲାଭ କରିଛି। ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ମଧ୍ୟ ଭରି ରହିଛି। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍‌ରେ ଏହା ହେଉଛି ଷଷ୍ଠ ଅବଦାନ। ସବୁବେଳେ କିଛି ନୂଆ କରିବା ପାଇଁ ଚେଷ୍ଟା କରଥାନ୍ତି ଅର୍ଦ୍ଧେନ୍ଦୁ। ଏଥିରେ ପୁନିତ ଇସାର ଓରଫ୍ ଦୁର୍ଯ୍ୟୋଧନଙ୍କୁ ଏକ ବଳିଷ୍ଠ ଚରିତ୍ରରେ ଦେଖିବାକୁ ମିଳିବ। ଚୁଲବୁଲି ନାୟିକା ଏଲିନା ସାମନ୍ତରାୟଙ୍କୁ ଦର୍ଶକେ ଚ୍ୟାଲଞ୍ଜରେ ଦେଖିବାକୁ ପାଇବେ। ନୂଆ କଥା ମ୍ୟୁଜିକ୍ ଭିଡିଓ ଜାଇଫୁଲର ସଫଳ ଯୋଡ଼ି ଲିପି ଓ ପୁପିନ୍ଦର ସିଂହଙ୍କୁ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ। ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ନେଇଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ୍ ନାୟକ। ଏହି ଚଳଚ୍ଚିତ୍ରଟି ଆସନ୍ତା ଦଶହରାରେ ସାରା ଓଡ଼ିଶାରେ ପ୍ରକାଶ ଫିଲ୍ମସ ଡିଷ୍ଟ୍ରିବ୍ୟୁସନ୍ ବ୍ୟାନରରେ ମୁକ୍ତିଲାଭ କରିବ। ■



## ଅପରାଧ ଓ ରହସ୍ୟଭରା କାହାଣୀ

# 'ଡେଲିଭରି ବୟ-୨'

ଓଡ଼ିଆ ଫିଲ୍ମ ଜଗତରେ 'ଡେଲିଭରି ବୟ'ର ସଫଳତା ପରେ ଆଉ ଏକ ଅନନ୍ୟ ରୋମାଞ୍ଚକ କାହାଣୀ ନେଇ ଆସୁଛି 'ଡେଲିଭରି ବୟ ୨'। ଏହା ହେଉଛି ଏକ ଥ୍ରିଲର ଫିଲ୍ମ, ଯାହା ଅନ୍ୟାୟ, ମିଡିଆ ହେରଫେର୍ ଓ ଗଭୀର ରହସ୍ୟ ସହ ଦର୍ଶକଙ୍କ ମନ ଜିତିବା ଆଶା କରାଯାଉଛି। ପାର୍ଥ ଜଣେ ଡେଲିଭରି ବୟ, ଯିଏ ନିଜର ଜୀବିକା ପାଇଁ କାମ କରନ୍ତି। ତାଙ୍କ ବାପା ଜଣେ ପୋଲିସ କନଷ୍ଟେବଳ। ପାର୍ଥଙ୍କ ପ୍ରେମିକା ଏକ ନ୍ୟୁଜ୍ ଚ୍ୟାନେଲରେ ରିପୋର୍ଟର ଭାବେ ଯୋଗ ଦେଇଛନ୍ତି, କିନ୍ତୁ ତାଙ୍କ ଉପରେ ଭାଇରାଲ୍ ନ୍ୟୁଜ ଦେବା ପାଇଁ ଅଧିକାରୀଙ୍କ ଚାପ ଥାଏ। ଏକ ଦୁଷ୍ଟ ଓ ମୂର୍ଖ ରିପୋର୍ଟର ତାଙ୍କ ସହଯୋଗୀ ଭ୍ରମାତ୍ମକ ଖବର ଦେଇ ଲୋକପ୍ରିୟତା ହାସଲ କରେ। ଏପଟେ ପାର୍ଥଙ୍କ ଏକ ଡେଲିଭରି ସ୍ଥାନରେ ହତ୍ୟା ଘଟେ। ସମାନ ଦୁଇଟି ଅନ୍ୟ ହତ୍ୟା ପରେ ଏକ ସ୍ପେସିଆଲ୍ ଅଫିସର ଏହି ସିରିଏଲ୍ କିଲିଂର ତଦନ୍ତ ଆରମ୍ଭ କରନ୍ତି। ପାର୍ଥଙ୍କ ପରିବାର ଓ ଘଟଣାସ୍ଥଳ ସହିତ ତାଙ୍କ ସଂଯୋଗ ଦେଖି ସନ୍ଦେହ ଉଠେ। ପ୍ରକୃତ ହତ୍ୟାକାରୀ କି ଧରାପଡ଼ିବେ ତ ? ତେବେ କାହାଣୀର ଆରମ୍ଭ ହୁଏ ଏହିଠାରୁ। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜକ ଓ କାହାଣୀ ଲେଖିଛନ୍ତି ଜେଆରଏମ୍। ମୁଖ୍ୟ ଭୂମିକାରେ ଅଛନ୍ତି ଅର୍ଚ୍ଚିତା, ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, ପ୍ରିୟମ୍ବଦା, ଶ୍ରୀତମ ଦାସ, ଭୂପିନ୍ଦର। ବିଶେଷ ଭୂମିକାରେ ରହିଛନ୍ତି ଭୂମିକା ଓ ସନ୍ତୁ। ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ। ଡ. ନିର୍ମଳ ନାୟକ ଓ ଅରୁଣ ମନ୍ତ୍ରୀଙ୍କ ଗୀତଗୁଡ଼ିକକୁ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ଓ କଣ୍ଠ ଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅନନ୍ୟା ଶ୍ରୀତମ ନନ୍ଦ, ଅନ୍ତରା ଓ ମଣ୍ଟୁ ଛୁରିଆ। ନୂଆ ଓ ଭିନ୍ନ କାହାଣୀ ସହିତ ଦର୍ଶକଙ୍କୁ ବାନ୍ଧି ରଖିବାରେ ଏହା ସଫଳ ହେବ। ■



ଆଶା ଓ ରାଜ

# "ମଞ୍ଚ ହେଉ କି ଧାରାବାହିକ, ଅଭିନୟ ଜୀବନ୍ତ ହେବା ଦରକାର"

## ଅମ୍ମୁ, ଅଭିନେତା

**ଗାଁ'ର ଯାତ୍ରାରେ ସେ ଶିଶୁ କଳାକାର ଭାବେ ଅଭିନୟ କରୁଥିଲେ। ଅଭିନେତା ହେବା ସ୍ୱପ୍ନ ପୂରା କରିବାକୁ ସେ ସଙ୍ଗୀତ ମହାବିଦ୍ୟାଳୟରେ ନାଟକରେ ସ୍ନାତକ ପଢ଼ିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ସେ ବିଭିନ୍ନ ନାଟକରେ ଅଭିନୟ କରିଛନ୍ତି। ୨୦୨୩ ମସିହାରେ ଅଧ୍ୟୟନ ଶେଷ କରିବା ପରେ ଧାରାବାହିକରେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କଲେ। ଅବଶ୍ୟ ଏଥିପାଇଁ ତାଙ୍କୁ ଅନେକ ସଂଘର୍ଷର ସାମ୍ନା କରିବାକୁ ପଡ଼ିଛି। ସଂଘର୍ଷକୁ ସଫଳତାରେ ପରିଣତ କରିଥିବା ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି, ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜଳେଶ୍ୱରର ରବୀନ୍ଦ୍ର ସାହୁ। ତେବେ 'ଅମ୍ମୁ' ଭାବେ ଜଣାଶୁଣା। 'ସୁନୟନା' ତାଙ୍କର ପ୍ରଥମ ଧାରାବାହିକ। ସେ ଏବେ 'ସାଥି ସାତ ଜନ୍ମ'ରେ 'ବିକି' ଚରିତ୍ରରେ ଅଭିନୟ କରୁଛନ୍ତି। ସେ ଓଡ଼ିଆ ସିନେମାରେ ଭଏସ୍ ଡବିଂ ମଧ୍ୟ କରନ୍ତି। ତେବେ ନିଜର ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ରବୀନ୍ଦ୍ରଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।**

**ଅଭିନେତା ହେବାକୁ କାହିଁକି ମନ ବଳାଇଲେ?**

● ପିଲାଦିନୁ ଅଭିନୟ ପ୍ରତି ଦୁର୍ବଳତା ରହିଥିଲା। ଗାଁ'ର ଯାତ୍ରାରେ ଶିଶୁ କଳାକାର ଭାବେ ଅଭିନୟ କରୁଥିଲି। ଇଚ୍ଛା ଥିଲା ବଡ଼ ହେଲେ ଜଣେ ଅଭିନେତା ହେବି। ମୋ ମା' ମଧ୍ୟ ଅଭିନେତା ହେବାକୁ ସାହସ ଓ ପ୍ରେରଣା ଦେଇଥିଲେ। ହେଲେ ବାପା ପ୍ରଥମେ ପ୍ରଥମେ ଏଥିରେ ଖୁସି ନ ଥିଲେ। ତେବେ ପରବର୍ତ୍ତୀ ସମୟରେ ସେ ମୋ' କାମକୁ ସ୍ୱୀକୃତି ଦେଇଥିଲେ। ସ୍ୱର୍ଗତ ଅଜିତ ସାର୍‌ଙ୍କ 'ଅଜିତ୍ ନାଟ୍ୟ ସଂସ୍ଥା'ରୁ ମୁଁ ତାଲିମ ନେଇଛି। ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ବିଭାଗରେ ସ୍ନାତକ ପଢ଼ା ସହିତ ଏକାଧିକ ନାଟକ କରିବାକୁ ସୁଯୋଗ ମିଳିଛି। ତନ୍ମଧ୍ୟରୁ 'ଏନ୍‌ଏଚ୍-୩୧୬', 'ନିଧି ବାବୁ ଘରେ ଅଛ'କୁ ଦର୍ଶକ ଅଧିକ ଭଲପାଇବା ଦେଇଥିଲେ। ତେବେ ଧାରାବାହିକରେ କାମ କରିବାକୁ ମୁଁ ଅନେକ ଲୋକଙ୍କୁ ଭେଟିଛି। 'ସୁନୟନା' ମୋର ପ୍ରଥମ ଧାରାବାହିକ। ପରେ 'ତୁ ଖରା ମୁଁ ଛାଇ' ଧାରାବାହିକରେ ସ୍ୱଳ୍ପ ସମୟ ପାଇଁ ଅଭିନୟ କରିଛି। ହେଲେ 'ସାଥି ସାତ ଜନ୍ମ'ରେ ମିଳିଥିବା ଚରିତ୍ରଟି ମୋତେ ଅଧିକ ଖୁସି ଦେଇପାରିଛି।

**କ୍ୟାମେରା ସାମ୍ନାରେ ପ୍ରଥମେ ଭୟ କରିଥିଲେ?**

● ପ୍ରଥମତଃ ମଞ୍ଚ ନାଟକରେ ସାମ୍ନାରେ ଶହ ଶହ ଦର୍ଶକ ଥାଆନ୍ତି। ଭୁଲ୍ କହିଲେ ବି ଠିକ୍ କରି ନେବାକୁ ହୁଏ। ଗୋଟିଏ ଥରରେ ଅଭିନୟ ସାରିବାକୁ ହୋଇଥାଏ। ହେଲେ ଧାରାବାହିକ ଏମିତି ଏକ ପ୍ଲାଟଫର୍ମ ଯେଉଁଠି ପ୍ରଥମେ ସଂଳାପର ସାରମର୍ମକୁ ବୁଝିବାକୁ ହୁଏ। ଗୋଟିଏ ସଂଳାପକୁ ଏକାଧିକ ଥର ଅଭ୍ୟାସ କରିବାକୁ ହୁଏ। କେମିତି ସଂଳାପ ଉଚ୍ଚାରଣ କରିବେ, କେମିତି ଅଭିନୟ କରିବେ ତାହା ନିର୍ଦ୍ଦେଶକ ବୁଝାଇ ଦିଅନ୍ତି। ଏହା ପରେ ଫାଇନାଲ ଅଭିନୟ କରାଯାଏ। ତେଣୁ କ୍ୟାମେରା ସାମ୍ନାରେ ଭୟ କରି ନ ଥିଲି। ତେବେ ମଞ୍ଚ ହେଉ କି ଧାରାବାହିକ ଅଭିନୟ ସର୍ବଦା ଜୀବନ୍ତ ହେବା ଦରକାର।

**'ସାଥି ସାତ ଜନ୍ମର' ବିକି ଚରିତ୍ର ସଂପର୍କରେ କିଛି କୁହନ୍ତୁ?**

● ବିକି ହେଉଛି ନାୟକର ସାନ ଭାଇ। ସେ ବହୁତ ବଦମାସ୍, ବାଲୁଙ୍ଗାମୀ କରେ। ଝିଅମାନଙ୍କୁ ବହୁତ ହଇରାଣ କରେ। ଏସବୁ ବିକିର ନିତିଦିନିଆ କାମ। ତେବେ ଏହି ଚରିତ୍ରଟିକୁ ବେଶ୍ ଭଲ ଭାବେ କରିବାକୁ ଆପ୍ରାଣ ଚେଷ୍ଟା କରୁଛି। ଦର୍ଶକ ଖୁବ୍ କମ୍ ସମୟରେ ବହୁତ ଭଲପାଇବା ଦେଇଛନ୍ତି।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ମୋ ମା'ଙ୍କୁ ସବୁ ଦେଇଥିଲି।

**ସଂଘର୍ଷରେ କେବେ ଥକି ପଡ଼ିଛନ୍ତି କି?**

● ଜଣେ ଅଭିନେତାଟିଏ ହେବା ପାଇଁ ଅନେକ ସଂଘର୍ଷ କରିଛି। ଏବେ ବି ସଂଘର୍ଷ ଜାରି ରହିଛି। ଗୋଟିଏ କଥା କହିବି ସଂଘର୍ଷ ହିଁ ମଜାଦିଏ। ସଂଘର୍ଷରେ ହାର ମାନିଲେ ଅଭିନେତା ହେବା ଇଚ୍ଛା ଆଉ ଆସକ୍ତି ମରିଯାଏ। କାମ ପାଇବା ପାଇଁ ସଂଘର୍ଷ କରୁଛି, ସଂଘର୍ଷ ସବୁବେଳେ ଜାରି ରହିବ।

**ଧାରାବାହିକ ସହିତ ନାଟକରେ ଅଭିନୟ କରିବାରେ କେମିତି ସମନ୍ୱୟ ରଖନ୍ତି?**

● ନାଟକରୁ ମୋର ଅଭିନୟ କ୍ୟାରିଅର୍ ଆରମ୍ଭ କରିଛି। ତେଣୁ ଯେଉଁଥିରୁ ମୁଁ ତିଆରି ହୋଇଛି ତାକୁ କେବେ ଛାଡ଼ି ପାରିବିନି। ତେଣୁ ଏବେ ଧାରାବାହିକ ସହିତ ନାଟକ କରୁଛି। ଜୀବନ ଥିବା ଯାଏଁ ଦୁଇଟିକୁ ନେଇ ଆଗକୁ ଚାଲିବି। ଅନେକ ଫିଲ୍ମ ପାଇଁ ଭଏସ୍ ଦେଉଥିଲି।

**କଳାକାରଟିଏ ହେବାକୁ କ'ଣ ଦରକାର ?**

● ପ୍ରଥମେ ସୁସ୍ଥ ମନ ଓ ସୁସ୍ଥ ଶରୀର ଆବଶ୍ୟକ। ତେଣୁ ସୁସ୍ଥ ରହିବା ସହିତ ଅଭିନୟ କରିବାକୁ ଆସୁଥିବା ପିଲା ଦୈନିକ ସଂଳାପ କହିବା ଅଭ୍ୟାସ କରିପାରିବେ। ରସ ମାଧ୍ୟମରେ ଗୋଟିଏ ସଂଳାପକୁ ୮ରୁ ୯ ଥର କହିବା ଦ୍ୱାରା ଅଭିନୟ ଭଲ ହୋଇଥାଏ। ତେଣୁ ସବୁରି ଊର୍ଦ୍ଧ୍ୱରେ ଧୈର୍ଯ୍ୟ ରଖିବା ନିହାତି ଆବଶ୍ୟକ।

**ଦର୍ଶକଙ୍କୁ କ'ଣ କହିବେ?**

● ଦର୍ଶକ ହେଉଛନ୍ତି ଭଗବାନ। ସେମାନେ ଖୁସିରେ ରହିଲେ ଆମକୁ ଖୁସି ଦେବେ। ଦର୍ଶକଙ୍କୁ କେବଳ ଏତିକି କହିବି ସେମାନଙ୍କର ଭଲପାଇବା ଏମିତି ଦେଉଥାନ୍ତୁ, ମୁଁ ଆଗକୁ ଆଗକୁ ବଢ଼ୁଥାଏ। ■

## ପରଦା ପଛର କାହାଣୀ

# ଗୋଟିଏ ଟେକ୍‌ରେ ସୁପରହିଟ୍ ଗୀତ ସୁଟିଂ

ଚଳଚ୍ଚିତ୍ରର ଗୋଟିଏ ଗୀତକୁ ସୁଟିଂ କରିବା ପାଇଁ ଦୀର୍ଘ ସମୟ ଲାଗିଥାଏ। ବାରମ୍ବାର ଟେକ୍ ନେବାକୁ ପଡ଼ିଥାଏ। ତେବେ ଏଭଳି ଏକ ସୁପରହିଟ୍ ଗୀତ ରହିଛି, ଯାହା ମାତ୍ର ଗୋଟିଏ ଟେକ୍‌ରେ ସୁଟିଂ କରାଯାଇଥିଲା। ୧୯୬୯ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ଆରଧନା'। ଶର୍ମିଳା ଟାଗୋର ଏବଂ ରାଜେଶ ଖାନ୍ନା ଅଭିନୀତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ରେକର୍ଡ କରିଥିଲା। ଫିଲ୍ମରେ ଉଭୟଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଫିଲ୍ମରେ ମୋଟ ସାତୋଟି ଗୀତ ରହିଛି। ତେବେ ରୋମାଣ୍ଟିକ୍ ଗୀତ 'ରୂପ୍ ତେରା ମସ୍ତାନା, ପ୍ୟାର୍ ମେରା ଦିୱାନା...' ଗୀତ ମାତ୍ର ଗୋଟିଏ ଟେକ୍‌ରେ ସୁଟିଂ କରାଯାଇଥିଲା। ଏହି ଗୀତରେ କିଶୋର କୁମାର କଣ୍ଠଦାନ କରିଥିଲେ। ଶକ୍ତି ସାମନ୍ତଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସିନେମା ହଲ୍‌ରେ ୧୦୦ ଦିନ ପର୍ଯ୍ୟନ୍ତ ଚାଲିଥିବା ପ୍ରଥମ ହିନ୍ଦୀ ଫିଲ୍ମ। ଏହାର ବଜେଟ୍ ୮୦ ଲକ୍ଷ ଟଙ୍କା ଥିଲା, ତେବେ ଏହା ବକ୍ସ ଅଫିସ୍‌ରେ ୧୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିଥିଲା। ବର୍ତ୍ତମାନ ସମୟରେ ଏହାର ମୂଲ୍ୟ ୯୦୦ କୋଟି। ହିନ୍ଦୀରେ ନିର୍ମିତ ଏହି ଫିଲ୍ମକୁ ପରବର୍ତ୍ତୀ ସମୟରେ ବଙ୍ଗଳାରେ ମଧ୍ୟ ଡବିଂ କରାଯାଇଥିଲା। ଏହାର ସଫଳତାକୁ ଦେଖି ପରେ ତାମିଲରେ 'ଶିବଗାମିନ୍ ସେଲବାନ' ଓ ତେଲୁଗୁରେ 'କନବାରୀ କଲାଲୁ' ନାମରେ ରିମେକ୍ କରାଯାଇଛି। ସେହିପରି ଏହି ଫିଲ୍ମ ଆଇଏମ୍‌ଡିବିରେ ୧୦ ରୁ ୭.୬ ରେଟିଂ ପାଇଥିଲା। 'ଆରଧନା'କୁ ୧୭ତମ ଫିଲ୍ମ ଫେୟାର୍ ଆୱାର୍ଡରେ 'ବେଷ୍ଟ ଫିଲ୍ମ ଆୱାର୍ଡ' ମିଳିଥିଲା। ସେହିପରି ଶର୍ମିଳାଙ୍କୁ 'ଶ୍ରେଷ୍ଠ ଅଭିନେତ୍ରୀ' ଭାବେ ପୁରସ୍କାର ମିଳିଥିଲା। ଫିଲ୍ମର କାହାଣୀ ବନ୍ଦନା ତ୍ରିପାଠୀଙ୍କ (ଶର୍ମିଳା ଟାଗୋର) ଉପରେ ଆଧାରିତ। ସେ ଜଣେ ଏୟାରଫୋର୍ସ ପାଇଲଟ୍ ଅରୁଣ ବର୍ମା (ରାଜେଶ ଖାନ୍ନା)ଙ୍କୁ ଭଲ ପାଉଥିଲେ। ତେବେ ଏକ ଦୁର୍ଘଟଣାରେ ଅରୁଣଙ୍କ ମୃତ୍ୟୁ ହୋଇଯାଏ। ତେଣୁ ସମାଜ ଭୟରେ ବନ୍ଦନା ନିଜ ଛୁଆକୁ ଅନାଥ ଆଶ୍ରମରେ ଛାଡ଼ି ଦିଅନ୍ତି। ଫିଲ୍ମରେ ବହୁ ଉତ୍ଥାନ ପତନ ଦେଖିବାକୁ ମିଳିଛି। ତେବେ ଏହାର ସୁପରହିଟ୍ ଗୀତ ଗୋଟିଏ ଟେକ୍‌ରେ ସୁଟିଂ ହେବାକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ■



# ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଗିଲ୍

ଲଣ୍ଡନ, ୩୦।୭ (ଏଜେନ୍ସି): କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବା ଭାରତୀୟ ଦଳର ଅଧିନାୟକ ଗିଲ୍ ଏହି ମ୍ୟାଚରେ ଆଉ ଏକ କୀର୍ତ୍ତିମାନ କରିବା ଲକ୍ଷ୍ୟରେ ରହିଛନ୍ତି। ନେତୃତ୍ୱ ପଦାର୍ପଣର ପ୍ରଥମ ଟେଷ୍ଟ ସିରିଜରେ ଗିଲ୍ ବର୍ତ୍ତମାନ ସୁଦ୍ଧା ୪ଟି ମ୍ୟାଚରେ



୭୨୨ ରନ କରିସାରିଛନ୍ତି। ଏହି ପାଳିରେ ସେ ୩ଟି ଶତକ ଓ ଗୋଟିଏ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ଗିଲ୍ ଆଉ ୧୧ ରନ କଲେ ଭାରତୀୟ ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହକାରୀ ଖେଳାଳି ହେବେ। ୪୬ ବର୍ଷ ତଳେ ସୁନିଲ ଗାଭାସ୍କର ଅଧିନାୟକ ଭାବେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ୭୩୨ ରନ କରିଥିଲେ। ସେହିଭଳି ଗିଲ୍ ଆଉ ୩୧ ରନ କଲେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହେବେ। ଗ୍ରାହମ ଗୁଚ୍ ୧୯୯୦ରେ ଭାରତ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୭୫୨ ରନ କରିଥିଲେ। ସେହିଭଳି ଗିଲ୍ ଯଦି ଆଉ ୫୩ ରନ କରିବେ ତେବେ କୌଣସି ଦେଶ ବିପକ୍ଷରେ ଟେଷ୍ଟ ସିରିଜରେ ଭାରତୀୟ ଭାବେ ସର୍ବାଧିକ ରନ ସଂଗ୍ରହକାରୀ ଖେଳାଳି ହେବେ। ଗାଭାସ୍କାର ୧୯୭୧ରେ ୱେଷ୍ଟଇଣ୍ଡିଜ ବିପକ୍ଷ ୪ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୭୭୪ ରନ କରିଥିଲେ।

# ଭରତ ଅରୁଣ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସର ବୋଲିଂ ପ୍ରଶିକ୍ଷକ

ଲକ୍ଷ୍ନୌ , ୩୦।୭ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ସିଜନ ଲାଗି ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଭରତ ଅରୁଣଙ୍କୁ ବୋଲିଂ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ଭରତ ୨ ବର୍ଷ ପାଇଁ



ଲକ୍ଷ୍ନୌ ଦଳ ସହ କାର୍ଯ୍ୟ କରିବାକୁ ଚୁକ୍ତି କରିଥିବା ଜଣାପଡ଼ିଛି। ଫଳରେ ପୂର୍ବତନ ଭାରତୀୟ ବୋଲର ଜାହିର ଖାନଙ୍କ ସହ ମିଶି ଏବେ ଏକାଠି କାମ କରିବେ। ଜାହିର ପୂର୍ବରୁ ଲକ୍ଷ୍ନୌର ବୋଲିଂ ପରାମର୍ଶଦାତା ରହିଛନ୍ତି। ୬୨ ବର୍ଷୀୟ ଭରତ ପୂର୍ବରୁ ଭାରତୀୟ ସିନିଅର ଦଳର ବୋଲିଂ ପ୍ରଶିକ୍ଷକ ଭାବେ ବେଶ୍ ସଫଳତା ପାଇଥିଲେ। ତାଙ୍କ ସମୟରେ ଭାରତୀୟ ଦଳର ବୋଲିଂ ବେଶ୍ ଶୃଙ୍ଖଳିତ ହୋଇପାରିଥିଲା। ଏହାପରେ ସେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)ର ବୋଲିଂ ପ୍ରଶିକ୍ଷକ ଭାବେ ୨୦୨୨ରେ ଯୋଗଦେଇଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ କୋଲକାତା ୨୦୨୪ରେ ଆଇପିଏଲ୍ ଚାମ୍ପିଅନ ହୋଇପାରିଥିଲା। ସେ କୋଲକାତା ସହ ୪ ବର୍ଷ ଲାଗି ଚୁକ୍ତି କରିଥିଲେ ମଧ୍ୟ ଗୋଟିଏ ବର୍ଷ ପୂର୍ବରୁ ଲକ୍ଷ୍ନୌ ଫ୍ରାଞ୍ଚାଇଜରେ ଯୋଗଦେଇଛନ୍ତି। କିନ୍ତୁ ଗୋଟିଏ ବର୍ଷ ଆଗରୁ କୋଲକାତା ଛାଡ଼ିବା ନେଇ କେକେଆର୍, ଲକ୍ଷ୍ନୌ ଫ୍ରାଞ୍ଚାଇଜ କିମ୍ବା ଅରୁଣଙ୍କ ପକ୍ଷରୁ କୌଣସି ବିବୃତି ରଖାଯାଇନାହିଁ।

## ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି: ଆଜିଠୁ ନିର୍ଣ୍ଣାୟକ ୫ମ ଟେଷ୍ଟ

# ସିରିଜ୍ ବଞ୍ଚାଇବା ଲକ୍ଷ୍ୟରେ ଗିଲ୍ ବାହିନୀ



ଲଣ୍ଡନ, ୩୦।୭ (ଏଜେନ୍ସି)

ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଅନ୍ତିମ ତଥା ୫ମ ଟେଷ୍ଟ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହେବ। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଏହି ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ। ୨-୧ରେ ପଛୁଆ ରହିଥିବା ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ ଡ୍ର' ରଖି ସମ୍ମାନର ସହ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷରେ ଘରୋଇ ଇଂଲଣ୍ଡ ଦଳ ଅତିକମ୍‌ରେ ଏହି ମ୍ୟାଚ୍‌କୁ ଡ୍ର ରଖି ସିରିଜ ଜିତିବା ଲକ୍ଷ୍ୟରେ ରହିଛି। ତେଣୁ ଏହି ସିରିଜର ନିର୍ଣ୍ଣାୟକ ୫ମ ମୁକାବିଲା ବେଶ୍ ରୋମାଞ୍ଚକ ହେବାକୁ ଯାଉଛି। ପୂର୍ବରୁ ହେଡିଂଲୀରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍ସରେ ଖେଳାଯାଇଥିବା ୩ୟ ଟେଷ୍ଟକୁ ଇଂଲଣ୍ଡ ଯଥାକ୍ରମେ ୫ ୱିକେଟ୍ ଓ ୨୨ ରନରେ ବିଜୟୀ ହୋଇଥିଲା। ଅପରପକ୍ଷରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ଏଜ୍‌ବାଷ୍ଟନରେ ଅନୁଷ୍ଠିତ ୨ୟ ଟେଷ୍ଟରେ ୩୩୬ ରନର ବୃହତ୍ ବ୍ୟବଧାନରେ ଇଂଲଣ୍ଡକୁ ମାତ୍ ଦେଇ ସ୍ମରଣୀୟ ବିଜୟ ଲାଭ କରିଥିଲା। ଓଲ୍ଡ ଟ୍ରାଫର୍ଡରେ ଖେଳାଯାଇଥିବା ୪ର୍ଥ ଟେଷ୍ଟ ଅମୀମାଂସିତ ରହିଥିଲା। ତେଣୁ ଏବେ ସମସ୍ତଙ୍କ ନଜର ୫ମ ଟେଷ୍ଟ ଉପରେ ରହିଛି।

ଲଣ୍ଡନରେ ଅବସ୍ଥିତ କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡ ସାଧାରଣତଃ ଦ୍ରୁତ ବୋଲରଙ୍କୁ ସୁହାଇଥାଏ। ଏହାକୁ ନଜରରେ ରଖି ଘରୋଇ ଇଂଲଣ୍ଡ ଦଳ ଏହାର ଚୂଡ଼ାନ୍ତ ଏକାଦଶରେ ୪ଜଣ ସ୍ପେଶାଲିଷ୍ଟ ଦ୍ରୁତ ବୋଲରଙ୍କୁ ନେଇଛି। ସେହିଭଳି ୪ର୍ଥ ଟେଷ୍ଟ ଖେଳିଥିବା ଏକମାତ୍ର ସ୍ପିନର ଲିଆମ ଡସନଙ୍କୁ ଏହି ଟେଷ୍ଟରୁ ବାଦ୍ ଦିଆଯାଇଛି। ଇଂଲଣ୍ଡ ଦଳର ଏହି ରଣନୀତିରୁ ଏହା ସ୍ପଷ୍ଟ ଯେ ସିରିଜର ପ୍ରଥମ ୪ଟି ମ୍ୟାଚ୍ ଅପେକ୍ଷା ପିଚ୍ ଏଠାରେ ଦ୍ରୁତ ବୋଲିଂକୁ ସୁହାଇବ। ଚଳିତ ସିଜନରେ ଏଠାରେ ଖେଳାଯାଇଥିବା ୫ଟି କାଉଣ୍ଟି ମ୍ୟାଚରେ ପତନ ଘଟିଥିବା ୧୫୦ ୱିକେଟ୍ ମଧ୍ୟରୁ ଦ୍ରୁତ ବୋଲର ୧୩୧ଟି ହାତେଇଥିଲେ। ତେଣୁ କେନିଙ୍ଗଟନ ଓଭାଲ ପିଚ୍ ଦ୍ରୁତ ବୋଲରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି କହିଲେ ଏହା ଅତ୍ୟୁକ୍ତି ହେବ ନାହିଁ।

### ବୁମ୍‌ରାଙ୍କୁ ବିଶ୍ରାମ !

ଭାରତ ପାଇଁ ଏହି ମ୍ୟାଚ୍ କର ବା ମର ସ୍ଥିତି ସୃଷ୍ଟି କରିଛି। ସିରିଜ ବଞ୍ଚାଇବାକୁ ହେଲେ ଗିଲ୍ ବାହିନୀକୁ ଏହି ମ୍ୟାଚ୍ ଜିତିବା ନିତ୍ୟାନ୍ତ ଜରୁରୀ ହୋଇପଡ଼ିଛି। ଭାରତ ଏଠାରେ ବିଜୟୀ ହେଲେ ସିରିଜ ୨-୨ରେ ଡ୍ର ରହିବ। ଯଦି ଡ୍ର ରୁହେ ତେବେ ଇଂଲଣ୍ଡ ୨-୧ରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ହାତେଇନେବ। ଏଭଳି ଏକ ଘଡ଼ସନ୍ଧି ମୁହୂର୍ତ୍ତରେ ଭାରତର ପ୍ରମୁଖ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ନେଇ ଦ୍ୱନ୍ଦ୍ୱ ପ୍ରକାଶ ପାଇଛି। ବୁମ୍‌ରା ଏହି ମ୍ୟାଚ୍ ଖେଳିବେ କି ନାହିଁ ତାହା ଟିମ୍ ମ୍ୟାନେଜମେଣ୍ଟ ଓ ଡାକ୍ତରଙ୍କ ଉପରେ ନିର୍ଭର କରେ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ବୁମ୍‌ରା ପ୍ରଥମ, ୩ୟ ଓ ୪ର୍ଥ ମ୍ୟାଚ୍ ଖେଳିଛନ୍ତି। ତେଣୁ ତାଙ୍କୁ ୫ମ ଟେଷ୍ଟରୁ ବିଶ୍ରାମ ଦିଆଯିବ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। ରିପୋର୍ଟ ମୁତାବକ, ବୁମ୍‌ରାଙ୍କ ପିଠି ଯନ୍ତ୍ରଣା ଓ ଦୀର୍ଘକାଳୀନ ସ୍ଥିତିକୁ ଧ୍ୟାନରେ ରଖି ଏହି ମ୍ୟାଚରେ ବୁମ୍‌ରାଙ୍କୁ ବିଶ୍ରାମ ଦେବାକୁ ବିସିସିଆଇ ମେଡିକାଲ ଟିମ୍ ପରାମର୍ଶ ଦେଇଛି। ଫଳରେ ଏହି ମ୍ୟାଚରେ ବୁମ୍‌ରାଙ୍କ ସ୍ଥାନରେ ଅର୍ଶଦୀପ୍ ସିଂହ, ଆକାଶଦୀପ୍ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ସେହିଭଳି ଆହତ ହୋଇ ବାଦ୍ ପଡ଼ିଥିବା ଋଷଭ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଏହି ମ୍ୟାଚ୍ ଖେଳିବା ନିଶ୍ଚିତ ହୋଇଛି।

**ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ**

ଜାକ୍ କ୍ରାଲୀ, ବେନ୍ ଡକେଟ୍, ଓଲି ପୋପ୍ (ଅଧିନାୟକ), ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ଜାକବ ବେଥେଲ, ଜେମି ସ୍ମିଥ (ୱିକେଟ୍‌କିପର), କ୍ରିସ୍ ୱକ୍ସ, ଗସ୍ ଆଟକିନସନ, ଜେମି ଓଭରଟନ ଓ ଜୋଶ୍ ଟଙ୍ଗ୍।

**ସମ୍ଭାବ୍ୟ ଭାରତୀୟ ଦଳ**

ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ (ୱିକେଟକିପର), ଶାର୍ଦ୍ଦୁଳ ଠାକୁର, ଆକାଶଦୀପ୍, ପ୍ରସିଦ୍ଧ କ୍ରିଷ୍ଣା/ଅର୍ଶଦୀପ୍ ସିଂହ, ମହମ୍ମଦ ସିରାଜ

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା ୩୦**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ**



### ଷ୍ଟୋକ୍ସ ବାଦ୍; ପୋପ୍‌ଙ୍କୁ ନେତୃତ୍ୱ

ଗୁରୁତ୍ୱପୂର୍ଣ୍ଣ ୫ମ ଟେଷ୍ଟ ପୂର୍ବରୁ ଇଂଲଣ୍ଡକୁ ଶକ୍ତ ଧକ୍କା ଲାଗିଛି। ଦଳର ଅଧିନାୟକ ତଥା ଶ୍ରେଷ୍ଠ ଫର୍ମ ଦେଇ ଗତି କରୁଥିବା ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଏହି ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ଚତୁର୍ଥ ଟେଷ୍ଟ ଖେଳୁଥିବାବେଳେ ସେ ଆଘାତ ପାଇଥିଲେ। ତେଣୁ ତାଙ୍କ ସ୍ଥାନରେ ଓଲି ପୋପ୍‌ଙ୍କୁ ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଘୋଷିତ ଏକାଦଶରେ ଇଂଲଣ୍ଡ ୪ଟି ପରିବର୍ତ୍ତନ କରିଛି। ଷ୍ଟୋକ୍ସଙ୍କ ସମେତ ଜୋଫ୍ରା ଆର୍ଚର, ବ୍ରାଏଡନ କ୍ରାସ ଓ ୪ର୍ଥ ଟେଷ୍ଟ ଖେଳିଥିବା ବାମହାତୀ ସ୍ପିନର ଲିଆମ ଡସନ୍ ଦଳରୁ ବାଦ୍ ପଡ଼ିଛନ୍ତି। ଏହି ଖେଳାଳିଙ୍କ ସ୍ଥାନରେ ୩ ଦ୍ରୁତ ବୋଲର ସରେର ଗସ୍ ଆଟକିନସନ, ଜେମି ଓଭରଟନ ଓ ନଟିଂହାମଶାୟରର ଜୋଶ୍ ଟଙ୍ଗ୍ ସାମିଲ ହୋଇଛନ୍ତି। ସେହିଭଳି ସ୍ପିନ ଅଲ୍‌ରାଉଣ୍ଡର ଜାକବ ବେଥେଲଙ୍କୁ ମଧ୍ୟ ସୁଯୋଗ ମିଳିଛି।

# ହେନରୀଙ୍କୁ ୬ ୱିକେଟ୍; ଜିମ୍ବାୱେ ୧୪୯ରେ ସୀମିତ



ବୁଲାୱାୟୋ, ୩୦।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଜିମ୍ବାୱେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର୍ ମ୍ୟାଟ୍ ହେନରୀଙ୍କୁ ସାମ୍ନା କରି ନ ପାରି ଜିମ୍ବାୱେ ପ୍ରଥମ ପାଳିରେ ୬୦.୩ ଓଭର ଖେଳି ମାତ୍ର ୧୪୯ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଅଧିନାୟକ କ୍ରେଗ୍ ଏର୍ଭିନ ସର୍ବାଧିକ ୩୯, ୱିକେଟ୍‌ରକ୍ଷକ ତାଫାଦଜୱା ସିଗା ୩୦, ନିକ୍ ୱେଲ୍‌ଚ ୨୭, ବେନ କୁରାନ ୧୩ ରନ କରିଥିଲେ। ଅଭିଜ୍ଞ ଖେଳାଳି ସିନ୍ ୱିଲିୟମ୍ସ ୨ ଓ ବ୍ରାଏନ ବେନେଟ୍ଟ ୬ ରନ କରି ନିରାଶ କରିଥିଲେ। ହେନରୀ ସବୁଠୁ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ସେ ୩୯ ରନ ବ୍ୟୟରେ ୬ଟି ୱିକେଟ୍ ନେଇଥିଲେ। ନାଥନ ସ୍ମିଥ ୩ଟି ୱିକେଟ୍ ନେଇଥିବାବେଳେ ଭିନସେଣ୍ଟ ମାସେକେସା ରନ୍‌ଆଉଟ୍ ହୋଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଷ୍ଟମ୍ପସ ସୁଦ୍ଧା ୨୬ ଓଭରରେ କୌଣସି ୱିକେଟ୍ ନ ହରାଇ ୯୧ ରନ ସଂଗ୍ରହ କରିଛି। ୱିଲ ୟଙ୍ଗ ୪୧ ଓ ଡେଭନ କନୱେ ୫୧ ରନ କରି ଖେଳୁଛନ୍ତି।

### ଗ୍ରୀନ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ସ୍ନୁକର

# ଆଜିଠୁ ନକ୍‌ଆଉଟ୍ ପର୍ଯ୍ୟାୟ

ଭୁବନେଶ୍ୱର, ୩୦।୭ (ସମିସ): ସ୍ଥାନୀୟ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରୀନ୍ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଯାଇଛି। ଗୁରୁବାରଠାରୁ ନକ୍‌ଆଉଟ୍ ତଥା ପ୍ରି-କ୍ୱାର୍ଟର ରାଉଣ୍ଡ ଆରମ୍ଭ ହେବ। ବୁଧବାର ଅନୁଷ୍ଠିତ ମ୍ୟାଚରେ ନିଶାନ୍ତ ବିଶ୍ୱାଳ, କୁନାଲ ଅଗରୱାଲ, ଶରଦ ବେହେରା, ସିଦ୍ଧାର୍ଥ ସେନ, ବରୁଣ ପୂର୍ବା, ଚେତନ ଆନନ୍ଦ, ଆକାଶ ମହାପାତ୍ର ଓ ଜ୍ଞାନ ଦାସ ବିଜୟ ହୋଇଛନ୍ତି। ଏଥିସହ ଡ. ରାକେଶ ପ୍ରଧାନ, ଅଲତାଫ ଅଲି, ଆକାଶ, ଜ୍ଞାନ, ଚେତନ, ନିଶାନ୍ତ, ସିଦ୍ଧାର୍ଥ, ସୁବ୍ରତ ଦାସ, ଅବିନାଶ ମହାପାତ୍ର, କୁନାଲ, ଶରଦ, ଚିରାଗ ଆରୋରା ଓ ରଞ୍ଜିତ ପତି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

● ୧୭ ବର୍ଷରୁ କମ୍ ବିଶ୍ୱ ରେସଲିଂ

# ହର୍‌ଦୀପ୍ ବିଶ୍ୱ ଚାମ୍ପିଅନ




ଏଥେନ୍ସ, ୩୦।୭ (ଏଜେନ୍ସି): ଗ୍ରୀସରେ ଚାଲିଥିବା ୧୭ ବର୍ଷରୁ କମ୍ ବିଶ୍ୱ ରେସଲିଂ ଚାମ୍ପିଅନସିପ୍‌ରେ ଭାରତକୁ ବଡ଼ ସଫଳତା ମିଳିଛି। ଏଥିରେ ଭାରତର ହର୍‌ଦୀପ୍ ଗ୍ରୀକୋ-ରୋମାନ ରେସଲିଂର ୧୧୦ କିଗ୍ରା ବିଭାଗରେ ବିଶ୍ୱ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ହର୍‌ଦୀପ୍ ଇରାନର ୟାଜଦାନ ରିଜା ଡେଲ୍‌ରୌଜଙ୍କୁ ପରାସ୍ତ କରିଥିଲେ। ଏଥିସହ ଗ୍ରୀକୋ-ରୋମାନର ସବୁଠୁ ଓଜନ ବିଭାଗରେ ଚାମ୍ପିଅନ ହେବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି। ତାଙ୍କ ପୂର୍ବରୁ ବିନୋଦ କୁମାର (୧୯୮୦ରେ ୪୫ କିଗ୍ରା), ପପୁ ଯାଦବ (୧୯୯୨ରେ ୫୧ କିଗ୍ରା) ଓ ସୂରଜ (୨୦୨୨ରେ ୫୫ କିଗ୍ରା) ଚାମ୍ପିଅନ ହୋଇଥିଲେ ମଧ୍ୟ ଏହା ଲାଇଟ୍-ୱେଟ୍ ବର୍ଗର ଥିଲା। ହର୍‌ଦୀପଙ୍କ ବିଜୟ ଚଳିତ ବିଶ୍ୱ ରେସଲିଂ ଚାମ୍ପିଅନସିପ୍‌ରେ ଭାରତର ପ୍ରଥମ ପଦକ ଥିଲା।

## ୱାର୍ଲ୍ଡ ଚାମ୍ପିଅନ୍‌ସିପ୍ ଅଫ୍ ଲିଜେଣ୍ଡସର ସେମିଫାଇନାଲ

# ପାକିସ୍ତାନ ସହ ଖେଳିବାକୁ ମନାକଲା ଭାରତ




ବର୍ମିଂହାମ, ୩୦।୭ (ଏଜେନ୍ସି): ଅବସରପ୍ରାପ୍ତ ଅନ୍ତର୍ଜାତୀୟ କ୍ରିକେଟର୍‌ଙ୍କୁ ନେଇ ଇଂଲଣ୍ଡରେ ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡ (ଡବ୍ଲ୍ୟୁସିଏଲ୍) ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ଏହାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିବାବେଳେ ଗୁରୁବାର ଦୁଇଟିଯାକ ସେମିଫାଇନାଲ ଅନୁଷ୍ଠିତ ହେବ। ଭାରତ ଚାମ୍ପିଅନ୍ସ ଓ ପାକିସ୍ତାନ ଚାମ୍ପିଅନ୍ସ ମଧ୍ୟରେ ସନ୍ଧ୍ୟାରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଚାମ୍ପିଅନ୍ସ ଓ ଅଷ୍ଟ୍ରେଲିଆ ଚାମ୍ପିଅନ୍ସ ପରସ୍ପରକୁ ଭେଟିବେ। ତେବେ ଏହି ହାଇଭୋଲଟେଜ୍ ସେମିଫାଇନାଲ ପୂର୍ବରୁ ଭାରତୀୟ ଦଳ ଏକ ବଡ଼ ନିଷ୍ପତ୍ତି ନେଇଛି। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ସେମିଫାଇନାଲ ମ୍ୟାଚ୍ ଖେଳିବାକୁ ଯୁବରାଜ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମନା କରିଦେଇଛି। 'ଦେଶ ପ୍ରଥମେ' ନ୍ୟାୟରେ ଅଧିନାୟକ ଯୁବରାଜଙ୍କ ସମେତ ସୁରେଶ ରାଇନା, ଶିଖର ଧାୱନ, ୟୁସୁଫ୍ ପଠାନ ପ୍ରମୁଖ ଏହି ମ୍ୟାଚ୍ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଏହାକୁ ନେଇ ଭାରତର 'ଅପରେସନ ସିନ୍ଦୁର' ପରେ ଦୁଇଦେଶ ମଧ୍ୟରେ ତିକ୍ତତା ଶୀର୍ଷରେ ପହଞ୍ଚିଛି। ଆତଙ୍କବାଦକୁ ସମର୍ଥନ କରୁଥିବା ଦେଶ ସହ କ୍ରିକେଟ ଏକାଠି ଖେଳାଯାଇପାରିବ ନାହିଁ ବୋଲି ଭାରତୀୟ ଖେଳାଳିମାନେ କହିଛନ୍ତି। ପୂର୍ବରୁ ମଧ୍ୟ ଲିଗ୍ ପର୍ଯ୍ୟାୟରେ ଭାରତୀୟ ଖେଳାଳିମାନେ ସମାନ କାରଣ ଲାଗି ପାକିସ୍ତାନ ସହ ଖେଳି ନ ଥିଲେ। ଭାରତ ସେମିଫାଇନାଲ୍ ନ ଖେଳିବା ଫଳରେ ପାକିସ୍ତାନକୁ ଫାଇନାଲରେ ପ୍ରବେଶ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଡବ୍ଲ୍ୟୁସିଏଲ୍‌ର ଅନ୍ୟତମ ପ୍ରମୁଖ ପ୍ରାୟୋଜକ 'ଇଜି ମାଇଁ ଟ୍ରିପ' ମଧ୍ୟ ଭାରତ-ପାକିସ୍ତାନ ସେମିଫାଇନାଲ ମ୍ୟାଚରୁ ଓହରିଯିବା ନେଇ ପୂର୍ବରୁ ଘୋଷଣା କରିଥିଲା। ଆତଙ୍କବାଦ ଓ କ୍ରିକେଟ୍ ଏକାଠି ହୋଇପାରିବ ନାହିଁ ବୋଲି ଏହାର ସହ-ପ୍ରତିଷ୍ଠାତା ନିଶାନ୍ତ ପିଟ୍ଟି କହିଥିଲେ।

## ଦକ୍ଷିଣ ଆଫ୍ରିକା ବିପକ୍ଷ ସୀମିତ ଓଭର ସିରିଜ୍

# ଅଷ୍ଟ୍ରେଲିଆ ଦଳକୁ ହେଡ୍, ହାଜଲେଉଡ୍ ଫେରିଲେ

ସିଡ୍‌ନୀ, ୩୦।୭ (ଏଜେନ୍ସି)



ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ସୀମିତ ଓଭର ସିରିଜ ଲାଗି ବୁଧବାର ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ମିଚେଲ ମାର୍ଶଙ୍କୁ ଉଭୟ ଟି-୨୦ ଓ ଏକଦିବସୀୟ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଘୋଷିତ ଟି-୨୦ ଦଳକୁ ଦୁର୍ଦ୍ଧର୍ଷ ଓପନିଂ ବ୍ୟାଟର୍ ଟ୍ରାଭିସ୍ ହେଡ୍ ଓ ଅଭିଜ୍ଞ ଦ୍ରୁତ ବୋଲର ଜୋଶ୍ ହାଜଲେଉଡ୍‌ଙ୍କୁ ସାମିଲ କରାଯାଇଛି। ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ ଉଭୟଙ୍କୁ ବିଶ୍ରାମ ଦିଆଯାଇଥିଲା। ତେବେ ୱେଷ୍ଟଇଣ୍ଡିଜ ସିରିଜରେ ଖେଳି ନ ଥିବା ଦୁଇ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କୁ ପୁଣିଥରେ ବିଶ୍ରାମ ଦିଆଯାଇଛି। ୱେଷ୍ଟଇଣ୍ଡିଜ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜକୁ ଅଷ୍ଟ୍ରେଲିଆ ୫-୦ରେ କ୍ଲିନସୁଇପ୍ କରିଥିବାରୁ ଖେଳାଳିଙ୍କ ମନୋବଳ ଦୃଢ଼ ରହିଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅଷ୍ଟ୍ରେଲିଆ ଘରୋଇ ମାଟିରେ ୩ଟି ଲେଖାଏ ଟି-୨୦ ଓ ଏକଦିବସୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅଗଷ୍ଟ ୧୦, ୧୨ ଓ ୧୬ରେ ଯଥାକ୍ରମେ ୩ଟି ଯାକ ଟି-୨୦ ମ୍ୟାଚ୍ ଖେଳାଯିବ। ସେହିଭଳି ଅଗଷ୍ଟ ୧୯, ୨୨ ଓ ୨୪ରେ ଏକଦିବସୀୟ ମ୍ୟାଚ୍‌ଗୁଡ଼ିକ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

**ଅଷ୍ଟ୍ରେଲିଆ ଟି-୨୦ ଦଳ**

ମିଚେଲ ମାର୍ଶ (ଅଧିନାୟକ), ସିନ୍ ଆବଟ୍ଟ, ଟିମ୍ ଡେଭିଡ୍, ବେନ୍ ଡାର୍‌ୱିସ, ନାଥନ ଏଲିସ୍, କାମେରନ ଗ୍ରୀନ, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଟ୍ଟ କୁନେମାନ୍, ଗ୍ଲେନ ମ୍ୟାକ୍ସୱେଲ, ମିଚେଲ ଓ୍ୱେନ, ମାଥ୍ୟୁ ସର୍ଟ୍ ଓ ଆଦାମ ଜାମ୍ପା।

**ଅଷ୍ଟ୍ରେଲିଆ ଦିନିକିଆ ଦଳ**

ମିଚେଲ ମାର୍ଶ (ଅଧିନାୟକ), ଜାଭିଅର ବାର୍ଟଲେଟ୍, ଆଲେକ୍ସ କାରୀ, ବେନ୍ ଡାର୍‌ୱିସ, ନାଥନ ଏଲିସ୍, କାମେରନ ଗ୍ରୀନ, ଜୋଶ୍ ହାଜଲେଉଡ୍, ଟ୍ରାଭିସ୍ ହେଡ୍, ଜୋଶ ଇଂଲିଶ, ମାର୍ନସ ଲାବୁଶେନ, ଲାନ୍ସ ମୋରିସ, ମିଚେଲ ଓ୍ୱେନ, ମାଥ୍ୟୁ ସର୍ଟ ଓ ଆଦାମ ଜାମ୍ପା।

## ନ୍ୟାସନାଲ୍ ୱାଟର୍ ପୋଲୋ

# ଭାଗନେବେ କିସ୍‌ର ୨୬ ଖେଳାଳି



ଭୁବନେଶ୍ୱର, ୩୦।୭ (ସମିସ): ଆଗାମୀ ୪୧ତମ ଜାତୀୟ ସବ୍-ଜୁନିଅର ଓ ୫୧ତମ ଜୁନିଅର ନ୍ୟାସନାଲ ଆକ୍ୱାଟିକ୍ ଚାମ୍ପିଅନସିପ୍ (ୱାଟର ପୋଲୋ) ପାଇଁ ୨୮ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। କର୍ଣ୍ଣାଟକ ସନ୍ତରଣ ସଂଘ ଓ ଭାରତୀୟ ସନ୍ତରଣ ମହାସଂଘର ମିଳିତ ଆନୁକୂଲ୍ୟରେ ଏହି ଚାମ୍ପିଅନସିପ୍ ବେଙ୍ଗାଲୁରୁର କେନସିଙ୍ଗଟନ ପୁଲ୍‌ରେ ଅନୁଷ୍ଠିତ ହେବ। ଘୋଷିତ ଓଡ଼ିଶା ବାଳକ ଓ ବାଳିକା ଦଳରେ ୧୪ଜଣ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ସବୁଠୁ ଉଲ୍ଲେଖନୀୟ କଥା ହେଲା କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ୨୬ଜଣ ଛାତ୍ରଛାତ୍ରୀ ଏହି ଚାମ୍ପିଅନସିପ୍ ଲାଗି ମନୋନୀତ ହୋଇଛନ୍ତି। କିସ୍‌ର ମନୋନୀତ ହୋଇଥିବା ୨୬ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ୧୨ଜଣ ବାଳକ ଓ ୧୪ଜଣ ବାଳିକା ରହିଛନ୍ତି। ଦୀପଙ୍କର ଦାସ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣ କରିବାକୁ ଯାଉଥିବା ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ସହ ଆଗାମୀ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS